ତିର ସଂକ୍ଷେପ ବିବରଣ ଲେଖୁଅଛୁଁ । କଟକରେ ଏଥିପୂର୍ବେ ଏକ କମିଟୀ ବସି ସନ ୧୮୭୦ ସାଲରେ ଯେଉଁ ପାଣ୍ଡୁଲିପି ପ୍ରସ୍ତୁତ କରି ଗବର୍ଣ୍ଣମେଣ୍ଟଙ୍କୁ ପଠାଇଥିଲେ ଓ ଯାହା କଲିକତା ଗଜେଟରେ ଛପା ହୋଇଅଛି ବର୍ତ୍ତମାନ ବ୍ୟବସ୍ଥାର ଆଦର୍ଶ ତାହାହିଁ ଅଟଇ କେବଳ କେତେଗୁଡ଼ିଏ ଆବଶ୍ୟକୀୟ ପରିବର୍ତ୍ତନ ହୋଇଅଛି । ଏ ବ୍ୟବସ୍ଥାର ସାର କଥା ଏହି ଯେ ପ୍ରତ୍ୟେକ ଜିଲା କିମ୍ବା ଉପବିଭାଗରେ ଏକ ସଦର କମିଟୀ ନିଯୁକ୍ତ ହେବ । କମିଟୀର ମେମ୍ବରମାନେ ଗବର୍ଣ୍ଣମେଣ୍ଟରୁ ନିଯୁକ୍ତ ହେବେ ଏମାନଙ୍କ ସଂଖ୍ୟା ୧୧ କି ୧୩ ଜଣ ହେବ ଏଥିମଧ୍ୟରେ ୮ କି ୯ ହିନ୍ଦୁ ଓ ୩ କି ୪ ମୁସଲମାନ ହେବେ । ଏହାଙ୍କ ଅଧୀନରେ ଜଣେ ବେତନଭୋଗୀ ସେକ୍ରେଟରୀ ରହିବେ ତାହାଙ୍କ ବେତନସବୁ ମଠଉପରେ ବଣ୍ଟେଣି ହୋଇ ଆଦାୟ ହେବ । ଏହି ସଦର କମିଟୀର ତତ୍ତ୍ୱାବଧାରଣ ଓ ଶାସନରେ ସମସ୍ତ ସଦାବର୍ତ୍ତ ମଠ ରହିବ । ଏପରି ପ୍ରତ୍ୟେକ ସଦାବର୍ତ୍ତ ମଠ ବା ଆଶ୍ରମ ସକାଶେ ଗୋଟିଏ ଲେଖାଏଁ ସ୍ଥାନୀୟ କମିଟୀ ନିଯୁକ୍ତ ହେବ । ଏଥିର ମେମ୍ବର ତିନିରୁ ଊଣ ନୋହିବେ । ଯେଉଁ ଧର୍ମର ମଠ ସେହି ଧର୍ମର ଲୋକ ତହିଁରେ ନିଯୁକ୍ତ ହେବେ । ସ୍ଥାନୀୟ କମିଟୀ ସଦର କମିଟୀର ଅଧୀନରେ କର୍ମ କରିବେ ଓ ସଦର କମିଟୀ ସ୍ଥାନୀୟ କମିଟୀ ଓ ମଠର ମହନ୍ତ ପ୍ରଭୃତି ମାରଫତଦାରଙ୍କ ଯେଉଁ ନିୟମରେ କାର୍ଯ୍ୟ କରିବାକୁ ହେବ ତହିଁର ନିୟମାବଳୀ ପ୍ରସ୍ତୁତ କରିବେ । ସଦର କମିଟୀର କୌଣସି ମେମ୍ବରର ପଦଶୂନ୍ୟ ହେଲେ ଗବର୍ଣ୍ଣମେଣ୍ଟ କମିଶନର କିମ୍ବା କଲେକ୍ଟରଙ୍କ ମନୋନୀତ ମତେ ନୂତନ ମେମ୍ବର ନିଯୁକ୍ତ କରିବେ ଓ ସ୍ଥାନୀୟ କମିଟୀର ମେମ୍ବର ସଦର କମିଟୀଦ୍ୱାରା ନିଯୁକ୍ତ ହେବେ । ମହନ୍ତ ପ୍ରଭୃତି ମାରଫତଦାର ନିଯୁକ୍ତି ଓ ବରଖାସ୍ତ କରିବାର ଅଧିକାର ସଦର କମିଟୀଦ୍ୱାରା ହେବ । ସ୍ଥାନୀୟ କମିଟୀ ମାରଫତଦାରଙ୍କ ଦୁଷ୍ଟଚରିତ୍ରତା ଓ ପଦଶୂନ୍ୟ ବିଷୟରେ ସଦରକମିଟୀକୁ ରିପୋର୍ଟ କରିବେ । ସଦର କମିଟୀର ମେମ୍ବରମାନେ ଧର୍ମର ବାଧା ନ ଥିଲେ ମଠ ଓ ଅନ୍ୟ ଧର୍ମାଳୟମାନଙ୍କରେ ପ୍ରବେଶ କରି ଅନୁସନ୍ଧାନ ଓ ସମସ୍ତ ହିସାବ ପତ୍ର ଦେଖି ପାରିବେ ଓ ହଲପଦେଇ ଗୁହାଙ୍କ ଜୋବାନବନ୍ଦୀ ନେଇ ପାରିବେ । ସିବିଲ କୋର୍ଟ ଏହାଙ୍କ ପ୍ରାର୍ଥନାମତେ ଗୁହାଙ୍କ ନାମରେ ସମନଜାରି କରିବେ । ସଦର କମିଟୀ କିମ୍ବା ସ୍ଥାନୀୟ କମିଟୀର ମେମ୍ବରମାନେ ଆପଣା କର୍ମରେ ତ୍ରୁଟି ବା ଅନ୍ୟାୟାଚରଣ କଲେ ଲେଫଟେନାଣ୍ଟ ଗବର୍ଣ୍ଣରଙ୍କ ଆଜ୍ଞାକ୍ରମେ ବରଖାସ୍ତ ହୋଇ ପାରିବେ । ପ୍ରତ୍ୟେକ ମହନ୍ତ ଅଧିକାରୀ ଅଥବା ମାରଫତଦାର ଏକ ଉଇଲଦ୍ୱାରା ଆପଣା ଉତ୍ତରାଧିକାରୀ ନିଯୁକ୍ତ କରିବାକୁ ବାଧ୍ୟ ହେବେ । ଉକ୍ତ ଉଇଲ ଲଫାଫାରେ ବନ୍ଦକରି ସଦର କମିଟୀର କଚେରୀରେ ରଖିବେ ଯେ ଉଇଲ କର୍ତ୍ତାଙ୍କ ମୃତ୍ୟୁ ଉତ୍ତାରୁ ତାହା ଫିଟାଯିବ ଓ ତହିଁ ଲିଖିତ ବ୍ୟକ୍ତି ତାହାଙ୍କ ପଦରେ ନିଯୁକ୍ତ ହେବ । ଉଇଲ ନ ଥିଲେ ସଦର କମିଟୀ ସ୍ଥାନୀୟ କମିଟୀର ପରାମର୍ଶ ସହିତ ଜଣେ ଉପଯୁକ୍ତ କର୍ମଚାରୀ ନିଯୁକ୍ତ କରିବେ । କୌଣସି ମହନ୍ତ ଅଧିକାରୀ ବା ମାରଫତଦାରର ଦୁଷ୍ଟଚରିତ୍ର, କାର୍ଯ୍ୟରେ ତ୍ରୁଟି ଅଥବା ଦାନସମ୍ପତ୍ତି ଅପବ୍ୟୟ କରିବାର ଦେଖାଗଲେ ସଦର କମିଟୀ ତାହାକୁ ବାହାର କରି ଦେଇ ପାରିବେ । ସଦର କମିଟୀର ଆଜ୍ଞାମାନ ଅଦାଲତଦ୍ୱାରା ଜାରି ହୋଇ ପାରିବ । ସଦର କମିଟୀର ସମସ୍ତ କାର୍ଯ୍ୟ ସଭାରେ ହେବ ଓ ସେକ୍ରେଟରୀ ସମସ୍ତ ଲେଖା ପଢ଼ି କର୍ମ କରିବେ । ଏ ଆଇନାନୁସାରେ କାର୍ଯ୍ୟ କରିବାର ସମସ୍ତ ବ୍ୟୟ ସବୁ ମଠଉପରେ ବଣ୍ଟେଣି ହୋଇ ଆଦାୟ ହେବ ମାତ୍ର ପ୍ରତ୍ୟେକ ମଠ ସଂକ୍ରାନ୍ତ ମୋକଦ୍ଦମା ଇତ୍ୟାଦିର ଖର୍ଚ୍ଚ ସେହି ମଠରୁ ଆଦାୟ ହେବ । ସଦର କମିଟୀ ଓ ସ୍ଥାନୀୟ କମିଟୀ ଦାତାମାନଙ୍କର ପ୍ରତିନିଧିସ୍ୱରୂପ ସମସ୍ତ ଅଦାଲତରେ ଗଣ୍ୟ ହେବେ । ସଦର କମିଟୀ ଅଥବା ସ୍ଥାନୀୟ କମିଟୀଙ୍କର ଏ ଆଇନାନୁସାରେ କାର୍ଯ୍ୟପ୍ରତି ଯେ କେହି ବାଧା ଦେବ ସେ ସରକାରୀ କର୍ମଚାରୀକୁ ଆପଣା କର୍ତ୍ତବ୍ୟ କର୍ମରେ ବାଧା ଦେବାର ଜ୍ଞାନ ହେବ । ଅଦାଲତ କେବଳ ସଦର କମିଟୀଙ୍କ ରୁଜୁହିଆ ଅଥବା ତାହାଙ୍କ ବିରୁଦ୍ଧରେ ରୁଜୁ ହେବା ମୋକଦ୍ଦମା ଭିନ୍ନ ଆଉ କିଛି ଶୁଣିବେ ନାହିଁ । କୌଣସି ମଠର ମହନ୍ତ କି ଅନ୍ୟ ପ୍ରଧାନ କର୍ମଚାରୀ ଅଥବା ସ୍ଥାନୀୟ କେହି ମେମ୍ବର ଆପଣା କର୍ତ୍ତବ୍ୟ କର୍ମରେ ତ୍ରୁଟି କଲେ କି ଅନ୍ୟାୟ କାର୍ଯ୍ୟ କଲେ କେହି ବ୍ୟକ୍ତି କି ଯାହାର ଉକ୍ତ ମଠକୁ ଯିବାର ଅଧିକାର ଅଛି ଅଥବା ସର୍ବଦା ଯିବା ଆସିବା କରିବାରୁ ସେପରି ସତ୍ତ୍ୱବାନ୍ ହୋଇଅଛି ସଦର କମିଟୀ ନିକଟରେ ନାଲିଶ କରି ପାରିବ ଓ ସଦର କମିଟୀ ଉକ୍ତ ମହନ୍ତ କି ମେମ୍ବର ପକ୍ଷରେ ଉଚିତ କର୍ମ କରିବାର ଆଜ୍ଞା ଦେବେ ଓ ଖେସାରତ ମଧ୍ୟ ଦିଆଇ ପାରିବେ । ଏ ଆଇନାନୁସାରେ କୌଣସି ମୋକଦ୍ଦମା ଅଦାଲତରେ କରିବାକୁ ହେଲେ ପ୍ରଥମେ ଅଦାଲତଙ୍କର ଅନୁମତି ନେବାକୁ ହେବ । ଅଦାଲତଙ୍କ ଆଦେଶ ଅଥବା ପକ୍ଷଙ୍କ ପ୍ରାର୍ଥନାମତେ ମୋକଦ୍ଦମାର ବିଚାର ପଞ୍ଚାଏତରେ ହୋଇ ପାରିବ । ଯେ ସମସ୍ତ ଦେବୋତ୍ତର ସମ୍ପତ୍ତି ପକ୍ଷରେ ଏମନ୍ତ ନିୟମ ଅଛି କି ଦାତାଙ୍କର ବଂଶୀୟ ଲୋକ ତହିଁର ଉତ୍ତରାଧିକାରୀ ହେବେ ତହିଁ ପକ୍ଷରେ ଏ ଆଇନ ପ୍ରବଳ ହେବ ନାହିଁ । ସଦର କମିଟୀ ଅନୁସନ୍ଧାନ କରି ଯେ ସମସ୍ତ ମଠପ୍ରତି ଏ ଆଇନ ଚଳାଇବାକୁ ଇଚ୍ଛା କରିବେ ଗବର୍ଣ୍ଣମେଣ୍ଟଙ୍କୁ ତହିଁର ତାଲିକା ପଠାଇବେ ଓ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କରି ଗଜେଟରେ ଘୋଷଣା ଦେଲେ ସେ ମଠପ୍ରତି ଆଇନ ପ୍ରଚଳିତ ହେବ । ମାତ୍ର ଯେଉଁ ଦାନ ସମ୍ପତ୍ତିପ୍ରତି ସନ ୧୮୬୩ ସାଲର ୨୦ ଆଇନର ଆଠଧାର ମତେ କମିଟୀ ନିଯୁକ୍ତ ହୋଇଅଛି ସେ ସମସ୍ତ ଆଇନକାରି ମାତ୍ରକେ ଏଥିର ଅଧୀନରେ ଆସିବ ।

ଉପର ଲିଖିତ ବିବରଣରୁ ପାଠକମାନେ ଦେଖିବେ ଯେ ମାନ୍ଦ୍ରାଜର ପ୍ରସ୍ତାବଠାରୁ ଏହା ଅନେକ ଅଂଶରେ ସହଜ ଏବଂ ଗବର୍ଣ୍ଣମେଣ୍ଟଙ୍କର ଧର୍ମ ବିଷୟରେ ନିରପେକ୍ଷ ଭାବ ସହିତ ଐକ୍ୟ ହୋଇଅଛି । ଏଥିରେ ଯେମନ୍ତ ମହଲୁମା ଖର୍ଚ୍ଚ ଅତ୍ୟନ୍ତ ଊଣା ତେମନ୍ତ ସଦର ଓ ସ୍ଥାନୀୟ କମିଟୀଙ୍କ ଅତ୍ୟନ୍ତ ନିକଟ ସମ୍ବନ୍ଧ ହୋଇଅଛି । ରାଜଧାନୀର ଲୋକ ଅପେକ୍ଷା ଜିଲ୍ଲାର ଲୋକଙ୍କୁ କୌଣସି ମଠର ଭଲ ମନ୍ଦ ଜାଣିବାର ଅନେକ ସୁଯୋଗ ହେବ ଏବଂ ସତ୍ତ୍ୱବାନ୍ ଲୋକମାନେ ମଧ୍ୟ କୌଣସି ବ୍ୟୟ ଓ କ୍ଳେଶ ବିନା କମିଟୀଙ୍କ ନିକଟରେ ଗୁହାରି କରି ପାରିବେ । ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଯେ ଏହାଦ୍ୱାରା ସଦାବର୍ତ୍ତ ସମ୍ପତ୍ତିର ଅପବ୍ୟୟ ନିବାରଣ ହେବ ଏବଂ ଆମ୍ଭେମାନେ ଅନୁରୋଧ କରୁଁ କି ଗବର୍ଣ୍ଣମେଣ୍ଟ ଏପରି ଆଇନ ପ୍ରଚଳିତ କରିବା ବିଷୟରେ ଆଉ ବିଳମ୍ବ କରିବେ ନାହିଁ ।

---

## ସାପ୍ତାହିକସଂବାଦ ।

ଉତ୍କଳଦର୍ପଣରେ ପାଠ କଲୁଁ ଯେ ଅଳ୍ପଦିନ ତଳେ ସୋରୋ ଇଲାକାରେ ଗୋଟାଏ କାଣ୍ଡ ଜଳୁଥିବାରୁ ମାଭି ପରୀକ୍ଷା କରିବାରେ ଦେଖା ଗଲା ଯେ ତାହା ଜହ୍ନାରେ ଗୃହଗୋଟା

Split by PDF Splitter
Digitized by srujanika@gmail.com

ବାଳ ଉଠିଥିଲା । ଲୁଙ୍ଗୁର ବଲୁଅ ଜନ୍ତୁରେ ବାଳ ହେଲେ ସେମାନେ ବାଘ ହେବାର ଯେ କଥା ଅଛି ତାହା ଯଥାର୍ଥ ଅଟଇ ।

ଉଟମରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଅତିଶୟ ବୃଷ୍ଟି ହେବାରୁ ସେ ଅଞ୍ଚଳରେ ଗୃହପଣ ଧାନ ନୋକଶାନ ହୋଇଅଛି ।

ଉତ୍କଳଦର୍ପଣରୁ ଜଣାଯାଏ ଯେ ବାଲେଶ୍ୱର ନଗରର ଲାଇସେନ୍ସଟାକ୍ସ ବନ୍ଦୋବସ୍ତ ଶେଷ ହୋଇ ଏବେ ତେଷ୍ଟହାର ତହିଁର ଅପିଲ ଶୁଣା ଯାଉଅଛି । ବେଞ୍ଚରେ କୁମାର ବୈକୁଣ୍ଠନାଥ ଦେ, ବାବୁ ରାଧାରମଣ ଦାସ ଓ ବାବୁ ମଦନମୋହନ ଦାସ ପ୍ରଭୃତି ଉପସ୍ଥିତ ଥାଇ ସୁବିଚାର କରୁଅଛନ୍ତି ।

ବାର୍ଗଲହଷ୍ଟରେ ଅନ୍ୟ ସମ୍ବାଦପତ୍ରରୁ ଏକ ପ୍ରେରିତପତ୍ର ଉଦ୍ଧୃତ ହୋଇଅଛି ତହିଁରେ ଲେଖାଅଛି ଯେ ପତ୍ରପ୍ରେରକ ନେତ୍ରଅଷ୍ଟା ନାମକ ଏକ ବଳିଦାନ ପୂଜା ଦେଖିବାକୁ ଯାଇଥିଲେ । ପୂଜାସ୍ଥଳରେ କୋଡ଼ିଏଜଣ ଧାଡ଼ି ହୋଇ ବସିଲେ ଓ ତାହାଙ୍କ ମୁଣ୍ଡ ଉପରେ ପ୍ରାୟ ଷାଠିଏଟା ନଡ଼ିଆ ଭଙ୍ଗା ଗଲା । ନଡ଼ିଆରୁ ମୁଣ୍ଡ ଉପରେ କ୍ରମଭାଗେ ତାହା ଖଣ୍ଡ ହୋଇ ଗଲା । କାହାର ମୁଣ୍ଡରୁ ଟୋପାଏ ରକ୍ତ ବହିଲା ନାହିଁ କି କଛି ମାତ୍ର ଫୁଲି ଯିବାର କି ଘା ହେବାର ଚିହ୍ନ ଦେଖା ଗଲା ନାହିଁ । ଏ ସାଧନଟି ବଡ଼ ଆଶ୍ଚର୍ଯ୍ୟ ଅଟଇ ।

ଭାରତବର୍ଷୀୟ ଶସ୍ୟର ଶୁଖିଲଗଛ ଅର୍ଥାତ ଝଣରୁ ଗୁଡ଼ ବାହାର କରିବାର ଉପାୟ ଆବିଷ୍କୃତ ହୋଇ ତହିଁର ପରୀକ୍ଷା ହେଉଅଛି । ଏହା ସଫଳ ହେଲେ ଗୁଡ଼ ବଡ଼ ଶସ୍ତା ହେବ ।

ବ୍ରହ୍ମଦେଶର ନୂତନ ରଜା ଆପଣା କୁଳର ନିୟମାନୁସାରେ ବୈମାତ୍ରେୟ ଭଗିନୀଙ୍କୁ ବିବାହ କରିଅଛନ୍ତି । ଏହିପରି ଦୁଇଭଗିନୀଙ୍କୁ ଏକାଦିନରେ ବିବାହ କଲେ । ଏପରି କୁଳାଚାର ଅନ୍ୟ କୌଣସିଠାରେ ଥିବାର ଶୁଣା ନାହିଁ ।

ସାନ୍ତାଳପରଗଣାରେ ଏ ବର୍ଷ ଉତ୍ତମ ଫସଲ ହୋଇଅଛି ଓ ବର୍ତ୍ତମାନ ଟଙ୍କାକୁ ସେ ୨୦ ର ଚାଉଳ ମିଳୁଅଛି ।

ମାନ୍ୟବର ଡାମ୍ପିଅର ସାହେବ ବିଲାତରୁ ଫେରି ଆସି ବୋର୍ଡର ପ୍ରଧାନମେମ୍ବର ପଦର ଭାର ଗ୍ରହଣ କରିଅଛନ୍ତି ।

ବର୍ଲିନନଗରରେ ହୋଇଥିବା ସନ୍ଧିପତ୍ରର ନିୟମମାନ ଦୃଢ଼ରୂପେ ପ୍ରତିପାଳନ କରିବେ ବୋଲି ରୁସିଆର ସମ୍ରାଟ ପ୍ରକାଶ୍ୟରୂପେ କହିଅଛନ୍ତି । କାର୍ଯ୍ୟରେ ନ ଦେଖିଲେ ବିଶ୍ୱାସ ହେଉ ନାହିଁ ।

ଜଣେ କାବୁଲି ଜଲଲବାଦରୁ ନାଲସରଜକୁ ଆସିଅଛି ତାହାର କହିବାରୁ ଜଣାଯାଏ ଯେ ଜଲଲବାଦରେ ଅଧିକ ସୈନ୍ୟ ନାହାନ୍ତି ଏବଂ ଅମିର କାବୁଲରେ ଅଛନ୍ତି ।

କାବୁଲରେ ୪୦୦୦୦ ସୈନ୍ୟ ଅଛି ବୋଲି ଜଣେ ରୁସୀୟ ଜେନରଲ ଅନୁମାନ କରୁଅଛନ୍ତି ।

ଅମେରିକାରେ ମେମ ଅଷ୍ଟିନ ସ୍ତ୍ରୀମାନଙ୍କ ମଧ୍ୟରେ ସର୍ବପ୍ରଧାନ ଅଟଇ । ଏ ବ୍ୟକ୍ତି ୪୪ ଟା ପିଲା ଜନ୍ମ କରିଅଛି । ୧୩ ଗର୍ଭରେ ଦୁଇଟା ଏବଂ ୭ ଗର୍ଭରେ ତିନିଟା ଲେଖାଏଁ ଜନ୍ମ କରିଥିଲା । ଏହାର ଭଉଣୀର ବୟସ ୪୩ ବର୍ଷ ଏହି ମଧ୍ୟରେ ୨୭ ଟା ପିଲା ଜନ୍ମ କରିଅଛି ଏବଂ ଏହାର ସ୍ୱାମିର ଭଉଣୀ ୪୧ ଟା ପିଲା ଜନ୍ମ କରିଥିଲା । ଏପରି ତିନୋଟି ସ୍ତ୍ରୀ ୧୧୧ ପିଲା ଦେଇଅଛନ୍ତି ।

ମାନ୍ଦ୍ରାଜିରେ ଚାଉଳର ଦର ଅବଧି ଶସ୍ତା ହୋଇ ନାହିଁ ବରଂ ଗତ ସପ୍ତାହ ଅପେକ୍ଷା କିଛି ବୃଦ୍ଧି ହୋଇଅଛି । ଅନଯାଏ ଯେବେ ମଝଦିର ଉହଲା ତେବେ ନୂଆଫସଲ କଟା ଗଲେ ବିଶେଷ ଶସ୍ତା ହେବ ଏମନ୍ତ ସମ୍ଭବ ହେଉ ନାହିଁ ।

ବଙ୍ଗାଲୋରରେ ଯେଉଁ ଅଦର୍ଶ ଦେଖା ଅଛି ତହିଁର ସୁପ୍ରସିଦ୍ଧ ହାରମାନସାହେବ ମହାଶୟର ଗୃହ ତାଲୁକରେ ଗନ୍ତ୍ରକର ଦେଖି ଅଛନ୍ତି ଯେ ଦସ୍ତ ଲଙ୍ଗଳର ବସ୍ତୁର ଅଦର ପ୍ରଜାମାନଙ୍କ ମଧ୍ୟରେ ବଢ଼ିଅଛି । ପ୍ରାୟ ୫୦୦ ଜଣ ପ୍ରଜା ଉକ୍ତ ପ୍ରକାର ଲଙ୍ଗଳ ଅଣାଇଦେବାକାରଣ ତାହାଙ୍କୁ ପ୍ରାର୍ଥନା କରିଅଛନ୍ତି । ଜଳଜମି ଚଷ ପକ୍ଷରେ ଏହା ଅତ୍ୟନ୍ତ ଉପକାର ଅଟଇ ।

ଲକ୍ଷ୍ନୌ ଵିଟନସ ପତ୍ରିକା ଦୀପାବଳୀ ପର୍ବର ପ୍ରଶଂସାକରି ଲେଖିଅଛନ୍ତି କି ଏ ପର୍ବଟି ବର୍ଷାକାଳର ଶେଷ ଏବଂ ଶୀତକାଳର ଆରମ୍ଭରେ ହୁଅଇ । ବର୍ଷାକାଳରେ ସମସ୍ତଙ୍କ ଘର ଓ ଅଗଣା ଭିଣା ଅଧିକ ଅପରିଷ୍କାର ଦ୍ରବ୍ୟରେ ପୂର୍ଣ୍ଣ ଥାଏ ଓ ବର୍ଷା ଶେଷରେ ଜ୍ୱରରୋଗ ହୁଅଇ । ଦୀପାବଳୀପର୍ବ ପୂର୍ବେ ଗୃହ ପରିଷ୍କାର କରିବାର ପ୍ରଥା ବହୁକାଳରୁ ପ୍ରଚଳିତ ଅଛି । ଏହା ସ୍ୱାସ୍ଥ୍ୟରକ୍ଷା ପକ୍ଷରେ ଅତ୍ୟନ୍ତ ମଙ୍ଗଳକର ଧର୍ମ ସଙ୍ଗରେ ଏହାର ଯୋଗ ଥିବାରୁ ସମସ୍ତ ଲୋକ ଆପଣା୨ ଘର ଅଗଣା ପରିଷ୍କାର କରନ୍ତି ଯେପରି ନ ଥିଲେ ଅତ୍ୟନ୍ତ ସ୍ୱେଚ୍ଛାଚାରୀ ରାଜା ପକ୍ଷରେ ମଧ୍ୟ ଅନେକ ପୁଲିସର ସାହାଯ୍ୟଦ୍ୱାରା ଏଡ଼େ ପରିଷ୍କାର କରାଇବା ଅସମ୍ଭବ ହୁଅନ୍ତା । ବାସ୍ତବରେ ଅମ୍ଭମାନଙ୍କର ଅଧିକାଂଶ ଆଚାର ବ୍ୟବହାର ଗର୍ଭରେ କଲ୍ୟାଣ ଅବସ୍ଥିତ କରଇ । ଅନକାଳର ଲୋକେ ତହିଁର ତତ୍ତ୍ୱ ନ ବୁଝି କୁସଂସ୍କାରବୋଲି ନିନ୍ଦା କରନ୍ତି ।

ମୁରଶିଦାବାଦ ନଦୀୟା ଏବଂ ଯଶୋରଜିଲାମାନଙ୍କ ମଧ୍ୟରେ ଏକ ରେଲବାଟ ନିର୍ମାଣ ହେବାର ସ୍ଥିର ହୋଇ ଜଳଦ କାର୍ଯ୍ୟ ଆରମ୍ଭ ହେବାର ବିଜ୍ଞାପନ କଲିକତା ଗେଜେଟରେ ବାହାରିଅଛି । କ୍ରମେ ବଙ୍ଗଳାର ସବୁ ଜିଲ୍ଲାରେ ରେଲ ହେଲା କେବଳ ଓଡ଼ିଶା କପାଳରେ ତାହା ଘଟିଲା ନାହିଁ ।

ହିନ୍ଦୁପେଟ୍ରିଅଟରେ ପାଠକଲୁଁ ଯେ ମଇମନସିଂହରେ ଚାଉଳର ଦର ମହଣ ଟ ୮ଙ୍କା ହୋଇଥିଲା । ସେଠାର ଜଣେ ଜମିଦାର ରାୟ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ବାହାଦୁର ପଞ୍ଚାଶ ମହଣ ଚାଉଳ ବଜାରକୁ ପଠାଇ କେବଳ ଖାଉଟିଅଙ୍କୁ ଶସ୍ତା ଦରରେ ବିକ୍ରୟ କରିବାର ଆଜ୍ଞା ଦେଲେ । ତହିଁରେ ବଜାର ଦର ମହଣ ଟ ୪। ଅଣା ହୋଇଗଲା । ଦୋକାନଦାରଙ୍କ ମେଲୀ ଭାଙ୍ଗିବାର ଏ ଦୃଷ୍ଟାନ୍ତ ବଡ଼ ଉତ୍ତମ ଅଟଇ ଧନବନ୍ତ ଜମିଦାରମାନେ ଏଥିକୁ ଏକା ସମର୍ଥ ।

ଏବର୍ଷ ବୃଷ୍ଟି ହେବାରୁ ବଙ୍ଗଳାରେ ଯେମନ୍ତ ଫସଲ ହୋଇଥିଲା ସେପରିମାଣରେ ରହିପାରିଲା ନାହିଁ । କେତେକ ସ୍ଥାନରେ ହିଟକା ଓ ଅନ୍ୟାନ୍ୟ ପୋକ ଜାତ ହୋଇ ଫସଲ ଖାଇଗଲେ ଓ କେତେକ ସ୍ଥାନରେ ଧୋଇହାରା ମଧ୍ୟ ଘଟି ହୋଇଅଛି ମୋଟଫଲ ଏହି ଯେ ସହଜପ୍ରକାରରେ ଉଣା କ୍ଷେତ ହୋଇଅଛି ।

କାବୁଲ ଯୁଦ୍ଧ ସକାଶେ ସଜ୍ଜିତ ହୋଇଥିବା ସେନାର ସଂଖ୍ୟା ଡେଇଲିନ୍ୟୁସ୍ ଏହିପରି ଲେଖିଅଛନ୍ତି ଯଥା;—ମେଜର ଜେନରଲ ରବର୍ଟଙ୍କ ଅଧୀନ କୁରମବାଲିରେ ୫୫୫୦, ମେଜର ଜେନରଲ ବିଡ୍ଲଫଙ୍କ ଅଧୀନ କୋଇଟାରେ ୭୨୫୦, ଲେଫ୍ଟନଣ୍ଟ ଜେନରଲ ଷ୍ଟିବାର୍ଟଙ୍କ ଅଧୀନ ୭୩୦୦, ଲେଫ୍ଟନଣ୍ଟ ଜେନରଲ ସେରସାମୁଏଲ ବ୍ରାଉନଙ୍କ ଅଧୀନ ପେସୱାରରେ ୧୦୦୦୦ ମୋଟ ୨୯୧୦୦ ଜଣ । ଏହାଛଡ଼ା ଜେନରଲ ବଡ଼ଙ୍କ ଅଧୀନରେ ୭୦୦୦ ଏବଂ ଜେନରଲ ନିମ୍ନୋଙ୍କ ଅଧୀନରେ ୭୦୦୦ ପ୍ରସ୍ତୁତ ରହିବେ ।

କଲିକତା ଏବଂ ଏହାର ନିକଟବର୍ତ୍ତୀ ସ୍ଥାନର ପ୍ରାୟ ଦୁଇହଜାର ଧୋବା ଏକତ୍ରିତହୋଇ ଧର୍ମଘଟ କରି ଅଛନ୍ତି ଯେ ସେମାନେ ବର୍ତ୍ତମାନ ଯେଉଁ ଦାରରେ ଲୁଗା କାଚୁଅଛନ୍ତି ତହିଁର ଦେଢ଼ା ଦାମ ନେବେ । ଉନ୍ନବଲ ସଭାକରି ଏମାନେ ଏହି ପ୍ରସ୍ତାବ ଧାର୍ଯ୍ୟ କରିଅଛନ୍ତି । ଲାଇସେନ୍ସ ଟାକ୍ସ ଏବଂ ଦ୍ରବ୍ୟାଦି ମହାର୍ଘ ହେବା ଏଥିର କାରଣ ଅଟଇ । ଏ ସମସ୍ତ ଧୋବାମାନେ ଶତକଡ଼ା ଦୁଇଟଙ୍କା ଯାହାରେ ୩ଟଙ୍କା ନେବେ ସ୍ଥିର କରୁଅଛନ୍ତି । ଲାଇସେନ୍ସ ଟାକ୍ସ ବ୍ୟବସାୟିଙ୍କ ଉପରେ ବସିଲା ସତ୍ୟ, କିନ୍ତୁ ସମସ୍ତଙ୍କ ମୁଣ୍ଡରେ ଚାପ ପଡ଼ିଲା । ଏକଜାତିୟ ବ୍ୟବସାୟରେ ଅନ୍ୟ କେହି କରିବାର ବାଟ ନାହିଁ ଯାହା ଧରିବେ ତାହା ନ ନେଇ ଛାଡ଼ିବେ ନାହିଁ ।

ସୁ. ସ.

## ବିଜ୍ଞାପନ ।

ତଳଲିଖିତ ଦ୍ରବ୍ୟମାନ କଟକପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନା ପାଖ ଦୋକାନରେ ବିକ୍ରୟ ହେଉଅଛି ।

ନାନାପ୍ରକାର ପଢ଼ିବାର ପୁସ୍ତକ (ପଦ୍ୟ ଓ ଗଦ୍ୟ) ବାବୁକାଗଜ ଛୋଟ ଓ ବଡ଼ଥଣ୍ଡା ଅର୍ଥାତ ରଏଲ, ଡିମାଇ, ଫୁଲସ୍କାପ, ପରକଲମ, କଲମଦାନ ରବର, ପେନସିଲ ବା କଲମ ରବର, ଦୁଆତ, ଦେଖାବ ବାନ୍ଧିବାର ନାନାରଙ୍ଗର ଫିତା ଗୁଣା, ଦଡ଼ି ବା ଚୋଟ ଦରଜା ଓ ଫଲକ, ମାର୍ବଲକାଗଜ, ରଙ୍ଗକାଗଜ, ଅଲପିନ୍ଦୁଡ଼ା, ଉତ୍ତମ ସୁରୁଚକଡ଼ି, ବୁରୁଷ ।

ଅମ୍ଭକୃତ ଜମିଦାରୀ ଓ ମହାଜନୀ ହେସାବ ପୁସ୍ତକ ପ୍ରତିଖଣ୍ଡ ଟ ୦ ।୵ ମୂଲ୍ୟରେ ବିକ୍ରୟ ହେଉଥିଲା ଅଦ୍ୟାବଧି ଅମ୍ଭେ ତହିଁର ମୂଲ୍ୟ ଟ ୦ । ଧାର୍ଯ୍ୟ କଲୁଁ । ଏହି ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀ ଏବଂ ଅନ୍ୟାନ୍ୟ ସ୍ଥଳରେ ଉକ୍ତ ପୁସ୍ତକ ପ୍ରାପ୍ତ ହେବ ।

କଟକ
ତା ୧୪ ରଖ ନବେମ୍ବର
ସନ ୧୮୭୮ ସାଲ } ଶ୍ରୀ ନିମାଇ ଚରଣ ବସୁ

ବାଲେଶ୍ୱର ନର୍ମାଲ ଇର୍ଣ୍ଣ୍ୟାସ୍କୁଲର ଛାତ୍ରବୃତ୍ତି ପରୀକ୍ଷାର୍ଥି ବାଳକମାନଙ୍କୁ ଜ୍ଞାତ କରାଯାଉଅଛି ଯେ ଉକ୍ତ ଜିଲ୍ଲା ବାଉପୁର ଗ୍ରାମ ନିବାସୀ ଜମିଦାର ଶ୍ରୀଯୁକ୍ତ ବାବୁ ଗୋବିନ୍ଦବଲ୍ଲଭ ଦାସ ମହୋଦୟ ସେମାନଙ୍କ ଉତ୍ସାହାର୍ଥ ଗୋଟିଏ ସ୍ୱର୍ଣ୍ଣାଙ୍ଗୁରୀୟ [illegible] ଗଠିତ କରିଅଛନ୍ତି ପରୀକ୍ଷୋତ୍ତୀର୍ଣ୍ଣ ବାଳକମାନଙ୍କ ମଧ୍ୟରେ ସର୍ବପ୍ରଥମ ସ୍ଥାନ ପ୍ରାପ୍ତ ବାଳକକୁ ସେହି ଅଙ୍ଗୁରୀ ପୁରସ୍କାର ଦିଆଯିବ ।

(*Sd.*) RADHANATH RAI,
*Joint Inspector of schools Orissa Dn.*

## ADVERTISEMENT.

WANTED a Head master for the Middle Class English school at Erim in District Balasore on a salary of Rs. 25 per mensem. He should have passed the Calcutta University Entrance Examination and have some experience in the art of teaching and preference will be given to one who is either a "Brahmin" or a "Kayastha" by caste.

Applications with testimonials will be made directly to the undersigned and received up to the 15th January next at the latest.

The 12th Novr. 1878. Erim. } VISNU MOHAN PARHI, *Secretary.*

☞ ଏହି ଉତ୍କଳ ଦୀପିକା ସହର କଟକ ଦରଘାବଜାରରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



ଉତ୍କଳଦୀପିକା ତା ୨୩ ରଖ ମାହେ ନବମ୍ବର ସନ ୧୮୭୮ ମସିହା ।

### ପତ୍ରପ୍ରେରକଙ୍କ ପ୍ରତି ।

ଅମ୍ଭେମାନେ ପୁନଃପୁନ କହିଅଛୁଁ କି ଅପରିଚିତ ବ୍ୟକ୍ତିଙ୍କ ପତ୍ର ଅମ୍ଭେମାନେ ଛପାଉନାହୁଁ । ଯେଉଁମାନେ ବିନା ଚିହ୍ନିତରେ ପତ୍ର ପଠାନ୍ତି ସେମାନେ ନିଶ୍ଚୟ ଜାଣିବେ ଯେ ସେହି କାରଣରୁ ତାହାଙ୍କ ପତ୍ର ତଳ ପକାଇ ଦେଲୁଁ ।

ସମ୍ପାଦକ ।

### ପୁରୀର ଗୋଟିଏ ଶୁଭଖବର ।

ପରମ ଭକ୍ତାସ୍ପଦ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସନ୍ନିଧେଷୁ ।

ମହାଶୟ !

ଅମ୍ଭେମାନେ ପରମାନନ୍ଦର ସହିତ ପ୍ରକାଶ କରୁଅଛୁଁ ଯେ ଏଠାରେ "Pooree Free Academy" ନାମରେ ଗୋଟିଏ ମାଇନର ସ୍କୁଲ ଖୋଲି ଅଛି । ଏହି ସ୍କୁଲଟି ଚଳିତ ମାସ ତା ୧୪ ରଖ ବୃହସ୍ପତିବାରରେ ହେଗ୍‌ଗୋହିରି ମଧ୍ୟବର୍ତ୍ତୀ ଅନ୍ତୁଲିଆମଠରେ ସ୍ଥାପିତ ହୋଇଅଛି । ଏଥିରୁ ଛାତ୍ରମାନେ ଅବୈତନିକରୂପେ ଶିକ୍ଷାଲାଭ ପୂର୍ବକ ମାଇନର ଛାତ୍ରବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ହୋଇ ହାଇସ୍କୁଲମାନଙ୍କରେ ପ୍ରବେଶ କରିବେ । ଗବର୍ଣ୍ଣମେଣ୍ଟଙ୍କର ଅଧୁନାତନ ନିୟମାନୁସାରେ ମାଇନର ସ୍କୁଲଦ୍ୱାରା ସ୍ୱୀୟ ମାତୃଭାଷା ଓ ଇଂରେଜୀଭାଷାରେ ସମକାଳୀନ ବ୍ୟୁତ୍ପତ୍ତିଲାଭ ଅପେକ୍ଷିତ ହୋଇଅଛି । ଅତଏବ ଉକ୍ତ ବିଦ୍ୟାଳୟ ସ୍ଥାପନଦ୍ୱାରା ଏହି ଉନ୍ନତିସଂପନ୍ନ ପୁରୀରେ ଦରିଦ୍ରସନ୍ତାନମାନଙ୍କର ଯେ ଗୋଟିଏ ଅଭୂତପୂର୍ବ ଉପକାର ସାଧିତ ହେବ, ଏହା ବୋଲିବା ବାହୁଲ୍ୟ ମାତ୍ର । ପ୍ରଥମତଃ ଭାରତବର୍ଷ ମଧ୍ୟରେ ଓଡ଼ିଶା ଗୋଟିଏ ଦରିଦ୍ରତମ ପ୍ରଦେଶ । ତାହାର ନିଦର୍ଶନ ଏହି ଯେ ଓଡ଼ିଶାର କଲେଜଟି ବିଦେଶୀୟ ଉଦାରପୁରୁଷମାନଙ୍କର ଦାନବାହୁଲ୍ୟ ଥିଲେ ସୁଦ୍ଧା ବର୍ତ୍ତମାନ ଟଳମଳ ଅବସ୍ଥାରେ ଅଛି । ଏଥିରେ ପୁରୀର କଥା ବା କି କହିବା । ଯାହା ହେଉ ଉଲ୍ଲିଖିତରୂପ କାରଣ ବଶତଃ ଯେ ପୁରୀନିବାସିମାନେ କ୍ଷମାଭାବକୁ ବେସତ୍ତ୍ୱେ ଯେ ଧନର କେବଳ ଦରିଦ୍ର ବାଳକମାନଙ୍କର ଶିକ୍ଷାଲାଭ ନିମନ୍ତେ ଗୋଟିଏ ଅବୈତନିକ ବିଦ୍ୟାଳୟ ସ୍ଥାପିତ କରିଅଛନ୍ତି, ଏହା ପୁରୀର ମାଜିଷ୍ଟ୍ରେଟ ଓ କଲେକ୍ଟର ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂ ସାହେବ ମହୋଦୟଙ୍କର ବିଦ୍ୟାପ୍ରତି ଗାଢ଼ାନୁରାଗ ଓ ସୁଶାସନର ଅତ୍ୟନ୍ତ ଫଳ ବୋଲିବାକୁ ହେବ । ପରିଶେଷେ ଆମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା ଏହି ଯେ ଓଡ଼ିଶାର ଯାବତୀୟ ସମ୍ଭ୍ରାନ୍ତ ମହାତ୍ମାମାନେ ଓ ଶିକ୍ଷାବିଭାଗର କର୍ତ୍ତୃପକ୍ଷମାନେ ସ୍ୱସ୍ୱୋଚିତ ସାହାଯ୍ୟଦ୍ୱାରା ଏହି ବିଦ୍ୟାଳୟଟିର ସ୍ଥାୟିତା ବିଷୟରେ ଯତ୍ନବାନ୍ ହେବେ । କାରଣ ଏହା ପୁରୀର ଗୋଟିଏ ଚିରନ୍ତନ ସୁମହତ୍ ଅଭାବଦୂର କରିବ ସନ୍ଦେହ ନାହିଁ ।

ପୁରୀ
୧୭-୧୧-୭୮ } କତିପୟ ଉତ୍କଳଦୀପିକା ପାଠକଃ

---

ମହାଶୟ !

ଓଡ଼ିଶାର ସାଧାରଣ ଅମଲାଶ୍ରେଣୀ ଏକପ୍ରକାର ଭୟର ପଦାର୍ଥ । ଏଠାରେ ସାଧାରଣ ଅଶିକ୍ଷିତ ଲୋକଙ୍କର ବିଶ୍ୱାସ ଏହି ଯେ ଅମଲାଏ କଚେରିର ସର୍ବସ୍ୱ । ସାହେବମାନେ ଅମଲାଙ୍କର ବଶୀଭୂତ । ଯାହା ଅମଲାଏ କରନ୍ତି ସେହିତା ହୁଅଇ । ଅମଲାଏ ମଧ୍ୟ ସାଧାରଣ ଲୋକଙ୍କୁ ଏହି ପ୍ରକାର ଠେକ ଦେଖାଇବାକୁ ତ୍ରୁଟି କରନ୍ତି ନାହିଁ । ସେମାନେ ଆପଣାକୁ ବିଶେଷ ମର୍ଯ୍ୟାଦାବନ୍ତ ବୋଲି ଅଭିମାନ କରନ୍ତି । ଜମିଦାର ଶ୍ରେଣୀଙ୍କି ସେମାନେ ନେଉଟିଆ ଜ୍ଞାନ କରନ୍ତି ଓ ସାଧାରଣ ମାମଲତକାରଙ୍କୁ କୋଶିଲାବାସୀ ପ୍ରାୟ ମଣନ୍ତି । ଦେଶୀୟ ହାକିମଙ୍କୁ ସୁଦ୍ଧା ବିଶେଷ ଆସ୍ଥାପନ୍ନ ଜ୍ଞାନ କରନ୍ତି ନାହିଁ । ସେମାନଙ୍କର ନ୍ୟାଯ୍ୟ ଉପାଧି ଓ ସମ୍ମାନସୂଚକ ପଦମାନଙ୍କରୁ ସୁଦ୍ଧା ବଞ୍ଚିତ କରିବାକୁ ସାହସୀ ହୁଅନ୍ତି ।

ଅମଲାଙ୍କ ପ୍ରକୃତ ଶାସନ କିପ୍ରକାରେ ହେବ? ସେ ଶ୍ରେଣୀର ଉତ୍କୋଚର ପ୍ରାଦୁର୍ଭାବ କିପ୍ରକାରେ ରହିତ ହେବ ? ସେମାନଙ୍କର ସାଧାରଣ ଅଶିକ୍ଷିତଙ୍କ ନିକଟରେ ଅନୁଚିତ ଠେକପଣିଆ କିରୂପେ ଭାଙ୍ଗିବ ? ଏହିସବୁ ବିଷୟ ପ୍ରତି ପ୍ରତ୍ୟେକ ହାକିମଙ୍କର ଦୃଷ୍ଟିନିକ୍ଷେପ କରିବା ଉଚିତ । ଯେଉଁ ପୁରୁଣା ଅମଲାଏ ଅଛନ୍ତି ସେମାନଙ୍କର ଅଭ୍ୟାସଗତ ଏ ଦୋଷମାନ ପ୍ରକ୍ଷାଳିତ ହେବାର ନୁହଇ । ତଥାପି ଟଏନବୀ ସାହେବ ଯେପରି ପ୍ରତ୍ୟେକ ଅମଲା ଓ ମାମଲତକାରଙ୍କର କାର୍ଯ୍ୟ ପ୍ରତି ଦୃଷ୍ଟି ରଖିଥିଲେ ତାହା ହେଲେ ଅମଲାଙ୍କ ଜୁଲମ କିୟତ୍ ପରିମାଣରେ ଊଣା ହୋଇ ପାରେ । ଅମଲାଙ୍କର କିପର୍ଯ୍ୟନ୍ତ ମର୍ଯ୍ୟାଦା ତାହା ତାଙ୍କୁ ପ୍ରତ୍ୟେକ ହାକିମମାନଙ୍କର ସର୍ବପ୍ରକାରେ ବୁଝାଇଦେବାର ଉଚିତ । ଯେପର୍ଯ୍ୟନ୍ତ ଦେଶରେ ଶିକ୍ଷାର ଭାଗ ବର୍ଦ୍ଧିତ ହୋଇ ନାହିଁ ସେ ପର୍ଯ୍ୟନ୍ତ ଲୋକଙ୍କର ଯେଉଁ ଅନୁଚିତ ଅନୁରାଗ ଓ ଭକ୍ତି ସେମାନଙ୍କ ଉପରେ ଅଛି ତାହା ସହଜେ ଉଠିବ ନାହିଁ । ବଙ୍ଗଦେଶରେ ବର୍ତ୍ତମାନ ଅମଲାଙ୍କର ଏତାଦୃକ୍ ପ୍ରାଦୁର୍ଭାବ ଊଣା ପଡ଼ିଅଛି । ମଧ୍ୟ ଯଦି ସ୍ଥାନୀୟ ଅମଲା ନିଯୁକ୍ତ କରିବା ସମୟରେ ଉତ୍ତମ ଶିକ୍ଷିତଲୋକ ବାଛି ରଖନ୍ତି ତାହା ହେଲେ ଅମଲା ଶ୍ରେଣୀରେ ଉନ୍ନତି ଘଟିପାରେ । ତାହା ନ କରି କିଏ କେତେ ଦିନ ଉମେଦୱାରୀ କରିଅଛି ଏହା ବିଚାର କରି ଯେତେ ଦିନ ପର୍ଯ୍ୟନ୍ତ ଅମଲାଏ ସଂଗୃହୀତ ହେଉଥିବେ ତେତେ ଦିନ ଏ ଶ୍ରେଣୀର ଉତ୍କୃଷ୍ଟତା ବୃଦ୍ଧି ହେବ ନାହିଁ । ଯେହେତୁ ସାଧାରଣ ଉମେଦୱାରମାନେ ପ୍ରାୟ ଅଳ୍ପ ଶିକ୍ଷିତ ।

ଯାହା ହେଉ ଅମଲା ଶ୍ରେଣୀର ଶାସନ ସର୍ବତୋଭାବେ ଆବଶ୍ୟକ ହୋଇଅଛି । ସେମାନଙ୍କ ଜୁଲମ କେତେଦୂର ସ୍ପର୍ଶ କଲାଣି । ଟଏନବୀ ସାହେବ କୃତ ଓଡ଼ିଶା ଇତିହାସ ପାଠ କଲେ ଅମଲାଙ୍କ ଦୌରାତ୍ମ୍ୟରେ ଓଡ଼ିଶା କିପର୍ଯ୍ୟନ୍ତ ପ୍ରପୀଡ଼ିତ ତାହା କେତେକଦୂର ଜଣାଯାଏ । ଉପସଂହାରରେ ପ୍ରାର୍ଥନା ହାକିମମାନେ ଏଥିର ଉଚିତ ବିଧାନ ସକାଶେ ଦୃଷ୍ଟିକ୍ଷେପ କରନ୍ତୁ ।

---

ମହାଶୟ !

ଆପଣଙ୍କର ବିଖ୍ୟାତ ପତ୍ରିକାରେ ମୋହର ତଳ ଲେଖିତ କେତେକ ଧାଡ଼ିକୁ ସ୍ଥାନ ଦାନ କଲେ ଅତ୍ୟନ୍ତ ସନ୍ତୁଷ୍ଟ ଲଭିବୁଁ ।

ଗତ ତା ୯ ରଖ ଶନିବାର ଦିନ ଅମ୍ଭେ ଧୋବଳେଶ୍ୱର ମହାଦେବଙ୍କ ମନ୍ଦିରଠାକୁ ବାର୍ଷିକ ଉତ୍ସବ ( ପିଠା ଯାତ୍ରା ) ଦେଖିବାକୁ ଯାଇଥିଲୁ । ଅନ୍ୟାନ୍ୟ ବର୍ଷଠାରୁ ଏ ବର୍ଷ ତେତେ ଲୋକସଂଖ୍ୟା କି ଗୋଳମାଳ ନ ଥିଲା ତଥାପି ଯାତ୍ରା କାର୍ଯ୍ୟଟି ଉତ୍ତମରୂପ ନିର୍ବାହ ହୋଇଅଛି କିନ୍ତୁ ସେଠାରେ ଆଠଗଡ଼ ରାଜା ସାହେବଙ୍କର ଉତ୍ତମ ବନ୍ଦୋବସ୍ତ ଦେଖି ଅମ୍ଭେ ବଡ଼ ସନ୍ତୁଷ୍ଟ ଲଭିଲୁଁ ଯଥା ମନ୍ଦିରର ବେଢ଼ା ଉପରେ ପଠାଣ ଇତ୍ୟାଦି ଅନ୍ୟାନ୍ୟ ଜାତିମାନେ ଯୋତା ମାଡ଼ି ଛତା ଘେନି ସ୍ୱଚ୍ଛନ୍ଦେ ବୁଲୁଅଛନ୍ତି କିନ୍ତୁ ମନ୍ଦିରର ସଦର ଦେଉଳ ବାଟେ କେହି ହିନ୍ଦୁ ଯୋତା କି ଛତା ଘେନି ଯିବେ ନାହିଁ । ଏଥି ସକାଶେ ଦ୍ୱାରପାଳ ତିନିଜଣ କଟକିଆ ଛନ୍ଦା ଦେଲେ ତୁସ । ପାଠକେ ! ଯେତେବେଳେ ମନ୍ଦିରର ଚତୁର୍ଦ୍ଦିଗରେ ଓ ବେଢ଼ା ଉପରେ ଇତର ଜାତିମାନେ ବୁଲିଲେ ସେତେବେଳେ କେବଳ ଦୁଆର ମୁହଁ ସକାଶେ ଯୋତା ଛତା ହିନ୍ଦୁମାନେ କି ଦୋଷ କଲେ କି ? । ଉକ୍ତ ମନ୍ଦିରର ଉପର ଭାଗ ଜୀର୍ଣ୍ଣାବସ୍ଥାକୁ ଲଭିଅଛି ସେଥି ସକାଶେ ଜଣେ ମହାତ୍ମା କୁଳଶ୍ରେଷ୍ଠ ଯଦି

Digitized by srujanika@gmail.com

Split by PDF Splitter



କରୁଅଛନ୍ତି ତାଙ୍କ ସଙ୍ଗେ ଯେବେ ଆଠଗଡ଼ ରାଜା ସାହେବ ଅଳ୍ପ ପରିଶ୍ରମ କରନ୍ତେ ତେବେ ଉକ୍ତ ମନ୍ଦିରଟି ଉତ୍ତମରୂପେ ମରାମତ ହୋଇ ଯାଆନ୍ତା। ଆହୁରି ସେଥି ସଙ୍ଗେ ଆମ୍ଭେ ଦେଶୀୟ ଧନିଲୋକଙ୍କୁ ଅନୁରୋଧ କରୁଅଛୁଁ ଯେ ସମସ୍ତେ ଉକ୍ତ ମନ୍ଦିରର ମରାମତି ବିଷୟରେ ମନୋଯୋଗୀ ହେଲେ ହିନ୍ଦୁଧର୍ମର ପ୍ରଧାନ ଚିହ୍ନ ରହିବ ନୋହିଲେ ହିନ୍ଦୁମାନେ ଧର୍ମଚ୍ୟୁତ ହୋଇ ଯିବେ।

ରବିବାର ଦିନ ଏଠାର ଗଡଗଡ଼ିଆ ମହାଦେବଙ୍କଠାରେ କାଲିଯାତ୍ରା ଅନ୍ୟାନ୍ୟ ବର୍ଷପରି ଉତ୍ତମ ସମାରୋହରେ ନିର୍ବାହ ହୋଇଅଛି ଏହି ଯାତ୍ରା ସମୟରେ ଏଠାରେ ଜଣେ ଶୁଦ୍ଧ ବ୍ରାହ୍ମ ଏକ ପେଣ୍ଡୀ ବାନ୍ଧି ତାହା ଉପରେ ଦେବଦାରୁ ପତ୍ର ଓ ରଙ୍ଗିନ ଲୁଗାମାନ ଟାଙ୍ଗି ବକ୍ତୃତାକୁ ଆରମ୍ଭ କରିଥିଲେ ସେଥିର କାରଣ କାଳିଯାତ୍ରା ବନ୍ଦ କରି, କାହିଁକି ଏତେ ଧୂମଧାମ ଗୋଲମାଲ କରୁଅଛ ? ସାର ଧର୍ମ ଯେ ବ୍ରାହ୍ମ ତାକୁ ଅବଲମ୍ବନ କରି ଦେଖ ସେଥିରେ କିଛି ଗୋଲମାଲ କି କଷ୍ଟ ନାହିଁ କେବଳ ଆଖି ବନ୍ଦ କରି ବସି ଥିବ। ଏ ମେଳାରେ ଯେ ଦେଶର, କାଠର ଓ ବ୍ୟବସାୟୀର କେତେ ଉନ୍ନତି ହେଉଅଛି ଧନଙ୍କର ସେ କଥା ମନେ ନାହିଁ। ଛିଃ! ଏହାଙ୍କ ସଙ୍ଗରେ ଯୋଡ଼ିଏ ଇଜୋଡ଼ି ଖ୍ରୀଷ୍ଟାନ ମଧ୍ୟ ଥିଲେ। ଦୁଇ ସହୋଦର ଆଉକି ବାଛିବାକୁ ଅଛି ? ଯେ ଯାହାର ଧର୍ମ ସେ ଉନ୍ନତି କରିବାକୁ ଚେଷ୍ଟା କରନ୍ତୁ ଅନ୍ୟର ଧର୍ମ କ୍ଷେତ୍ରରେ ଧର୍ମ ବିପକ୍ଷରେ ଧର୍ମଚ୍ଛଟା କଥା ନେଇ ବକ୍ତୃତା କରିବାର କି ଭଦ୍ରଲୋକର କର୍ମ ?

ଏଥି ଉତ୍ତାରୁ ମଙ୍ଗଳବାର ଦିନ ଏଠା ବିନୋଦବିହାରୀ ଜିଉଙ୍କ ମନ୍ଦିରରେ ଗୃହଯାତ୍ରା କେତେକ ଯୁବକଙ୍କଦ୍ୱାରା ଗାଉଣା ବାଜଣାରେ ଓ ନାଚ ନର୍ତ୍ତନରେ ଉତ୍ତମ ଆଡ଼ମ୍ବର ସହିତ ଶେଷ ହୋଇଅଛି ବିନୋଦ ବିହାରୀଙ୍କ ପ୍ରତି ବଙ୍ଗାଳୀ ଯୁବକମାନଙ୍କର ଏତେ ଦୂର ସ୍ନେହ ଜଡ଼ ସୁଖର ବିଷୟ।

୧୭।୧୧।୭୮ ବି। ଶ୍ରୀ—

ଅନ୍ୟ ଏକ ପତ୍ରପ୍ରେରକ ଲେଖିଅଛନ୍ତି କି ବାବୁ ଗୋପାଳଚନ୍ଦ୍ର ଦତ୍ତଙ୍କ ଉଦ୍ୟମରେ ଶ୍ରୀ ବିନୋଦବିହାରୀ ଜିଉଙ୍କ ଯାତ୍ରା ଉତ୍ତମରୂପେ ନିର୍ବାହିତ ହୋଇଥିବା ଏଥିସକାଶେ ସେ ପ୍ରଶଂସିତ ବାବୁଙ୍କୁ ଧନ୍ୟବାଦ ଦେଉଅଛନ୍ତି।

ସମ୍ପାଦକ

---

ମାନ୍ୟବର ଶ୍ରୀ ଯୁକ୍ତ ଶ୍ରୀଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ସମ୍ପାଦକ ମହାଶୟ !

ଆପଣଙ୍କ ଉତ୍କଳ ବିଖ୍ୟାତ ପତ୍ରିକାର ଅଧିକାଂଶ ପାଠକଙ୍କୁ ସୁଗୋଚର ଥିବ ଯେ ମିଶନ ଇଂରାଜୀ ବିଦ୍ୟାଳୟ ବହୁବର୍ଷାବଧି ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ଓ ନାମମାତ୍ର ମିଶନେରିମାନଙ୍କ ତତ୍ତ୍ୱାବଧାରଣରେ ଚଳି ଆସୁଥିଲା; ଉକ୍ତ ବିଦ୍ୟାଳୟରେ ଅଧିକାଂଶ ଦରିଦ୍ର ବାଳକଙ୍କର ବିଦ୍ୟାଧ୍ୟାପନର ସୁଯୋଗ ଥିଲା, ପୁଣି ମାଇନର ଛାତ୍ରବୃତ୍ତି ପର୍ଯ୍ୟନ୍ତ ଶିକ୍ଷାଦାନ ହେଉ ଥିବାରୁ ନ୍ୟୂନାଧିକ ପ୍ରତିବର୍ଷର ବାଳକମାନେ କୃତକାର୍ଯ୍ୟ ହୋଇ ଛାତ୍ରବୃତ୍ତି ଲାଭଦ୍ୱାରା ଉଚ୍ଚଶ୍ରେଣୀୟ ବିଦ୍ୟାଳୟରେ ବିଦ୍ୟାଶିକ୍ଷା ପାଉ ଥିଲେ, ବର୍ତ୍ତମାନ ମିଶନେରିମାନେ ଉକ୍ତ ବିଦ୍ୟାଳୟର ନାମ ମାତ୍ର ଭାର ବହିବାକୁ ଓ ଯତ୍କିଞ୍ଚିତ୍ ଅର୍ଥସାହାଯ୍ୟ କରୁଥିଲେ ତାହା ଦେବାକୁ ଅକ୍ଷମ ବୋଲି ସ୍ୱୀକାର କରି ସ୍କୁଲ ଧ୍ୱଂସାର୍ଥେ ମନ ବଳାଇବାରୁ କେତେକ ଦେଶୀୟ ଭଦ୍ରଲୋକମାନେ ଉକ୍ତ ସ୍କୁଲକୁ ନାଶ ନ କରି ସାଧାରଣ ଉପକାର ଜନକ କାର୍ଯ୍ୟକୁ ରକ୍ଷା କରିବା ମାନସରେ ସ୍ୱହସ୍ତରେ ସ୍କୁଲ ଭାର ନେଇ ଚଳାଉଛନ୍ତି, ପୁଣି ଯେଉଁ ଗୃହରେ ପୂର୍ବରୁ ସ୍କୁଲ ହେଉ ଥିଲା ସେ ଗୃହକୁ ମଧ୍ୟ ମିଶନେରିମାନେ ସ୍କୁଲ କରିବା ନିମନ୍ତେ ଛାଡ଼ି ନ ଦେଇ ଅବରୁଦ୍ଧ କରିଦେବାରୁ ନୂତନ ମାନେଜିଂ କମିଟୀର ପରୋପକାରୀ ମେମ୍ବରମାନେ କିଛି ହରବର ହୋଇ ଥିଲେ, କାରଣ ଲୋକେ କଥାରେ କହନ୍ତି " ଯାହାକର ନାହିଁ ମୋତେ, କନାଗଣ୍ଡିକ ଛଡ଼ାଇନେଲୁ ମାସମାସ ଶୀତେ " ଏ ଘଟଣା ସେହିପରି ହୋଇଥିଲା, ଅର୍ଥାତ୍ ଘୋରବର୍ଷା କାଳରେ ସ୍କୁଲ ବାଳକଙ୍କୁ ସ୍କୁଲଗୃହରୁ ବାହାର କରିଦେବେଲେ, ଏହା ଶୁଣି ପରିଦର୍ଶକ ମଧ୍ୟ ବିଷାଦିତ ହେଉଛନ୍ତି ପୁଣି ଶୁଣିଲୁଁ ଯେ " ଓକି ଶୁଙ୍କର ଡାକେଗା " ପରି ସବୁ ଏକପ୍ରକାର କିୟତ୍କାଳ ପାଇଁ ଅନ୍ୟସ୍ଥଳେ ସ୍କୁଲ ଶୁଙ୍କସ୍ୱଣ କରୁଛନ୍ତି ( ଯେମନ୍ତ କହନ୍ତି କି " ଶୁଙ୍କରଗଇ ଶୁଙ୍କଗୃହ୍ କିମ୍ବା ଧର୍ମିତ କିମ୍ବା ମଇଦାନ") ଏ ଯାହା ହେଉ ମହାତ୍ମା ଧର୍ମପୋଷକ ପରୋପକାରୀ (ନାମଧେୟ) ମହୋଦୟମାନଙ୍କ ଚିତ୍ତରେ କେମନ୍ତ କରି (ଦ୍ୱେଷ ପ୍ରବେଶ ହୋଇ ଏ ପ୍ରକାର ଅଧର୍ମବଳି ମଙ୍ଗଳ ଧ୍ୱଂସ ) ଏ ଭାବ ଉଦୟ ହେଲା ତାହା ପରିଦର୍ଶକ ଅନେକ ଅନ୍ୱେଷଣ କଲେହେଁ କିଛି ଯଥାର୍ଥ ମୂଳ କାରଣ ପାଉ ନାହାନ୍ତି, ଏହା କେବଳ ସକଳାନ୍ତର୍ଯ୍ୟାମିଙ୍କୁ ଗୋଚର ଏଥିରେ ଯେଉଁ ପରୋପକାରୀ ବ୍ୟକ୍ତିମାନେ ସ୍କୁଲଭାର ନେଇ କାର୍ଯ୍ୟ ଚଳାଉଛନ୍ତି ସେମାନଙ୍କ ମହତ୍ ଭାବକୁ ଧନ୍ୟ ବୋଲିବାକୁ ହେବ।

ସମ୍ପାଦକ ମହାଶୟ, ଉପରୋକ୍ତ ସ୍କୁଲର ନୂତନ ମାନେଜିଂ କମେଟୀର ମେମ୍ବରମାନେ ବିଦ୍ୟାଳୟଟି [illegible] ବିଦ୍ୟାଶିକ୍ଷା ପକ୍ଷରେ ଅନେକ ଅସୁବିଧା ଘଟିବାର ସମ୍ଭାବନା କରି ସୁବିଚାରପୂର୍ବକ ବହୁ ବାଧା ବିରୋଧ ଘଟିଲେହେଁ ଅଶେଷ ଯତ୍ନ ଓ ପରିଶ୍ରମ ପୁଣି ମାନ୍ୟମାନ୍ ଜଏଣ୍ଟଇନ୍ସପେକ୍ଟରଙ୍କ ଉତ୍ତମ ସାହାଯ୍ୟରେ ବିଦ୍ୟାଳୟଟିକୁ ପୂର୍ବବତ୍ ସଜୀବାବସ୍ଥାରେ ରକ୍ଷା ଚଳାଇବାକୁ ଶିକ୍ଷା ବିଭାଗର ଡାଇରେକ୍ଟର ସାହେବ ମହୋଦୟଙ୍କଠାରୁ ଅନୁମତି ପ୍ରାପ୍ତ ହୋଇଛନ୍ତି ବର୍ତ୍ତମାନ୍ ଉକ୍ତ ସ୍କୁଲ ମୃତକଳ୍ପାବସ୍ଥାରୁ ନୂତନ ଜୀବନ ଧରି ଉଠି ମସ୍ତକୋତ୍ତୋଳନ କରି ନିଜର ବାସସ୍ଥାନ ନ ଥିବା ଦେଖି ଦେଶୀୟ ବାଳିକା ବିଦ୍ୟାଳୟରେ ଆଶ୍ରୟ ନେଇ ଭଡ଼ାଟିଆ ସ୍ୱରୂପେ ଅବସ୍ଥିତ କରି ବିଶେଷ ଭାବନା ଯୁକ୍ତରେ ଥିଲା, ନୂତନ ମାନେଜିଂ କମିଟୀର ମେମ୍ବରମାନେ ସୁଯୋଗ୍ୟ ଧର୍ମପୋଷକମାନଙ୍କ ସ୍କୁଲଧ୍ୱଂସ କରି ସ୍ୱସ୍ଥାନରୁ ଉଠିଦେବା ବାର୍ତ୍ତା ଶୁଣି ମାସକେ କ୍ୟାଣ୍ଟନମେଣ୍ଟରୁ ଖଣ୍ଡିଏ ଜମି ପାଇବାପାଇଁ ଏ ସ୍ଥାନର ପ୍ରଧାନ କର୍ଣ୍ଣେଲ ମହୋଦୟଙ୍କ ନିକଟରେ ଆବେଦନ କରନ୍ତେ ଉକ୍ତ ମହାଶୟ ପ୍ରାର୍ଥିତ ଭୂମିଖଣ୍ଡକୁ ସ୍ୱଚକ୍ଷୁରେ ସନ୍ଦର୍ଶନକରି ଦୟା ଓ ସଦ୍‌ବିଚାର ପୂର୍ବକ ସ୍କୁଲକାର୍ଯ୍ୟ ନିମନ୍ତେ ଦାନ କରିବାକୁ ଅଙ୍ଗୀକାର କରି ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଛନ୍ତି। ଯେତେବେଳେ କର୍ଣ୍ଣେଲ ମହୋଦୟ ସ୍ଥାନଦାନ କରିବାକୁ ସମ୍ମତ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଛନ୍ତି ସେତେବେଳେ ଅନ୍ୟାନ୍ୟ ଶାସନକର୍ତ୍ତାମାନେ ଯେ ସମ୍ମତ ହେବେ ଏମନ୍ତ ସମ୍ପୂର୍ଣ୍ଣ ଭରସା ଜନ୍ମୁଛି ଯାହା ହେଉ, ସମ୍ପ୍ରତି ସର୍ବ ବିଷୟ ସର୍ବ ମଙ୍ଗଳଦାତା ଜଗଦୀଶଙ୍କ କୃପାରୁ ଉତ୍ତମ ହେବାର ଶୁଣିଲୁଁ, ମାତ୍ର କେବଳ ସ୍କୁଲ ସ୍ଥାନ ପ୍ରାପ୍ତ ହେଲେ କି ହେବ, ତହିଁରେ ବିଦ୍ୟାମନ୍ଦିରଟି ନିର୍ମାଣ ହେଲେ ସବୁ ଭଲ ହେବ ,ଶୁଣିଲୁଁ ଯେ ବିଦ୍ୟାମନ୍ଦିର ନିର୍ମାଣାର୍ଥେ ଅର୍ଥ ସଂଗ୍ରହର ନାନାରୂପାଯୋଦ୍ୟୋଗ ଲାଗିଅଛି, ତନ୍ନିମିତ୍ତେ ଉତ୍କଳର ଚତୁର୍ଦ୍ଦିଗସ୍ଥ ଦେଶହିତୈଷୀ ବିଦ୍ୟାନୁରାଗୀ ପରୋପକାରୀ ମହାତ୍ମାବର୍ଗଙ୍କ ନିକଟକୁ ନିବେଦନ ପତ୍ରମାନ ପ୍ରେରଣ ହୋଇଛି, ପରିଦର୍ଶକର ମଧ୍ୟ ଏହି ସଂକଳ୍ପ ଯେ, ଯେଉଁ ପରୋପକାରୀ ଦେଶର ମଙ୍ଗଳସାଧକ ବର୍ଗଙ୍କୁ ନିବେଦନ କରା ଯାଇଛି ଓ ଯିବ ସେମାନେ ସ୍ୱଚ୍ଛନ୍ଦ ଚିତ୍ତରେ କିଛି ଅର୍ଥ ଦାନ କରି ବିଦ୍ୟାମନ୍ଦିରଟି ନିର୍ମାଣ ପକ୍ଷରେ ସାହାଯ୍ୟକଲେ ଦୁଃସ୍ଥ ବାଳକମାନଙ୍କର ବିଦ୍ୟାଭ୍ୟାସର ସର୍ବ ଅଭାବ ଦୂର ହୋଇ ଯିବ କିମଧିକଂ। ଇତି।

ତା ୪ ରିଖ ନବେମ୍ବର } କସ୍ୟଚିତ୍
ସନ ୧୮୭୮ ମସିହା } ପରିଦର୍ଶକ।

---

☞ ମୂଳପତ୍ର ଦେଖ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ ଶ
ସ ୪୭ ଖ୍ୟା

ତା ୩୦ ଯେ ମାହେ ନବେମ୍ବର ସନ ୧୮୭୮ ମସିହା । ମୁ । ମାର୍ଗଶିର ବ ୨୭ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧୦
ମଫସଲପାଇଁ ଡାକମାସୁଲ ଟ୧୫୵

ଲଣ୍ଡନରୁ ଭାରତଙ୍କ ଯୋଗେ ସମ୍ବାଦ ଆସିଅଛି ଯେ ଆଫଗାନସ୍ଥାନ ସହିତ ଯୁଦ୍ଧ ହେବା ହେତୁ ଶ୍ରୀମତୀ ମହାରାଣୀଙ୍କ ମନ୍ତ୍ରିମାନେ ପାର୍ଲିମେଣ୍ଟର ବିଶେଷ ଅଧିବେଶନ ହେବାର ସ୍ଥିର କରିଅଛନ୍ତି ଆସନ୍ତା ଡିସେମ୍ବର ମାସ ତା ୫ ଖରେ ସଭା ବସିବା କାରଣ ପାର୍ଲିମେଣ୍ଟର ସଭ୍ୟମାନଙ୍କ ସମନ ହୋଇଅଛି । ଯୁଦ୍ଧ ସମ୍ପର୍କରେ ଲର୍ଡଲିଟନ ସାହେବ ଯେଉଁ ଘୋଷଣାପତ୍ର ପ୍ରଚାର କରିଅଛନ୍ତି ଟାଇମସ୍ ସମ୍ବାଦପତ୍ର ତାହା ଅନୁମୋଦନ କରିଅଛନ୍ତି । ବାସ୍ତବରେ ଘୋଷଣାପତ୍ରର ଭାବ ଓ ରଚନା ଚମତ୍କାର ହୋଇଅଛି ।

---

× ଓଲଉଟା ଷ୍ଟେଶନରେ ଠାକୁରାଣୀ ଅବତୀର୍ଣ୍ଣ ଆଜ୍ଞା ନେବାର ଶୀତ ବସନ୍ତ କାଳରୁ ଦେଖାଯାଉଅଛି ମାତ୍ର ଜ୍ୱରରୋଗରେ ଏହି ପ୍ରତୀକାର ଲୋଡିବାର କେବେ ଦେଖା ନ ଥିଲା ସମ୍ପ୍ରତି ଏ ନଗରରେ ବହୁତ ଲୋକ ଜ୍ୱରରୋଗରେ ପୀଡିତ ଅଛନ୍ତି ଓ କେତେ ଏଥିରେ ପ୍ରାଣ ହରାଇଲେଣି । ଏ ସୁଯୋଗ ଦେଖି ଠାକୁରାଣୀ ଜଣେ ପୁରୁଷ କାନ୍ଧରେ ଚଢି ରୋଗିଙ୍କୁ ବର ଦେଇ ବୁଲୁଅଛନ୍ତି । ଆମ୍ଭେମାନେ ଏକଦିନ ତାହାଙ୍କ ଦର୍ଶନ ପାଇଥିଲୁଁ । ତାହାଙ୍କ ଯିବା ବାଟର ଦୁଇପାଖର ରୋଗିମାନେ ଅତି ଭକ୍ତିଭାବରେ ତାହାଙ୍କ ଗୋଡତଳେ ପଡୁଥିଲେ ଓ ସେ ରୋଗିଙ୍କ ଦେହରେ ଝାଡୁ ବୁଲାଇ ରୋଗ ଝାଡି ଦେଇ କାହାକୁ ଜାହାଡାପତ୍ର କାହାକୁ ବେଲପତ୍ର ସିଝାଇ ଖାଇବାର ଆଜ୍ଞା ଦେଇ ଯାଉଥିଲେ । ରୋଗିମାନେ ଏହି ଉପାୟରେ ନିର୍ଭର କରି ଡାକ୍ତର ଓ ବୈଦ୍ୟଙ୍କ ପାଖରୁ ନାହାନ୍ତି କିମ୍ବା ଦାତବ୍ୟ ଚିକିତ୍ସାଳୟକୁ ଯିବା ଯାଉ ନାହାନ୍ତି କି ଭୟଙ୍କର କୁସଂସ୍କାର ।

---

ଏ ନଗର ବକ୍ସିବଜାରରେ ସମ୍ପ୍ରତି ଏକ ଖୁନ ମୋକଦ୍ଦମା ହୋଇଅଛି । ଗତ ସପ୍ତାହରେ ଏହା ପ୍ରକାଶ ପାଇଲା । ଜଣେ ଦକ୍ଷିଣୀ ଲୁଗା-ବେପାରୀ ଏକଜଣ ଘରେ ବସା କରି ଲୁଗା ବିକୁଥିଲା । ତାହା ବସାଦ୍ୱାରରେ କୁଲୁପ ପଡିଥିବାରୁ ଲୋକେ ମନେକଲେ ଯେ ସେ କୌଣସି ଦୂରସ୍ଥସ୍ଥାନକୁ ଲୁଗା ବିକ୍ରୟ କରି ଯାଇଅଛି । କିନ୍ତୁ ଘର ମଧ୍ୟରୁ ପଚାଗନ୍ଧ ବାହାରିଲା । ପୁଲିସ ଏହାର ସନ୍ଧାନ ପାଇ ଘର ଫିଟାଇ ଦେଖିଲେ ଯେ ସେ ଲୋକକୁ କେହି ମାରିପକାଇ ଦ୍ୱାରରେ କୁଲୁପ ଦେଇ ଚାଲି ଯାଇଅଛି । ତାହା ଦେହରେ ପାଞ୍ଚସ୍ଥାନରେ ଏକ ମୋଟା ଅସ୍ତ୍ର ଯଥା କୁହ୍ରାଡୀ ଇତ୍ୟାଦି ଅସ୍ତ୍ରଦ୍ୱାରା ଆଘାତ ହୋଇଥିବାର ଡାକ୍ତର ସାର୍ଟିଫିକଟ ଦେଲେ । ପୁଲିସ ଘର ତଲ୍ଲାସ କରି ଏକଖଣ୍ଡ ପିସ୍ତୋଲ ପାଇଲେ ସେ ପିସ୍ତୋଲର ମାଲିକର ଅନୁସନ୍ଧାନ ହେବାରେ ତାହା ଏକ ସିପାହିର ଥିବାର ପ୍ରକାଶ ହେଲା ଓ ସେ ସିପାହିର ଘର ତଲ୍ଲାସ କରିବାରେ ଖଣ୍ଡେ ଫାରସୀ ପାଯାଗଲା ସେ ଫାରସୀରେ ରକ୍ତପରି କି ଚିହ୍ନ ମଧ୍ୟ ଦେଖାଗଲା । ଅନ୍ୟାନ୍ୟ ତଦାରଖରୁ ଜଣାଗଲା ଯେ ଏହି ସିପାହି ଏବଂ ଅପର ତିନି ଗୋରାଜଣ ସିପାହି ମିଳି ଘଟଣା ରାତ୍ରରେ ମୃତବ୍ୟକ୍ତି ବସାକୁ ଆସି ତାହା ସଙ୍ଗରେ ମଦ୍ୟପାନ କରୁଥିଲେ ଏବଂ ତାହାକୁ ସଞ୍ଜବେଳେ ସଙ୍ଗେ ଘେନି ମଦ କିଣିବାକୁ ମଧ୍ୟ ଯାଇଥିଲେ । ଏହିପରି କେତେକ ପ୍ରମାଣ ପାଇ ପୁଲିସ ଚାରିଜଣ ସିପାହିଙ୍କୁ ଚାଲାଣ କରିଅଛି ଏବଂ ସେମାନେ ହାଜତରେ ଅଛନ୍ତି । ଏ ନଗରରେ ଗତ ଦୁଇ ତିନି ବର୍ଷରେ କେତେଗୁଡିଏ ଗୁପ୍ତ ଖୁନ ହୋଇଅଛି କିନ୍ତୁ କୌଣସିଥିରେ ପୁଲିସ କୃତକାର୍ଯ୍ୟ ହୋଇ ନାହାନ୍ତି । ଖୁନ କରିବାବାଲାମାନେ ଅତି ସତର୍କ ସହିତ ଆପଣା ଅଭିଷ୍ଟ ସାଧନ କରି ନିରାପଦରେ ବସିଅଛନ୍ତି । ସମ୍ପ୍ରତି ଏଠାକୁ ନୂତନ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଆସିଅଛନ୍ତି ସହରର ଇନସ୍ପେକ୍ଟର ଏବଂ ଯେଉଁ ବଜାରରେ ଖୁନ ହୋଇଅଛି ସେଠାର ହେଡକନେଷ୍ଟବଲ ମଧ୍ୟ ନୂତନ ଏବଂ ସମସ୍ତେ ଯୋଗ୍ୟଲୋକ ଥିବାର ସରକାରୀ କାଗଜପତ୍ରରୁ ପ୍ରକାଶ ଯେବେ ଏମାନଙ୍କ ଏ ଖୁନ ମୋକଦ୍ଦମାଟା ବଳି ଯିବ ତେବେ ବଡ ଦୁଃଖର ବିଷୟ ହେବ । ଆମ୍ଭେମାନେ ଏକାନ୍ତ ଭରସା କରୁଁ ଯେ ଏ ଖୁନ ମୋକଦ୍ଦମାର ଆସାମିମାନଙ୍କୁ ଦଣ୍ଡରେ ପକାଇ ପୁଲିସ ଆପଣା ମର୍ଯ୍ୟାଦା ରକ୍ଷା କରିବେ ।

---

Digitized by srujanika@gmail.com

Split by PDF Splitter



ଏକ ଗ୍ରନ୍ଥକାରର ପୁସ୍ତକରୁ ଅପର ଗ୍ରନ୍ଥକାର କୌଣସି ବିଷୟ ନେଇ ଆପଣା ପୁସ୍ତକରେ ରଖି ପାରେ କି ନା ଏକଥା ଘେନି ବଡ଼ ଗଣ୍ଡଗୋଳ ଲାଗିଥିଲା । ତହିଁର ବିବରଣ ଏହି ଯେ ଏଠା କଲେଜର ହେଡ଼ମାଷ୍ଟର ବାବୁ କ୍ଷିରୋଦ ଚନ୍ଦ୍ର ରାୟ ଚୌଧୁରୀ ଏକଖଣ୍ଡ ଭାରତବର୍ଷର ଇତିହାସ ବଙ୍ଗଳା ଭାଷାରେ ପ୍ରକାଶ କରିଥିଲେ ଏବର୍ଷ ତହିଁର ଏକପ୍ରକାର ଉତ୍କଳ ଅନୁବାଦ ପ୍ରକାଶ କଲେ । ଅନୁବାଦିତ ପୁସ୍ତକ ବାହାରିବା ପୂର୍ବେ ବାଲେଶ୍ୱର ନର୍ମାଲସ୍କୁଲର ଜଣେ ଶିକ୍ଷକ ବାବୁ ଶିବନାରାୟଣ ନାୟକ ଏକଖଣ୍ଡ ଭାରତବର୍ଷର ଇତିହାସ ଉତ୍କଳଭାଷାରେ ପ୍ରଚାର କଲେ କ୍ଷିରୋଦବାବୁ ଦେଖିଲେ ଯେ ଶିବବାବୁଙ୍କର ଇତିହାସରେ କେତେକ କଥା ଲେଖାଅଛି ଯେ ତାହା ତାହାଙ୍କ ଇତିହାସ ସଙ୍ଗେ ମେଳ ଖାଉଅଛି । ଏଥିପାଇଁ ସେ ଜଏଣ୍ଟ ଇନ୍‌ସ୍ପେକ୍ଟରଙ୍କ ନିକଟରେ ଗୁହାରି କଲେ କି ଶିବବାବୁ ତାହାଙ୍କ ପୁସ୍ତକରୁ କେତେକ ବିଷୟ ଟେକି ନେଇ ନୀତିବିରୁଦ୍ଧ କାର୍ଯ୍ୟ କରିଅଛନ୍ତି ଅତଏବ ତାହାଙ୍କ ପୁସ୍ତକ ସ୍କୁଲରେ ପଠିତ ହେବାର ଯୋଗ୍ୟ ନୁହେ । ଜଏଣ୍ଟଇନ୍‌ସ୍ପେକ୍ଟର ଉଭୟ ପକ୍ଷଙ୍କୁ ଡକାଇ ଏକ ପ୍ରକାର ମୀମାଂସା କରି ଦେଲେ ଓ ଶିବବାବୁ କ୍ଷିରୋଦ ବାବୁଙ୍କଠାରୁ ସବୁ କିଣି ନେଇ ଏକାଧିକାରିତ୍ୱ ଲାଭ କଲେ । ଆପଣା ମଧ୍ୟରେ କଥା ଭଙ୍ଗ ଗଲା ସୁଖର ବିଷୟ ଅଟଇ ମାତ୍ର ଶିବବାବୁ ପ୍ରକୃତରେ ଦୋଷୀ କି ନା ଏ ବିଷୟରେ ଆମ୍ଭମାନଙ୍କର ସନ୍ଦେହ ରହିଲା । ଆମ୍ଭେମାନେ ବିବେଚନା କରୁଁ କି ଯେଉଁସ୍ଥଳେ ଶିବବାବୁ ଆପଣା ପୁସ୍ତକର ଭୂମିକାରେ ଲେଖି ଅଛନ୍ତି କି ନାନା ପୁସ୍ତକରୁ ବିଷୟ ସଂକଳନ କରି ତାହା ପ୍ରସ୍ତୁତ କରିଅଛନ୍ତି ସେ ସ୍ଥଳେ କ୍ଷିରୋଦ ବାବୁଙ୍କ ପୁସ୍ତକରୁ କିଛି ନେଇ ଥିଲେ କିପରି ତାହା ନୀତିବିରୁଦ୍ଧ କାର୍ଯ୍ୟ ହେଲା? କ୍ଷିରୋଦ ବାବୁଙ୍କ ପୁସ୍ତକ ଉପରେ ଯେବେ ଶିବବାବୁ ଅଧିକ ନିର୍ଭର କଲେ ତେବେ ତାହା କ୍ଷିରୋଦ ବାବୁଙ୍କର ଗୌରବର ବିଷୟ ସେ ଯାହା ହେଉଥିରେ ସନ୍ତୁଷ୍ଟ ନ ହୋଇ ସାମାନ୍ୟ ପ୍ରତିକାର ଲୋଡ଼ିଲେ ଏକଥାଟା ସୁନ୍ଦର ଦିଶିଲା ନାହିଁ । ଶିବବାବୁଙ୍କ କାର୍ଯ୍ୟ ସର୍ବସାଧାରଣଙ୍କୁ ଜଣାଇ ଦେଇ ତୁନି ହୋଇ ବସି ଥିଲେ ମହତ୍ ପ୍ରତିକାର ଲାଭ ହୋଇ ଥାନ୍ତା ।

---

## କାବୁଲ ଯୁଦ୍ଧ ।

ପରିଶେଷରେ କାବୁଲ ଯୁଦ୍ଧ ଆରମ୍ଭ ହେଲା ଚଳିତମାସ ତା ୨୦ ତାରିଖରେ ଅମିରଙ୍କର ଉତ୍ତର ପହଞ୍ଚିବାର କଥା ଥିଲା କିନ୍ତୁ କିଛି ଉତ୍ତର ଆସିଲା ନାହିଁ । ବରଂ ଆମ୍ଭ ଗବର୍ଣ୍ଣମେଣ୍ଟଙ୍କ ଡାକଚିଠିକୁ ଅମିର ଅଗ୍ରାହ୍ୟ କରିବାରୁ ତାହା ଡାକରେ ଫେରି ଆସିଲା ସୁତରାଂ ମହାମାନ୍ୟ ଗବର୍ଣ୍ଣରଜେନରଲସାହେବ ଆପଣା ସଭାସଦଙ୍କ ସହିତ ପରାମର୍ଶ କରି ସୈନ୍ୟ ଅଗ୍ରସର ହେବାର ଆଜ୍ଞା ଦେଲେ । ତା ୨୧ ରିଖରେ ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ଘୋଷଣାପତ୍ର ବାହାରିଲା । ଉକ୍ତ ଘୋଷଣାପତ୍ର କାବୁଲର ଅମିର ସେରଅଲି ଖାଁନ ଓ ତାହାଙ୍କର ସମସ୍ତ ସରଦାର ଓ ପ୍ରଜା ଓ ସମସ୍ତ ଅଫଗାନସ୍ଥାନ ବାସିଙ୍କ ନାମରେ ଇଂରାଜୀ ପାରସି ଓ ଉର୍ଦ୍ଦୁ ଭାଷାରେ ବାହାରି ଅଛି । ତହିଁର ସାରମର୍ମ ଏହି ଯେ ଇଂଗ୍ରେଜଗବର୍ଣ୍ଣମେଣ୍ଟଠାରୁ ଅମିର ନାନାପ୍ରକାର ଉପକାର ଓ ସାହାଯ୍ୟ ଲାଭ କରି ତଦ୍ଦ୍ୱାରା ଆପଣା ରାଜ୍ୟର ଆନ୍ତରିକ ଓ ବାହ୍ୟିକ ବଳବୃଦ୍ଧି କରିବାକୁ ସକ୍ଷମ ହୋଇ ଅଛନ୍ତି କିନ୍ତୁ ତହିଁ ପରିବର୍ତ୍ତରେ ଇଂରାଜଙ୍କୁ ଅନେକଥର ପ୍ରକାଶ୍ୟରେ ହତାଦର ଏବଂ ତାହାଙ୍କର ଅଶୁଭ ଚିନ୍ତା କରି ପରିଶେଷରେ ସ୍ପଷ୍ଟରୂପେ ଅପମାନ କରି ଅଛନ୍ତି । ତଥାପି ଇଂଗ୍ରେଜଗବର୍ଣ୍ଣମେଣ୍ଟ ଅଫଗାନସ୍ଥାନର ବନ୍ଧୁତା ଲୋଡ଼ୁଅଛନ୍ତି ଏବଂ ଅଫଗାନସ୍ଥାନ ଓ ତହିଁର ପ୍ରଜାର ସ୍ୱାଧୀନତା ରକ୍ଷାକରିବାକୁ ସର୍ବଦା କାମନା କରନ୍ତି । ମାତ୍ର ଇଂରାଜ ଗବର୍ଣ୍ଣମେଣ୍ଟର ବହୁକାଳର ସଖ୍ୟ ଗୁଣକୁ ଅମିର ଭ୍ରମରେ ଦୁର୍ବଳତା ଜ୍ଞାନକରି ଇଚ୍ଛାପୂର୍ବକ ନ୍ୟାଯ୍ୟ କୋପର ପାତ୍ର ହୋଇ ଅଛନ୍ତି । ଅଫଗାନସ୍ଥାନର ସରଦାର ଓ ଲୋକଙ୍କ ସଙ୍ଗେ ଇଂଗ୍ରେଜଗବର୍ଣ୍ଣମେଣ୍ଟର କିଛି କଳହ ନାହିଁ କିମ୍ବା ବର୍ତ୍ତମାନ କରିବାକୁ ଇଚ୍ଛା ନାହିଁ । ଅମିରଙ୍କର ବର୍ତ୍ତମାନର କାର୍ଯ୍ୟ ସକାଶେ ସେମାନେ ଦାୟୀଭୂତ ନୁହନ୍ତି ଏବଂ ଯେପର୍ଯ୍ୟନ୍ତ ସେମାନେ କୌଣସି ଅପରାଧ କରି ନାହାନ୍ତି ସେପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଯେ ସେମାନଙ୍କ ସ୍ୱାଧୀନତାକୁ ମାନ୍ୟ କରିବେ । ଗବର୍ଣ୍ଣମେଣ୍ଟ ଇଚ୍ଛାପୂର୍ବକ ସେମାନଙ୍କର ଅନିଷ୍ଟ ଅଥବା ସେମାନଙ୍କ ବିଷୟରେ ହସ୍ତକ୍ଷେପଣ କରିବେ ନାହିଁ କିମ୍ବା ଅନ୍ୟ କୌଣସି କ୍ଷମତାପନ୍ନ ବ୍ୟକ୍ତିକୁ ଅଫଗାନସ୍ଥାନର ଆଭ୍ୟନ୍ତରିକ ବିଷୟରେ ହସ୍ତକ୍ଷେପଣ କରିବାକୁ ଦେବେ ନାହିଁ । ଘନଶ୍ରୀ କ୍ରିବ୍‌ଚେନ୍ସଙ୍କ ସହିତ ଅମିରଙ୍କର ଯେ ସଦ୍ଭାବ ଥିଲା ତାହାକୁ ଶତ୍ରୁତାରେ ପରିବର୍ତ୍ତନ କରିବାର ଦାୟିତ୍ୱ ସମ୍ପୂର୍ଣ୍ଣରୂପେ ଅମିରଙ୍କ ଉପରେ ରହିଅଛି । ଇତି

ଉପରିଲିଖିତ ଘୋଷଣା ସଙ୍ଗେ ପ୍ରାତଃକାଳରେ ଇଂରାଜ ସେନା ଅଗ୍ରସର ହେଲେ ଓ ନ ୨୯ ମ୍ବର ଦେଶୀୟ ରେଜିମେଣ୍ଟ ମଧ୍ୟରୁ ଏକଦଳ ଥଲ ନଗରର ଚଉମାଇଲ ଉତ୍ତରରେ ନଦୀପାର ହୋଇ କାପିଯୁଗୀ କିଲ୍ଲା ଉପରେ ଚଢାଉ କଲେ ଓ ନ ୧୦ ମ୍ବର ହେସାର ପଲ୍ଟନ କୁରମ ନଦୀ ପାରି ହୋଇ ଅନାୟାସରେ ଜଗିରହିଲେ ! କିଲ୍ଲାରେ ଶତ୍ରୁପକ୍ଷର ଜ ୧୦୦ ଣ ଥିଲେ ସେମାନେ ବଡ଼ରେ ଭରତର ହୋଇ ପଳାଇବାର ଜଣାଯାଏ କାରଣ ସେମାନଙ୍କର ବନ୍ଧୁକ ଓ ଗରମଖାନା ଏବଂ ଛଗୋଟି ପିଲ କିଲ୍ଲା ମଧ୍ୟରେ ପାଆଗଲା । ନ ୨୯ ମ୍ବର ଦେଶୀୟ ପଦାତିକ କିଲ୍ଲା ମଧ୍ୟରେ ଅବାଧ ରୂପେ ପହଞ୍ଚି ଛଟକା ଖାନା ଖାଇ ଆକ୍ରମ କଲେ ।

ତା ୨୧ ରିଖରେ ଏକଦଳ ଅଗ୍ରବର୍ତ୍ତୀ ସୈନ୍ୟ ଅମୋଦଶ୍ୟାମ କିଲ୍ଲାକୁ ବିନା ଯୁଦ୍ଧରେ ହସ୍ତଗତ କଲେ । ପେସ୍ଆରର ପଲ୍ଟନକୁ ଘେନି ଜେନରଲ ବ୍ରାଉନ ଏକାବେଳକେ ଘାଟିଆଡ଼କୁ ଅଗ୍ରସର ହେଲେ ଓ ବିନା ବାଧାରେ ଶାଙ୍କେଇ ପର୍ବତର ଉପରଭାଗ ଅଧିକାର କରି ଦେଖିଲେ ଯେ ଅଲିମସ୍‌ଜିଦରେ ଅମିରଙ୍କ ସେନା ସକଳରେ ରହିଅଛନ୍ତି । ଶତ୍ରୁର ମନ ଅସ୍ଥିର କରିବା କାରଣ କେତେ ସିପାହି ଏଣେ ତେଣେ ଲଗାଇ ଦେଇ ଅଲିମସ୍‌ଜିଦ ଉପରେ ଗୋଳାବୃଷ୍ଟି କଲେ ଏବଂ ଆଉ ପଲ୍ଟନ ପହଞ୍ଚିବା ପର୍ଯ୍ୟନ୍ତ ଆକ୍ରମଣ କରିବାରେ ବିଳମ୍ବ କଲେ । ସୈନ୍ୟ ପହଞ୍ଚିଲା ଉତ୍ତାରୁ ଦିନ ସ ୧୨ ଣ୍ଟାଠାରୁ ଅପରାହ୍ନ ଘଣ୍ଟା ପର୍ଯ୍ୟନ୍ତ ଘୋର ଯୁଦ୍ଧ ହେଲା । ସ ୪ ଣ୍ଟା ସମୟରେ ଜେନରଲ ଆପଲ୍ୟାର୍ଡ ତୃତୀୟ ପଲ୍ଟନ ଘେନି ଅଲିମସ୍‌ଜିଦର ତୋପଶ୍ରେଣୀର ନିକଟବର୍ତ୍ତୀ ହୋଇ ଶୀଘ୍ର ଅଫଗାନ ତୋପ ସବୁ ବନ୍ଦ କରି ଦେଲେ । ଅଲିମସ୍‌ଜିଦ ସମ୍ମୁଖରେ ଇଂରାଜ ସେନା ରାତ୍ରରେ ପହରା ଦେଉଥିଲେ ଏବଂ ରାତ୍ର ମଧ୍ୟରେ ଶତ୍ରୁପକ୍ଷ ତୋପ ତମ୍ବୁ ଇତ୍ୟାଦି ସାମାନ ସହିତ ଅଲିମସ୍‌ଜିଦ ପରିତ୍ୟାଗ କରି ପଳାଇଲେ । ନ ୨୭ ମ୍ବର ଦେଶୀୟ ପଦାତିକର ମେଜର ବର୍ଚ୍ଚ ଓ କପ୍ତାନ ଫିଟ୍‌ଜଗ୍‌ରାଲ୍ଡ ମରି ପଡ଼ିଲେ ଏବଂ ନ ୧୪ ମ୍ବର ଶିଖପଲ୍ଟନର କପ୍ତାନ ମାକଲିନ ଆଘାତ ପାଇଲେ । ସର୍ବସୁଦ୍ଧା ପ୍ରାୟ ୩୦ । ୪୦ ଜଣ ହତ ଓ ଆହତ ହେଲେ ।

Digitized by srujanika@gmail.com

Split by PDF Splitter



ତା ୨୨ ରିଖ ସ୍ପରେ ଇଂରେଜ ସେନା ଅଲିମସଜିଦର ଅବସ୍ଥିତ କରି ତା ୨୩ ରିଖ ସକାଳେ ଲୁଣ୍ଠନମାନଙ୍କୁ ତଡ଼ାଉ ଦେଲେ । ଦ୍ୱିତୀୟ ପଲଟନର ଜେନେରଲ ଟିପ୍ଲରଙ୍କ ଅଧୀନରେ ଅଲିମସଜିଦର ବାଟ ରଖି ଥିଲେ ଏବଂ ଅନେକ ଲୋକଙ୍କୁ ବନ୍ଦୀ କଲେ ।

ଜମରୁଦ ବାଟେ ଯୁଦ୍ଧ ସ୍ଥଳରୁ ସମ୍ବାଦ ପାଆଯାଇଅଛି ଯେ ୨୨ ଗୋଟା ତୋପ ଇଂରେଜଙ୍କ ହସ୍ତଗତ ହୋଇଅଛି ଏବଂ ଅମିରଙ୍କର ଅଧିକାଂଶ ସୈନ୍ୟ ଜଣେ ଜେନେରଲ ଓ କେତେ ଅନ୍ୟ କର୍ମଚାରୀ ସହିତ ବନ୍ଦୀ ହୋଇଅଛନ୍ତି ।

ଉପର ଲିଖିତ ମତେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ତିନି ଦିନରେ ଛଟା କେଲ୍ଲା ଅଧିକାର କଲେ କିନ୍ତୁ ଅମିରଙ୍କ ସେନା କେଉଁଠାରେ କଳା ଯୁଦ୍ଧ ଓ କେଉଁଠାରେ କିଞ୍ଚିନ୍ମାତ୍ର ଯୁଦ୍ଧ କରି ପଳାଇଲେ । ଏଥିରୁ ଅମିରଙ୍କର କୌଶଳ ବୁଝାଯାଉ ନାହିଁ ଯେ ବ୍ୟକ୍ତି ଏତେଗର୍ବ କରୁଅଛି ସେ ଯେ ଆପେ ଯୁଦ୍ଧ ସକାଶେ ପ୍ରସ୍ତୁତ ହୋଇ ନାହିଁ ଏମନ୍ତ ଅନୁମାନ କରିବା କଠିନ ଅଟଇ । ଅନେକ ଲୋକର ବିଶ୍ୱାସ ଏହି ଯେ ଅମିର ଇଂରେଜ ସେନାକୁ କ୍ରମେ କ୍ରମେ ଆପଣା ଦାଉକୁ ଟାଣି ନେଇ ଯାଉଅଛନ୍ତି । ସୁବିଧା ସ୍ଥାନରେ ଘୋରତର ରଣ କରିବେ । କିନ୍ତୁ ତୋପ ଓ ସାମାନ ଛାଡ଼ି ପଳାଇବା ସଙ୍ଗେ ଏ କଥାର ମେଳ ହେଉ ନାହିଁ । ଅନୁମାନ ହୁଅଇ ଅମିର ରୁଷିଆର ସାହାଯ୍ୟ ଉପରେ ନିର୍ଭର କରି ଏତେ ଆଶ୍ୱ ବାନ୍ଧି ଥିଲେ । ଏତେ ବେଳେ ରୁଷିଆକୁ ଚାହିଁ ବସି ଆପଣା ଦ୍ରବ୍ୟ ହରାଉଅଛନ୍ତି । ଯାହା ହେଉ ବିଲାତର ଏକ ସମ୍ବାଦରୁ ଜଣାଯାଏ ଯେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଖାଇବର ଓ କୁରମ ଉପତ୍ୟକା ଅଧିକାର କରି ରହିବେ ଓ ଅମିରଙ୍କ କାର୍ଯ୍ୟ ହେତୁରୁ ବାଧ୍ୟ ନ ହେଲେ ସମ୍ପ୍ରତି ଆଗକୁ ବଢ଼ିବେ ନାହିଁ ।

---

### ଶିକ୍ଷିତ ଯୁବାଙ୍କର ଦେଶୀୟ ସମ୍ବାଦପତ୍ର ଆସ୍ଥା ।

ଗତ ପ୍ରକାଶିତ ବାର୍ତ୍ତାଲହରୀରେ ଦେଖିଲୁଁ ଯେ ଉକ୍ତ ସମ୍ବାଦପତ୍ରର ବ୍ୟୟ ନିର୍ବାହ ନିମିତ୍ତ ସେ ଅଞ୍ଚଳର କେତେଜଣ ଦେଶୀୟ ଭଦ୍ରଲୋକ ଆପଣା ୨ ଚେନ୍ଦା ଉପରେ ୫୧୦।୬୦ଙ୍କା ଲେଖାଏ ଦାନ କରିଅଛନ୍ତି । ଗଞ୍ଜାମ ବ୍ରହ୍ମପୁରରେ ବାର୍ତ୍ତାଲହରୀ ଏକମାତ୍ର ଦେଶୀୟ ସମ୍ବାଦପତ୍ର ତହିଁର ସ୍ଥାୟିତ୍ୱ ଅଥବା ଉନ୍ନତିକାରଣ ଉକ୍ତ ନଗର ଓ ତହିଁ ଆଖପାଖର ଭଦ୍ରଲୋକମାନେ ସାହାଯ୍ୟ ଦାନ କରିବାର ଦେଖି ଆମ୍ଭେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଏଥିରୁ ପାଠକମାନେ ଏମନ୍ତ ସିଦ୍ଧାନ୍ତ କରିବେ ନାହିଁ ଯେ ଆମ୍ଭେମାନେ ମଧ୍ୟ ସେପ୍ରକାର ଦାନ ଆଶା କରୁଁ ଓ ତହିଁର ପ୍ରବୃତ୍ତି ଜନ୍ମାଇବା କାରଣ ଏ କଥା ଲେଖିଲୁଁ । ବାସ୍ତବରେ ତାହା ନୁହେ । ଆମ୍ଭମାନଙ୍କର ସେପର ଅଭାବ ହୋଇ ନାହିଁ । ତେବେ ଆମ୍ଭେମାନେ ଏଠା ଶିକ୍ଷିତ ଯୁବାଙ୍କଠାରୁ ଯେପ୍ରକାର ସାହାଯ୍ୟ ଆଶା କରୁଁ ତାହା ନ ପାଇବାରୁ ଆମ୍ଭମାନଙ୍କ ମନରେ ଏକପ୍ରକାରରେ ଏହି ବିଶ୍ୱାସ ହୋଇଥିଲା ଯେ ଶିକ୍ଷିତ ଯୁବାଙ୍କର ଦେଶୀୟ ସମ୍ବାଦପତ୍ର ଆସ୍ଥା ନାହିଁ କିନ୍ତୁ ଏକସ୍ଥାନର ସମ୍ବାଦପତ୍ରପ୍ରତି ସେଠା ଲୋକଙ୍କର ଉନ୍ନ ଭାବ ଦେଖିବାରୁ ତହିଁର ପ୍ରଶଂସା କରିବାରୁ କ୍ଷାନ୍ତ ହୋଇ ନ ପାରି ତହିଁର ପ୍ରତିଧ୍ୱନି କଲୁଁ । ଏଥର ଯେବେ ଭଗବାନ୍ ଆମ୍ଭମାନଙ୍କ ଆଶା ପୂର୍ଣ୍ଣ କରିବେ ତେବେ ବଡ଼ ଆନନ୍ଦର ବିଷୟ ହେବ । ଆମ୍ଭମାନଙ୍କର ଆଶା ଏହି ଯେ ଶିକ୍ଷିତ ଯୁବାମାନଙ୍କେ ଅର୍ଥାତ୍ ସମ୍ବାଦପତ୍ରର ମୂଲ୍ୟ ଦେଲେବୋଲି ଯାହାଙ୍କୁ ଉପକାର ଶୋଇବାକୁ ହେବ ନାହିଁ ଖଣ୍ଡେ ୨ ପତ୍ରିକା ଗ୍ରହଣ କରନ୍ତୁ । ଏବଂ ତହିଁର ପୁଷ୍ଟି ସାଧନ ନିମିତ୍ତ ସର୍ବଦା ଚେଷ୍ଟିତ ହେଉନ୍ତୁ । ସମ୍ବାଦପତ୍ରଦ୍ୱାରା ଦେଶର କି ଉପକାର ହୁଅଇ ଏବଂ ସମ୍ବାଦପତ୍ର କିରୂପ ହେବାର ଉଚିତ ସେକଥା ତାହାଙ୍କୁ କହିବା ବାହୁଲ୍ୟ । ସେମାନେ ତାହା ବିଲକ୍ଷଣରୂପେ ଜାଣିଅଛନ୍ତି । କିନ୍ତୁ କାର୍ଯ୍ୟତଃ ତାହାଙ୍କର କିଛି ଆସ୍ଥା ଦେଖାଯାଉ ନାହିଁ । ଏହି ଉତ୍କଳଦୀପିକା ଏକଯୁଗ ଅତିକ୍ରମ କଲା ଏଥିମଧ୍ୟରେ ଓଡ଼ିଶାର କେତେ ଯୁବା ସୁଶିକ୍ଷିତ ହେଲେ ଶିକ୍ଷିତ ହୋଇ ଅନ୍ତତଃ ସଂସାର ଚଳାଇବାଭଳି ଚାକିରି ପାଇଲେ ବା ଜମିଦାରୀ ବ୍ୟବସାୟଦ୍ୱାରା ଧନ ଅର୍ଜିଲେ ଆପଣା ୨ ପରିବାରର ବ୍ୟୟ ନିର୍ବାହ କରିବାରୁ ଦୁଇ ଚାରି ପଇସା ଏଣେ ତେଣେ ଖର୍ଚ୍ଚ କଲେ ମାତ୍ର ପତ୍ରିକାର ଗ୍ରାହକଶ୍ରେଣୀ ମଧ୍ୟରେ ଖୋଜିଲାବେଳକୁ ଦେଖାଯାଏ ଯେ ସେମାନଙ୍କ ମଧ୍ୟରୁ ଅନେକର ନାମ ତହିଁରେ ନାହିଁ । ସେମାନେ ଯେ କିକାରଣରୁ ଖଣ୍ଡେ ପତ୍ରିକାର ଗ୍ରାହକ ହେବାକୁ ଭାର ବୋଧ କରନ୍ତି ଆମ୍ଭେମାନେ ସ୍ଥିର କରି ପାରୁନାହୁଁ ଅବଶ୍ୟ ଏମନ୍ତ ବୋଲଯାଇ ପାରେ ଯେ ସେମାନେ ଯେତେଦୂର ଶିକ୍ଷିତ ହୋଇଅଛନ୍ତି ତଦ୍ଦୃଷ୍ଟିରେ ଓଡ଼ିଶାର ସମ୍ବାଦପତ୍ରମାନ ଯଥେଷ୍ଟ ଯୋଗ୍ୟତା ଲାଭ କରିନାହିଁ ଯେ ସେମାନେ ତହିଁର ଗ୍ରାହକ ହେବେ । କିନ୍ତୁ ସେପର ଯୋଗ୍ୟ କରିବାର ଭାର କି ତାହାଙ୍କ ଉପରେ ନାହିଁ ? ଯେଉଁଠାରେ ସୁଶିକ୍ଷିତ ଲୋକ ଅଛନ୍ତି ସେଠା ସମ୍ବାଦପତ୍ର ଭଲ ନ ହେବାର କଳଙ୍କ କି ତାହାଙ୍କୁ ଲାଗଇ ନାହିଁ ? କଥାରେ କହନ୍ତି 'ଗାଁପରଶୁଣ ଯୋବାଳଠରୁ ଜଣା' ଏହାକି ସୁଶିକ୍ଷିତ ଲୋକମାନେ ଅନୁଭବ କରି ପାରୁନାହାନ୍ତି । ସମ୍ବାଦପତ୍ର ସାଧାରଣର ମୁଖସ୍ୱରୂପ । ମାତ୍ର ସମସ୍ତଙ୍କ କଥା କହି ଆସଇ ନାହିଁ । କେବଳ ସୁଶିକ୍ଷିତ ଓ ଚିନ୍ତାଶୀଳ ବ୍ୟକ୍ତିମାନେ ସାଧାରଣ ଭାବ ବ୍ୟକ୍ତ କରିବାକୁ ସମର୍ଥ । ଯେବେ ଏପ୍ରକାର ଲୋକମାନେ ସମ୍ବାଦପତ୍ରପ୍ରତି ଆସ୍ଥା ନ କରିବେ ତେବେ କାହାଦ୍ୱାରା ସମ୍ବାଦପତ୍ରର ଉନ୍ନତି ହେବ ? ଆମ୍ଭେମାନେ ବୋଧ କରୁଁ ଯେ ଜାଣିବାଲୋକଙ୍କର ସମ୍ବାଦପତ୍ରପ୍ରତି ଅନାସ୍ଥା ଦେଖି ଗବର୍ଣ୍ଣମେଣ୍ଟ ଇଂରେଜ କର୍ମଚାରୀଙ୍କ ମଧ୍ୟରୁ ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଦେଶୀୟ ସମ୍ବାଦପତ୍ରର କିଛି ଗୌରବ ନାହିଁ । ଫଳତଃ ଏପ୍ରକାର ବୋଲିବା ନିତାନ୍ତ ଅଯୌକ୍ତିକ ନୁହେ । ଦେଶମଧ୍ୟରେ କେତେ ସମୟରେ କେତେ କଥାର ଆନ୍ଦୋଳନ ହେଉଅଛି ଯେବେ ସୁଶିକ୍ଷିତ ଓ ଭାବୁକମାନେ ଆପଣା ୨ ମତାମତ ସମ୍ବାଦପତ୍ରଯୋଗେ ପ୍ରକାଶ କରିବାକୁ କିଞ୍ଚିତ୍ ଚେଷ୍ଟା କରନ୍ତେ ଏବଂ କିଛି ୨ ପରିଶ୍ରମ ସ୍ୱୀକାର କରି ଆପଣା ୨ ଅଭିପ୍ରାୟ ସର୍ବସାଧାରଣଙ୍କୁ ଲେଖି ଜଣାନ୍ତେ ତେବେ ସମ୍ବାଦପତ୍ରର ଅନେକ ଉନ୍ନତି ହୁଅନ୍ତା ଓ ଯେଉଁମାନେ ବର୍ତ୍ତମାନ ସମ୍ବାଦପତ୍ରକୁ ତୁଚ୍ଛ ମଣୁଅଛନ୍ତି ସେମାନେ ଆଗ୍ରହପୂର୍ବକ ପାଠ କରନ୍ତେ । ଆଫଗାନ ସ୍ଥାନ ଯୁଦ୍ଧ ବର୍ତ୍ତମାନ ଯେଉଁ ଗୋଳଯୋଗ ଉପସ୍ଥିତ ହୋଇଅଛି ସେ ବିଷୟରେ ଇଂଲଣ୍ଡର ଟାଇମସ୍ ପତ୍ରିକାରେ ସର୍ ବାର୍ଟ୍‌ଲ ଫ୍ରେର ଲର୍ଡ ଲରେନ୍ସ ଲର୍ଡନର୍ଥ ବ୍ରୁକ୍ ପ୍ରଭୃତି ମହାତ୍ମାମାନେ ଆପଣା ୨ ମତ ପ୍ରକାଶ କରିବାକୁ କେମନ୍ତ ତତ୍ପର ହୋଇଅଛନ୍ତି ଏଠା ଶିକ୍ଷିତ ଲୋକମାନଙ୍କ ମନରେ ସେପର ଭାବ କିଞ୍ଚିତ୍ ମାତ୍ରରେ ଉଦୟ ନ ହେବାର ଦେଖିଲେ କାହାର ମନ ଦୁଃଖିତ ନ ହେବ । କେହି ଏମନ୍ତ ମନେ କରିବେ ନାହିଁ ଯେ ଆମ୍ଭେମାନେ ହୀର୍ ସଙ୍ଗେ କାଚର ତୁଳନା କରୁଅଛୁଁ । ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ଇଂଲଣ୍ଡ ଏବଂ ଓଡ଼ିଶା ମଧ୍ୟରେ ଯେ ଅନୁପାତ ସେଠା ଓ ଏଠା ଶିକ୍ଷିତ

Digitized by srujanika@gmail.com

ଲୋକଙ୍କ ମଧ୍ୟରେ ସେପରି ଅନୁପତିର ଆଶା କାହିଁକି ନ କରିବୁଁ ? ଯେମନ୍ତ ଇଂଲଣ୍ଡର ଚିନ୍ତା-ଶୀଳ ଲୋକମାନେ ସେଠା ସଂବାଦ ପତ୍ରକୁ ଆସ୍ଥା କରନ୍ତି ତେମନ୍ତ ଏଠା ଲୋକମାନେ ଏଠା ସଂବାଦ ପତ୍ରକୁ କଲେ କାଳେ ଏହାର ଗୌରବ ଅନେକ ବୃଦ୍ଧିହେବ ସନ୍ଦେହ ନାହିଁ । ଅତଏବ ଅମ୍ଭେମାନେ ଶିକ୍ଷିତ ଯୁବାଙ୍କୁ ବିଶେଷ ଅନୁରୋଧ କରୁଁ ଯେ ସେମାନେ ସ୍ୱଦେଶୀୟ ସଂବାଦ ପତ୍ର ପ୍ରତି ଅନାସ୍ଥା ପ୍ରକାଶ ନ କରି ଯେ ଉପାୟରେ ଏହାର ଉନ୍ନତି ହେବ ତାହା ଅବଲମ୍ବନ କରନ୍ତୁ ।

---

# ସାପ୍ତାହିକସଂବାଦ ।

କଲ୍ମ ସାହେବ ପୁରୀର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଥିଲେ ମାତ୍ର ତାହାଙ୍କର ଅସିବାର ହେଲ ନାହିଁ ଓ ହ୍ଵା ବାଲ୍ସେ ସାହେବ ମେଦିନୀପୁରରୁ ପୁରୀର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ହୋଇ ଆସୁଅଛନ୍ତି ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଏ ନଗରର ବାଳକାସ୍କୁଲ ସକାଶେ ଶ୍ରୀମତୀ ମହାରାଣୀ ସ୍ୱର୍ଣ୍ଣମୟୀ ଟ ୨୦ ଙ୍କା ଦାନ କରିଅଛନ୍ତି । ମହାରାଣୀଙ୍କର ବଦାନ୍ୟତାର ସ୍ରୋତ ଭାରତବର୍ଷର ସର୍ବତ୍ରକୁ ଧାବିତ ହେବାର ଦେଖାଯାଏ । ଧନ୍ୟ ଏହାଙ୍କ ଗତି ।

ଯେ, ହ୍ଵିଟମୋର ସାହେବ ବାଲେଶ୍ୱରର ଅସିଷ୍ଟାଣ୍ଟ ମାଜି-ଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି ଏବ ଏହାଙ୍କୁ ପ୍ରଥମଶ୍ରେଣୀର କ୍ଷମତା ଦିଆଯାଇଅଛି ।

ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ଯେ ଶ୍ରୀଯୁକ୍ତ ରେଵନସା ସାହେବ କମିଶନର ଅଗାମୀ ମାସ ତା ୧୪ ରିଖ ପର୍ଯ୍ୟନ୍ତ ଭାରତବର୍ଷରେ ପ୍ରବେଶ ହେବେ । ସେ ବର୍ତ୍ତମାନର କମିଶ-ନର ହେବେ ଏବ ପିଲ୍ସ ସାହେବ ହୁଗଲୀର କଲେକ୍ଟରୀ କର୍ମକୁ ଫେରି ଅସିବେ ।

ସୀମା ପ୍ରଦେଶକୁ ପ୍ରେରିତ ହୋଇଥିବା ସୈନ୍ୟଙ୍କ ସକାଶେ କମିସରିଅଟ ବିଭାଗର କାର୍ଯ୍ୟ ବିଶେଷ ଲାଗିଅଛି । ଦଶହଜାର ଭୁଲି ଏବ ୭୦୦୦ ଓଟ ସଂଗୃହୀତ ହେଉଅଛି ଏପରି ଏକଲକ୍ଷ ବସ୍ତା ଶସ୍ୟ ଏଥି ମଧ୍ୟରେ ପଠା ଯାଇଣି ଯୁଦ୍ଧର ଖର୍ଚ୍ଚ ସାମାନ୍ୟ ନୁହଇ ।

ପାୟୋନିଅର ତାରଯୋଗେ ଶୁଣି ଅଛନ୍ତି କି କୋହିସ୍ଥାନ ନଗରରେ ଘୋର ରାଜବିଦ୍ରୋହ ଘଟିଅଛି ଏଥି ପାଇଁ ସେଲଲବାଦକୁ ସୈନ୍ୟ ବାହାରି ଯିବାର ଅନୁମାନ ହୁଅଇ ।

ଡେଇଲନ୍ୟୁସରେ ଲେଖାଅଛି କି ପେସ୍ୱାଅରର ଏକ ରେ-ଜିମେଣ୍ଟରେ କର୍ମକରୁଥିବା ଜଣେ ଅଫଗାନ ସିପାହି କହିଅଛି କି ଅମିରର ସେନା ବର୍ଷକ ବେତନ ଏବ ଚାରିମାସର ଅଗ୍ରୀମ ବେତନ ସକାଶେ ଘୋର ଗୋଳମାଳ କରୁଅଛନ୍ତି ଏବ କହୁଅଛନ୍ତି ଯେ ସେମାନେ ସପରିବାରରେ ଖାଦ୍ୟଦ୍ରବ୍ୟ ଅଭାବରେ ଅନାହାରରେ ମରିବାକୁ ବସିଅଛନ୍ତି ।

ମାନ୍ଦ୍ରାଜ ପ୍ରଦେଶରେ ଖାଦ୍ୟର ଦର ପୂର୍ବପ୍ରାୟ ରହିଅଛି ବରଂ ପୂର୍ବାପେକ୍ଷା କିଛି ଅଧିକ ହୋଇଅଛି କୌଣସିଠାରେ ଊଣା ହୋଇ ନାହିଁ । ଗଞ୍ଜାମରେ ଟଙ୍କାକୁ କରକଚ ସେ ୧୯୷ କୃଷ୍ଣା ଜିଲାରେ ସେ ୭୷ ଏବ ସବୁଠାରୁ ଶସ୍ତା ଦକ୍ଷିଣ କାନଡାରେ ସେ ୧୧। ହୋଇଅଛି ।

କାବୁଲର ଅମିର ଆଜ୍ଞାଦେଇଅଛନ୍ତି କି ଏବର୍ଷ ତାହାହାର ଏଲକାର ଖଜଣା ନଗଦ ଅସୁଲ ହେବ । ତାହାଙ୍କ ସରକା-ରର ଅଂଶ ବାବତ ଫସଲର ମୂଲ୍ୟ ଏବ ଟଙ୍କାକୁ ସେ ୨୦ ର ହିସାବରେ ଜମିଦାରଙ୍କଠାରୁ ବଳପୂର୍ବକ ଅଦାୟ ହେବ । ଏପରି ଅମିର ଆଜ୍ଞା ଦେଇଅଛନ୍ତି କି କାନ୍ଦାହାରରୁ ଏକଶତ ଓଟର ବୋଝ ବାରୁଦ ଓ ଗୋଳା କାବୁଲକୁ ପ୍ରେରିତ ହେବ ।

ସଂକ୍ରାମକ ଜ୍ୱର ରୋଗିଙ୍କ ସାହାଯ୍ୟ ନିମନ୍ତେ ଫିଲଡେଲଫି-ନଗରରେ ଏକ ମହାତ୍ମା ଅର୍ଥାତ ଏକବ୍ୟକ୍ତି ସେଠାକୁ ଅସି ଟ ୧୦୦୦୧ ଙ୍କା ଦାନ କରି ଗଲାଗଲା ଓ ସେତେ ପର୍ଯ୍ୟନ୍ତ ଲେହେଁ ଅପଣା ନାମ କହିଲା ନାହିଁ । ହିନ୍ଦୁପେଟ୍ରିଅଟ ଏସ-ମ୍ବାଦଟି ଲେଖି ତହିଁସଙ୍ଗେ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ଏଠାଲୋକେ ପାଞ୍ଚଟଙ୍କା ଦଶଟଙ୍କା ଦାନକଲେ ସମାଦପ-ତ୍ରରେ ତହିଁର ଘୋଷଣା କରନ୍ତି । ସମ୍ବାଦପତ୍ରର ସମ୍ପାଦକ-ମାନଙ୍କୁ ଏପରି ବୃଥା ଅହଙ୍କାରର ଉତ୍ସାହ ଦେବା ଉଚିତ ନୁହଇ ।

ଗ୍ରେଟଇଷ୍ଟରନରେଲୱେ ସୋନାପୁରଠାରୁ ଡାଏମଣ୍ଡହାର-ବର ପର୍ଯ୍ୟନ୍ତ ଗୋଟିଏ ରେଲୱେର ନିର୍ମାଣ ହେବ ତହିଁ-ସକାଶେ ଜମି ନଅଯିବାର ବିଜ୍ଞାପନ ଗଜେଟରେ ବାହାରିଅଛି ।

ଅଯୋଧ୍ୟାର ତାଲୁକଦାରମାନେ କାବୁଲଯୁଦ୍ଧରେ ଗବର୍ଣ୍ଣ-ମେଣ୍ଟଙ୍କୁ ସାହାଯ୍ୟ ଦେବା କାରଣ ପ୍ରାର୍ଥନା କରିଅଛନ୍ତି । କିପରି ସାହାଯ୍ୟ ଦେବେ କିଛି ଜଣା ଗଲା ନାହିଁ ।

ଅଗାମୀ ଜାନୁଆରି ମାସ ପ୍ରଥମ ଦିନରେ ନବାବ ଅସାନ ଉଲ୍ଲା ଢାକାରେ ଏକ କୃଷି ପ୍ରଦର୍ଶନ କରାଇବେ । ତାହାଙ୍କ-ସର ଜମିଦାରଙ୍କୁ ଅପଣା୨ ଜମିଦାରୀର ଫସଲ ଏବ ସ୍ୱତ୍ପ-ପାଳିତ ପଶୁର ଉନ୍ନତି ବିଷୟରେ ଉତ୍ସାହ ଦେବା ଏପ୍ରଦର୍ଶ-ନର ଉଦ୍ଦେଶ୍ୟ ଅଟଇ । ଦେଶୀୟ ଜମିଦାରମାନେ ଅପଣା୨ ଜିଲାରେ ଏପ୍ରକାର ପ୍ରଦର୍ଶନର ଅନୁଷ୍ଠାନ କଲେ ବଡ ଭଲ ହୁଅନ୍ତା ।

ହିନ୍ଦୁପେଟ୍ରିଅଟରେ ପାଠକଲୁଁ ଯେ ପ୍ରତ୍ୟେକ ନଗର ସଡ଼କ ସମସ୍ତର ଦୁଇପାଖରେ ଆମ୍ବ ପଣସ ଓ ଅନ୍ୟାନ୍ୟ ଫଳବାନ୍ ବୃକ୍ଷମାନ ଲଗାଇବା ସକାଶେ ବଙ୍ଗାଳ ଗବର୍ଣ୍ଣ-ମେଣ୍ଟ ଜିଲାର ମାଜିଷ୍ଟ୍ରେଟ ଓ ରେଭିନ୍ୟୁ କମିଶନରଙ୍କ ପ୍ରତି ଆଦେଶ ପ୍ରସ୍ତୁତ କରିଅଛନ୍ତି । ଲେଫ୍ଟନେଣ୍ଟ ଗବର୍ଣ୍ଣର କୋହନ୍ତି ଯେ ଏସବୁ ଗଛ ଲଗାଇବାରେ ଯାହା ବ୍ୟୟ ହେବ ଫଳଫଳରେ ତହିଁର ଅସୂଲ ତାହା ଅଦାୟ ହୋଇ ପାରିବ ଏବ କାଳ ମହରଗ ସମୟରେ ଫଳଦ୍ୱାରା ଲୋକଙ୍କର ବିଶେଷ ସାହାଯ୍ୟ ହେବ ।

୧ । କହୁଅଛନ୍ତି ହେଲ ଅମ୍ଭମାନଙ୍କ ଭାରତେଶ୍ୱରୀ ଅସବର୍ଣ ଶଳ ସଦନରେ ଯେତେବେଳେ ଥିଲେ, ତେତେବେଳେ ସେ ଜେଲ୍ ପଡ଼ାର ଗରିବମାନଙ୍କ କୁଟୀରକୁ ଯାଇଁସେମାନଙ୍କ ସଙ୍ଗରେ ଅଳାପ କରୁଥିଲେ ଏରୂପ ଖବ ତାଙ୍କର ସ୍ୱଭାବ ଅଛି । ଛଦ୍ମବେଶରେ ଗରିବମାନଙ୍କର ତତ୍ତ୍ୱ ନେଇ ସେମା-ନଙ୍କୁ ସାହାଯ୍ୟ କରିବା ତାଙ୍କର ଗୋଟିଏ ବିଶେଷ ଗୁଣ ଅଟଇ । ଥରେ ଜଣେ ଶାନ୍ତ କାଠରିଆ ଗରିବକୁ ସେ ଅପଣା ଗାଡି ପଛରେ ବସାଇ ଅଣି ଥିଲେ । ଏହି ଅସବ-ରଣରେ ମହାରାଣୀ ଅପଣାର ଝିଅମାନଙ୍କୁ ଗୃହକାର୍ଯ୍ୟ ଏବ ରନ୍ଧନାଦି କ୍ରିୟା ଶିକ୍ଷା ଦେଇଅଛନ୍ତି । ଯେଉଁମାନଙ୍କର ମାନ ସମ୍ଭ୍ରମ ଅଛି ସେମାନେ ସାମାନ୍ୟ କାର୍ଯ୍ୟରେ କେବେହେଁ ଅପ-ମାନ ବୋଧ କରନ୍ତି ନାହିଁ । ପାଠ ବଡ଼ମନୁଷ୍ୟମାନଙ୍କରହିଁ ସବୁରସ୍ୱ । ସେମାନଙ୍କର ମାନର ଭୟ ଅତ୍ୟନ୍ତ ଥାଏ । ସେଥିର ଅର୍ଥ ଏହି ଯେ ସେମାନେ ପାଠ ଅଟନ୍ତି ।

୨ । ମେସେଡୋନିଆର ମୁସଲମାନମାନେ ସ୍ଥିର କରିଅଛନ୍ତି କୋରାନର ଉପଦେଶ ଅମାନ୍ୟ କରିବାରୁ ଦେଶରେ ଅମ-ଙ୍ଗଳ ଘଟୁଅଛି, ଅତଏବ ଯେଉଁମାନେ ମଦ୍ୟପାନ କରିବେ ଉଆ ଖେଳିବେ, ବିଷୟକର୍ମ ଛଡା ଅନ୍ୟ ସମୟରେ ଯେ ଖ୍ରୀଷ୍ଟାନ ସଙ୍ଗରେ ବନ୍ଧୁତା ରଖିବେ, ଯେଉଁ ସ୍ତ୍ରୀଲୋକ ଇଉ-ରୋପର ପୋଷାକ ଅଥବା ଦେଶୀୟ ପ୍ରାଚୀନ ପୋଷାକ ନ ପିନ୍ଧିବେ । ଏବ ଖ୍ରୀଷ୍ଟାନ ପରିବାର ସଙ୍ଗରେ ମିଶିବେ, ସେମା-ନଙ୍କର କଠିନ ଦଣ୍ଡ ହେବ । ଗୋଟିଏ ସ୍ତ୍ରୀଲୋକ ମୋଟା ପୋଷାକ ନ ପିନ୍ଧିବାରୁ ତାହାର ଉପରକୁ ଇଟା ଫୋପାଡି ଥିଲ । ସୁ, ସ ।

---

## ବିଜ୍ଞାପନ ।

---

† ଅତି ଅପୂର୍ବ ଓ ବୃହତ ଗୃହବାଟପଦ୍ମ ।

ଏଥିରେ ସୌରଜଗତ, ଗ୍ରହଣ, ଗ୍ରହମାନଙ୍କର ଗତି, ସମୁଦ୍ରରେ ଜାହାଜ ଗଡ଼ିବା ଓ ଜଳ କି ବାୟୁ ବଳରେ କଳ ଘୂରିବା, ନାନାବର୍ଣ୍ଣର ଫୁଲ ଇତ୍ୟାଦି ଅନେକ ପ୍ରକାର ଅଦ୍ଭୁତ ଓ ଅତ୍ୟନ୍ତ ସୁନ୍ଦର ଚିତ୍ରମାନ ଗୃହଦ୍ୱାରା ଦେଖାଯାଏ । ଏହା ଯେମନ୍ତ ବାଳକମାନଙ୍କର କୌତୁକ ତେମନ୍ତ ଟିପ୍ପନୀ-ନଙ୍କର ଶିକ୍ଷା ଓ କ୍ରୀଡା ନିମନ୍ତେ ବିଶେଷ ଉପଯୋଗୀ ଅଟଇ । ରାଜା ଏବ ବଡ଼ଲୋକଙ୍କ ଘରେ ଏପରି ପଦାର୍ଥ ରହିବାର ଉଚିତ ।

ଉପର ଲିଖିତ ଯନ୍ତ୍ର ୩୭ ଖଣ୍ଡ ଚିତ୍ରପଟ ସହିତ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ନିମନ୍ତେ ଅଛି । ମୂଲ୍ୟ ଟ ୩୦୦୧ ଙ୍କା ଯାହାଙ୍କର କ୍ରୟ କରିବାର ଇଚ୍ଛା ହେବ ଅନୁଗ୍ରହ କରି ଅମ୍ଭ ନିକଟକୁ ପତ୍ର ଲେଖିବେ ।

୨୭।୧୧।୭୮ ଶ୍ରୀ ଗୌରିଶଙ୍କର ରାୟ

---

ଟଳଲିଖିତ ଦ୍ରବ୍ୟମାନ କଟକପ୍ରିଣ୍ଟିଂ କୋମ୍ପାନିଙ୍କ ଛାପା-ଖାନା ପାଖ ଦୋକାନରେ ବିକ୍ରୟ ହେଉଅଛି ।

ନାନାପ୍ରକାର ପଢିବାର ପୁସ୍ତକ ( ପଦ୍ୟ ଓ ଗଦ୍ୟ ) ବାଇବାଗଜ ଷ୍ଲେଟ ଓ ବଡଖଡ଼ି ଅର୍ଥାତ୍ ରବର, କମାନ, ଫୁଲସ୍କାପ, ପେନସିଲ୍, ଉଡ଼ସର କଲମଦାନ, ଉଡ଼ସର ମେକସନ ବା କଲମ, ବୁଅଦ, କେତାବ ବାନ୍ଧିବାର ନାନା-ରଙ୍ଗର ବନାତଲୁଗା, ଦର୍ପି ବା ବୋଟ ଦଉଡ଼ି ଓ କଲକତୀ, ମାର୍ବଲକାଗଜ, ରଙ୍ଗକାଗଜ, ଅରଗିନୁଦା, ଉତ୍ତମ ସୁନ୍ଦର-ଦଉଡ଼ୀ, ବୁରୁଶ ।

---

## ମୂଲ୍ୟପ୍ରାପ୍ତି ।

---

| | | | |
|---|---|---|---|
| ବାବୁ ହରେକୃଷ୍ଣ ଚୌଧୁରି କେନ୍ଦ୍ରାପଡା | | ଅଗ୍ରିମ | ଟ ୩ ।୵ |
| ଶ୍ରୀ ଶ୍ରୀ ମହାରାଜା କୃଷ୍ଣ ମୟୁରଭଞ୍ଜ | | " | ଟ ୮ ୳ |
| ଶ୍ରୀ ପାଦ୍ରି ମିଲର ସାହେବ | କଟକ | ବକେୟା | ଟ ୭୳ |
| ବାବୁ ସଦାନନ୍ଦ ମାହାନ୍ତି | " | " | ଟ ୭୳ |
| " ଚମନଲାଲ ସାଡକ | " | " | ଟ ୩୳ |
| ଶ୍ରୀ ଏଚ ଏମ୍ବ ବଡନ ସାହେବ | " | ଅଗ୍ରିମ | ଟ ୪୳ |
| ତପୋନିଧି ଜଗନ୍ନାଥ | | | |
| ଭାରତୀ ଷ୍ଟେସନ | " | ବକେୟା | ଟ ୭୳ |

---

ଏହି ଉତ୍କଳ ଦୀପିକା ସହର କଟକ ତେଲିଙ୍ଗାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



ଅତିରିକ୍ତ ।

ଉତ୍କଳଦୀପିକା ତା ୩୦ ରିଖ ମାହେ ନବେମ୍ବର ସନ ୧୮୭୮

## କାବୁଲ ଯୁଦ୍ଧ ।

ଚଳତମାସର ତା ୨୨ ରିଖରେ ଲାହୋରରୁ ଏହିରୂପ ସରକାରି ତାରସମ୍ବାଦ ଆସିଅଛି ଯେ ତା ୨୩ ରିଖରେ ଧାକା ନଗର ବିନା ଯୁଦ୍ଧରେ ଇଂରାଜଙ୍କ ହସ୍ତଗତ ହୋଇଅଛି । ଇଂରାଜ ସେନା ପହୁଞ୍ଚିବା ପୂର୍ବ ମୋହମନ୍ଦମାନେ ଉକ୍ତ ନଗରକୁ ଲୁଟିନେଇ ଯାଇଥିଲେ । ମୋହମନ୍ଦମାନଙ୍କ ସର୍ଦ୍ଦାର ଲାଲପୁରର ମହମ୍ମଦସାଖାନ ଇଂରାଜ ସେନା ସାକ୍ଷାତରେ ଉପସ୍ଥିତ ହୋଇ ବନ୍ଧୁ ସମ୍ଭାଷଣ କଲେ । ସେନା ସକାଶେ ଚତୁର୍ଦ୍ଦିଗରୁ ପ୍ରଚୁର ରସଦ ଆସୁଅଛି । ଗୋର୍ଦ୍ଦ ଖାଇବାରର ସରଦାରମାନେ ଉପସ୍ଥିତ ହୋଇ ଇଂରାଜଙ୍କ କାର୍ଯ୍ୟରେ ନିଯୁକ୍ତ ହେବାର ଇଚ୍ଛା ପ୍ରକାଶ କରି ଅଛନ୍ତି । ମିର ଅଖୋର ପଳାଇଯିବାର ଶୁଣି ଜେଲାଲାବାଦ ଜିଲ୍ଲା ଅନ୍ତର୍ଗତ ମୌଜା ସମସ୍ତର ପ୍ରଜାମାନେ ଖଜଣା ଦେବାକୁ ଅସ୍ୱୀକାର କରି ଅଛନ୍ତି । ମିରଅଖୋର ଓ ଜେନରଲ ଗୋଲାମ ହଏଦର ଖାଇବାର ବାଟ ଛାଡି ତୁର୍ଗାଘାଟବାଟେ ପଳାଇଅଛନ୍ତି ଖାଇବାରର ପାହାଡିଆ ଲୋକମାନେ ଆଲି ମସଜିଦର ପଳାତକ ସୈନ୍ୟଙ୍କଠାରୁ ସମସ୍ତ ଦ୍ରବ୍ୟାଦି ଲୁଟିନେଲେ କେବଳ ଏକ ରେଜମେଣ୍ଟ ତାହାଙ୍କହାତରୁ ବାହାର ଯାଇ ଥିଲେ । ଦୀପିକା ଛପା ହେବା ଉତ୍ତାରୁ ଏ ସଂବାଦମାନ ପ୍ରାପ୍ତ ହେବାରୁ ଅତିରିକ୍ତରେ ପ୍ରକାଶ ହେଲା ଆଉ ସମସ୍ତ ସଂବାଦ ଆଗାମି ସପ୍ତାହରେ ଲେଖାଯିବ ।

Digitized by srujanika@gmail.com

Split by PDF Splitter

206

Digitized by srujanika@gmail.com

# ଅତିରିକ୍ତ ।

ଉତ୍କଳଦୀପିକା ତା ୩୦ ରିଖ ମାହେ ନବେମ୍ବର ସନ ୧୮୭୮ ମସିହା ।

## ବିଜ୍ଞାପନ ।

ଜମିଦାରୀ ସିରସ୍ତାର ସମସ୍ତ ଲେଖାପଢି ବହୁକାଳରୁ ତାଳପତ୍ରରେ ହୋଇ ଆସୁଅଛି । ତଦନୁସାରେ ପଟ୍ଟା ପାଉତିମାନ ସର୍ବଦା ତାଳପତ୍ରରେ ଲେଖାପଢି ହୋଇଥାଏ । ଏଥିରେ ଏକପକ୍ଷରେ ଯେମନ୍ତ କୃତ୍ରିମ ଦଲିଲ ପ୍ରସ୍ତୁତ ହେବାର ସମ୍ପୂର୍ଣ୍ଣ ସୁଯୋଗ ଅଛି ତେମନ୍ତ ଅନ୍ୟ ପକ୍ଷରେ ତହସିଲଦାରପ୍ରଭୃତି ଆପଣା୨ ମୁନିବଙ୍କୁ ଠକାଇବାର ମଧ୍ୟ ସହଜ ବାଟ ଅଛି । ବାସ୍ତବରେ ତାଳପତ୍ର ପାଉତି ଗୋଟିଏ କୃତ୍ରିମ ପ୍ରସ୍ତୁତ ହୋଇ ଅଦାଲତକୁ ଆସିବାର ଦେଖି ହାକିମଙ୍କର ଏପରି ଅଶ୍ରଦ୍ଧା ହୋଇଅଛି ଯେ ତାଳପତ୍ର ପାଉତିକୁ ଦଲିଲ ସ୍ୱରୂପ ଜ୍ଞାନ କରିବାକୁ ସହଜରେ ସମ୍ମତ ହେଉ ନାହାନ୍ତି । ଜମିଦାରମାନେ ଏହାଦ୍ୱାରା ସମୟ ସମୟରେ କ୍ଷତିଗ୍ରସ୍ତ ହୁଅନ୍ତି । ତାଳପତ୍ର ପାଉତିଦ୍ୱାରା ନାନାପ୍ରକାର କ୍ଷତି ହେବାରୁ ଇଦାନୀଂ ଓଡ଼ିଶାର ଏକ୨ ଜମିଦାର ଛପା ଚେକ ପାଉତି ଆପଣା୨ ଜମିଦାରୀରେ ପ୍ରଚଳିତ କରି ଅଛନ୍ତି । ଏଥିରେ ଲାଭ ଏହି ଯେ ତାଳପତ୍ର ପରି ଏ ପାଉତି ଜାଲ ହେବାର କଠିନ ହୋଇଅଛି ଏବଂ ଛାମୁକରଣ ପ୍ରଭୃତି ଉସୁଲକାରିକ ଆପଣା ମୁନିବଙ୍କୁ ଠକାଇବାକୁ ସୁଯୋଗ ପାଉ ନାହାନ୍ତି । ପ୍ରଜା ପାଉତି ନ ନେଲେ ଖଜଣା ଦେବ ନାହିଁ । ଯେହେତୁ ପାଉତି ଦସ୍ତୁରିବ ତହିଁର ଏକପ୍ରସ୍ତ ନକଲ ସିରସ୍ତାରେ ରହିବ ସୁତରାଂ ଉସୁଲକାରିକ କିଛି ଉସୁଲ ଟଙ୍କା ଲୁଚାଇ ପାରିବ ନାହିଁ କାରଣ ଲୁଚାଇଲେ ସିରସ୍ତାରେ ଥିବା ଚେକ ପାଉତିରୁ ତାହା ଧରା ପଡିବ ଓ ପାଉତି ସବୁରେ ନମ୍ବର ଥିବାରୁ ଖଣ୍ଡେ ଫାରମ ସୁଦ୍ଧା ଲୁଚାଇ ପାରିବ ନାହିଁ ।

ଚେକ ପାଉତି ଯେଉଁ ଜମିଦାରମାନେ ବ୍ୟବହାର କରି ଅଛନ୍ତି ସେମାନେ ତହିଁର ଉପକାରିତା ସମ୍ପୂର୍ଣ୍ଣରୂପେ ଅନୁଭବ କରି ବର୍ଷକୁବର୍ଷ ଚେକ ପାଉତି ଛପା କରାଇ ନେଉ ଅଛନ୍ତି । ଅମ୍ଭେ ଅନୁମାନ କରୁଁ ଯେ ଅନ୍ୟାନ୍ୟ ଅନେକ ଜମିଦାର ଚେକ ପାଉତିର କାର୍ଯ୍ୟକାରିତା ବୁଝିପାରିଲେହେଁ ତାହା ଅଳ୍ପ ମୂଲ୍ୟରେ ପ୍ରାପ୍ତି ହେବାର ନ ଜାଣିବାରୁ ତହିଁର ବ୍ୟବହାରରୁ ଅନ୍ତର ରହି ଅଛନ୍ତି ।

ଅତଏବ ଅମ୍ଭେ ଏହାଦ୍ୱାରା ସମସ୍ତ ରାଜା ଜମିଦାର ଏବଂ ଅନ୍ୟାନ୍ୟ ଭୂମ୍ୟଧିକାରୀଙ୍କୁ ଜଣାଉଁଅଛୁଁ ଯେ କଟକପ୍ରିଣ୍ଟିଂ କମ୍ପାନୀ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଚେକ ପାଉତି ଛପା କରିଦେବାକୁ ପ୍ରସ୍ତୁତ ଅଛନ୍ତି ।

ଏଥିସଙ୍ଗେ ଏକଖଣ୍ଡ ଚେକ ପାଉତିର ନମୁନା ଦିଆଗଲା । ଏହି ଆକୃତିର ଚେକପାଉତି ଏ ବିଜ୍ଞାପନ ଛପାହେବା ପରି ପତଳା କାଗଜରେ ଛପାହୋଇ ଖ ୧୦୦ ଖଣ୍ଡ ଲେଖାଏଁ ବହି ବନ୍ଧାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି । ଯଥା;—

| | | | | | |
|---|---|---|---|---|---|
| ୧୦୦ ଫାରମ | ଅର୍ଥାତ୍ | ଖ ୧ | ବହିକୁ | ଟ ୦। | ଏଥିରୁ ମୋଟାକାଗଜରେ ଫାରମ ଛପାଇ କେହି ନେବାକୁ ଇଚ୍ଛାକଲେ ପ୍ରତି ହଜାରରେ ଅଧିକା ଟ ୦।୵ ଲେଖାଏଁ ଦେବେ । |
| ୧୦୦୦ | " | ଖ ୧୦ | " | ଟ ୨। | |
| ୩୦୦୦ | " | ଖ ୩୦ | " | ଟ ୭ | |
| ୫୦୦୦ | " | ଖ ୫୦ | " | ଟ ୯ | |
| ୧୦୦୦୦ | " | ଖ ୧୦୦ | " | ଟ ୧୭। | |

ଯେଉଁମାନେ ଏକାବେଳକେ ତିନିହଜାର ଅଥବା ଅଧିକ ନେବେ ସେମାନେ ଏହି ମୂଲ୍ୟ ମଧ୍ୟରେ ଆପଣା୨ ନାମ ଏବଂ ଜମିଦାରୀର ନାମ ଇତ୍ୟାଦି ଛପା କରାଇ ନେଇ ପାରିବେ ।

କଟକପ୍ରିଣ୍ଟିଂକମ୍ପାନୀଙ୍କ ଅଫିସ
ତା ୨୭ ରିଖ ମାହେ ନବମ୍ବର ସନ ୧୮୭୮

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ନ ମ୍ବର ଖଜଣା ଉସୁଲ ପାଉତି ।
ନାମ ଜମିଦାରୀ
। ତ ।
ପ୍ରଜା । ସା ।
ବାବତ ରୁପ
। ମା । ଟ
ବକାୟା .. .. .. ଟ
ହାଲ ସନ ୧୨ ଟ
ତା ରିଖ ମାହେ ସନ୧୨

ନ ମ୍ବର ଖଜଣା ଉସୁଲ ପାଉତି ।
ଶ୍ରୀ ଜମିଦାର
। ମୌ । । ତା । । ପ୍ର । ଙ୍କୁ
ଖଜଣା ଦେବାରେ ପ୍ରଜା । ସା ।
ବାବତ ରୁପ । ସା । । ପ୍ର ।
। ମା । ଟ । ବା । ତହସିଲ
ବକାୟା .. .. .. .. .. ଟ
ହାଲସନ ୧୨ କସ୍ତ ପଣି ବାବତ ଟ
ତା ରିଖ ମାହେ
ସନ୧୨ ସାଲ
ଉସୁଲକାରୀର ଦସ୍ତଖତ

Split by PDF Splitter
Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ ଶ
ସ ୪୮ ଖ୍ୟା

ତା ୭ ରଖ ମାହେ ଡିସେମ୍ବର ସନ ୧୮୭୮ ମସିହା । ମୂ । ମାର୍ଗଶିର ବ ୨୪ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଁଇ ଡାକମାସୁଲ ଟ୧୫୶

ଗତମାସ ତା ୨୪ ରଖରେ ଯାଜପୁରର ଜେଲଖାନାରୁ ସମସ୍ତ କଏଦୀ ପଳାଇ ଗଲେ ଇହିଁର କିଛିଦିନ ପୂର୍ବେ ଜଣେ କଏଦୀ ପଳାଇ ଥିବାରୁ ପୁଲିସ ଗାର୍ଦ୍ଦର ଅକ୍ରମଣ୍ୟତା ବା ଅସାବଧାନତା ଜାଣିପାରି ଆଉ ସମସ୍ତେ ପଳାଇଲେ ସେମାନଙ୍କର ସଂଖ୍ୟା ପାଞ୍ଚଜଣ ଥିଲା ଏମାନେ ଢେଙ୍କାନାଳ ଓ ସୁକିନ୍ଦାର ଲୋକ ଥିଲେ ଏଥିପୂର୍ବେ ଆଉଥରେ ପଳାଇଥିବାରୁ ଧରା ହୋଇ ଆସିଥିଲେ ସେମାନଙ୍କ ଥିବା ଘରର ଚାଲରେ ତଳୁ ଫୁ ୨୧ ଫୁ ଉଚ୍ଚରେ ପବନ ଯିବା ସକାଶେ କିଛି ଫାଙ୍କ ଅଛି ଫୁ ୧୬ ଫୁ ଉଚ୍ଚରେ ଓଳିଅଛି ସେମାନେ ଓଳି ଉପରକୁ ଲୁଗା ପକାଇ କବାଟର ବଳାରେ ଗୋଡଦେଇ ଲୁଗାଧରି ଓଳି ଉପରକୁ ଉଠିବାର ଅନୁମାନ ହୁଅଇ ସେଠାରୁ ଉପରକୁ ଆସି ମଝାରେ ଫାଙ୍କବାଟେ ଚାଲ ଉପରକୁ ଆସି ସେଠାରୁ ଲୁଗାବାନ୍ଧି ଚାଲ ତଳକୁ ଓହ୍ଳାଇଲେ । ତେଣିକି ଚାଲର ଖୁଣ୍ଟ ଓପାଡ ହତା ପାଚେରିରେ ଲଗାଇ ପାଚେରିର ଉପରକୁ, ଚଢି ବାହାରକୁ ଡେଇଁ ଚାଲିଗଲେ । ଏତେକାଣ୍ଡ କରି ପାଞ୍ଚଜଣ କଏଦୀ ବାହାରିଗଲେ ପ୍ରହରୀ ଜାଣି ପାରିଲା ନାହିଁ ଧନ୍ୟ ତାକୁ । ହେଡକନଷ୍ଟବଲ ଅସାବଧାନତା ଦୋଷରେ ଫଉଜଦାରୀ ସୁପୋର୍ଦ୍ଦ ହୋଇଅଛି ।

---

କେନ୍ଦ୍ରାପଡାରେ ଦାତବ୍ୟ ଚିକିତ୍ସାଳୟ ଅଛି ଇହିଁର କର୍ମ ସର୍ବସାଧାରଣଙ୍କ ଦେଦା ଓ ଦାନରେ ଚଳଇ ଗବର୍ଣ୍ଣମେଣ୍ଟଙ୍କର ସେଥିରେ ଅଳ୍ପ ସାହାଯ୍ୟ ଅଛି । ସେଠା ପୁଲିସ କର୍ମଚାରୀମାନଙ୍କର ଚିକିତ୍ସା ସେ ଚିକିତ୍ସାଳୟରେ ହେଉ ଥିବାରୁ ଚିକିତ୍ସାଳୟ କମିଟୀର ମେମ୍ବରମାନେ ପୁଲିସରୁ କିଛି ଅର୍ଥସାହାଯ୍ୟ ଚାହିଥିଲେ କିନ୍ତୁ ପୁଲିସର ଇନସ୍ପେକ୍ଟର ଜେନରଲ ସାହେବ କମିଟୀଙ୍କ ପ୍ରାର୍ଥନା ଅଗ୍ରାହ୍ୟ କଲେ । ନିକଟରେ କମିଟୀଙ୍କ ସଭାରେ ଏ ବିଷୟର ତର୍କ ବିତର୍କ ହୋଇ ଏହି ସ୍ଥିର ହେଲା କି ଗବର୍ଣ୍ଣମେଣ୍ଟ ଯେ ଔଷଧ ଦିଅନ୍ତି ତାହା ଚିକିତ୍ସାଳୟ ଅଣ୍ଟାଇ ନାହିଁ ଚିକିତ୍ସାଳୟ ଦୁଃଖୀ ଦରିଦ୍ର ରୋଗିମାନଙ୍କ ନିମନ୍ତେ ହୋଇଅଛି ପୁଲିସ ଦରିଦ୍ର ନୁହନ୍ତି ସେମାନଙ୍କୁ ସେଥିରେ ରଖି ଔଷଧ ଓ ଆହାର ଯୋଗାଇବାରେ ଅନେକ ବ୍ୟୟ ହେଉଅଛି ଏ ହେତୁ ପୁଲିସରୁ ଅର୍ଥ ସାହାଯ୍ୟ ନେବାର ଦାବୀ ଉଚିତ ଅଟଇ ଅତଏବ ଇନସ୍ପେକ୍ଟର ଜେନରଲ ସାହେବଙ୍କୁ ପୁନର୍ବାର ଆବେଦନ କରାଯିବ । ଆମ୍ଭେମାନେ ଶୁଣିଲୁଁ ଯେ ସେମାନେ ମେଜଷ୍ଟର ସାହେବଙ୍କ ନିକଟକୁ ଆବେଦନପତ୍ର ସେଠା ଡେପୁଟୀ ମେଜଷ୍ଟରଙ୍କ ଦ୍ୱାରା ପଠାଇ ଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ କମିଟୀଙ୍କ ଦାବୀ ଯଥାର୍ଥ ଅଟଇ ଓ ପୁଲିସରୁ ଅର୍ଥସାହାଯ୍ୟ ଦେବାର ଉଚିତ । ଭରସା କରୁଁ ଯେ ମେଜଷ୍ଟର ସାହେବ କମିଟୀଙ୍କ ଆବେଦନକୁ ଅନୁମୋଦନ କରିବେ ଓ ଇନସ୍ପେକ୍ଟର ଜେନରଲ ସାହେବ ନିରପେକ୍ଷ ଓ [illegible] ବିଚାର କରି କିଛି ସାହାଯ୍ୟ ଆଜ୍ଞା କରିବେ ।

---

କାବୁଲ ଯୁଦ୍ଧ ସମ୍ପର୍କରେ ତଳଲିଖିତ ତାର ସମ୍ବାଦମାନ ଏ ସପ୍ତାହରେ ଆସିଅଛି ଯଥା ।—

ଗତମାସ ତା ୨୭ ରଖରେ ଜେନରଲ ଗ୍ରବର୍ଟଙ୍କ ସୈନ୍ୟ କୁରମ ସ୍ଥିତ ମହମ୍ମଦ ଆଜମଙ୍କ କିଲ୍ଲାରେ ପ୍ରବେଶ ହେଲେ । ବାଟରେ କୌଣସ ବାଧା ହୋଇ ନାହିଁ । କିଲ୍ଲାରେ କେବଳ ଗୋଟିଏ ତୋପ ଧରା ପଡିଅଛି । ଅଫଗାନ ସେନା ତାହା ଛାଡି ପଳାଇ ଯାଇ ଥିଲେ ।

ଜେନରଲ ବିଡଲ୍‌ଫଙ୍କ ସୈନ୍ୟ ଏହିଦିନ ପସିନ ନଗରରେ ଅମିରଙ୍କ ମୁନସିକୁ ଗୁଜଣା ହେସାବପତ୍ର ସହିତ ଗିରପ୍ତାର କରିଅଛନ୍ତି । ସୈନ୍ୟମାନେ ପ୍ରଚୁର ରସଦ ପାଉଅଛନ୍ତି ।

ତା ୨୯ ରଖ ନବମ୍ବର । ଜେନରଲ ବ୍ରାଉଣଙ୍କ ସେନା ହୟାରନାଓ ପର୍ଯ୍ୟନ୍ତ ଧାଓ୍ୱା ଦେଇ ଅଛନ୍ତି । ରପୋର୍ଟ ଆସିଅଛି ଯେ ଖୋର୍ଦ୍ଦ ଖାଇବର ଘାଟି ଇଂରାଜଙ୍କ ସେନା ସହଜରେ ରକ୍ଷା କରି ପାରିବେ ।

ତା ୩୦ ରଖ ନବମ୍ବର । ଖାଇବର ଆଫ୍ରିଦିମାନଙ୍କ ମଧ୍ୟରୁ କେତେଲୋକ ଦଳବଦ୍ଧ ହୋଇ ଅତ୍ୟାଚାର ଆରମ୍ଭ କରିଅଛନ୍ତି । ଅଲିମସଜିଦଠାରେ ଚିଠିଡାକ ଚୋରି କରିଥିଲେ । ଲଣ୍ଡିକାଇ ପାହାଡରେ ଗୋଟିଏ ଘୋଡା ଓ ଜଣେ ସଇସକୁ ବନ୍ଧୁକ ଗୁଳିଦ୍ୱାରା ମାରି ପକାଇଲେ ଏବଂ ଆଉ ଏକଜଣ ମନୁଷ୍ୟ ଓ ଛଅଟା ଘୋଡାକୁ ଜଖମି କଲେ । ଥାନା ଓ ଇହିଁର ଉପରସ୍ଥ ସ୍ଥାନରେ କିଛି ଗୋଲମାଲ ନାହିଁ ଏବଂ ଯେଉଁ

Digitized by srujanika@gmail.com

ଅଞ୍ଚଳରେ ଉପରଲିଖିତ ଗୋଲମାଲ ଆରମ୍ଭ ହୋଇଥିଲା ସେଠାକୁ ସେନା ପ୍ରେରିତ ହୋଇ ଅଛି । ମେଜର କାବାନାଗି ତା ୨୯ ରିଖରେ ଯମଗୁଦରେ ପହୁଞ୍ଚି ଥିଲେ । ତାହାଙ୍କ ପତ୍ରରୁ ଜଣାଯାଏ ଯେ ସାଡ଼ିର ଅତ୍ୟାଚାର ରହିତ ହୋଇଅଛି ।

———

ସଂବାଦ ବାହକର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଗତମାସ ତା୨୦ ରିଖ ବୁଧବାର ମୟୂରଭଞ୍ଜ ଓ ବାଲେଶ୍ୱରର ଦୋସମାଲ ବସ୍ତାଠାରୁ କଲଙ୍ଗନଦୀ ପର୍ଯ୍ୟନ୍ତ ଆଠଦଶମାଇଲ ମଧ୍ୟରେ ଭାରି ଅରାଜକତା ଉପସ୍ଥିତ ହୋଇଅଛି । ମହାରାଜାଙ୍କ ସରଦାର ଗୋପାଳ ସିଂହ ବରୁଭୂୟାଁ ଓ ମୋର ମହାପାତ୍ର ହାତୀ ଘୋଡ଼ା ଓ କାଣ୍ଡ ଓ ବନ୍ଧୁକଧାରି ପାଇକଧେନି ମୁଗଲବନ୍ଦୀ ପ୍ରଜାମାନଙ୍କର ଧାନ ଯବରଦସ୍ତି କାଟି ନେଇ ଅଛନ୍ତି । ପୁଣି କେହି୨ ପ୍ରଜା ସରଦାରଙ୍କ ହାତ ଗୋଡ଼ ଧରି କହି୨ ଟଙ୍କା ନେବାରୁ ତାହାଙ୍କର ବଳ ଛାଡ଼ି ଦେଇଅଛନ୍ତି । ଏମାନଙ୍କ ପ୍ରତାପରେ ଅନେକ ଗ୍ରାମରେ ଆର୍ତ୍ତନାଦ ପଡ଼ିଅଛି । ଏବଂ ବସ୍ତା ପୁଲିସକୁ ଡେଲଙ୍କ ଲାଗି ଯାଇ ଅଛି । ଜମିଦାରମାନେ କିଂ କର୍ତ୍ତବ୍ୟ ସ୍ଥିରକରି ପାରୁ ନାହାନ୍ତି ।

ଉପରଲିଖିତ ଘଟଣାମାନ ପତ୍ରପ୍ରେରକ ସ୍ୱଚକ୍ଷୁରେ ଦେଖି ଥିବାର ବୋଲନ୍ତି ଏବଂ ସମ୍ପାଦକ ଏପରି ଜନରବ ପୂର୍ବରୁ ଶୁଣିଥିବାର ମଧ୍ୟ ବୋଲନ୍ତି । ସରହଦ ସୀମା ନେଇ ବିବାଦ କରିବା ଓଡ଼ିଶା ରାଜାଙ୍କର ଗୋଟିଏ ସ୍ୱାଭାବିକ ଧର୍ମ୍ମ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ରାଜା ରାଜା ମଧ୍ୟରେ ଅନେକ ସମୟରେ ଏହି ପରି ମାମଲା ଲାଗିଥାଏ କିନ୍ତୁ ଏକ ପକ୍ଷରେ ମୟୂରଭଞ୍ଜ ମହାରାଜାଙ୍କ ପରି ସଭ୍ୟ ଓ ଉନ୍ନତଶୀଳ ରାଜା ଏବଂ ଅପର ପକ୍ଷରେ ପ୍ରବଳପ୍ରତାପ ବ୍ରିଟିସ୍ ସିଂହଙ୍କ ଶାସନ ବର୍ତ୍ତମାନ ଥିବା ପ୍ରତ୍ୟକ୍ଷେ ଏମାନଙ୍କର ପ୍ରଜାମାନଙ୍କ ମଧ୍ୟରେ ଏପରି ଆଇନ ବିରୁଦ୍ଧ କାର୍ଯ୍ୟ ହେବା ଅତ୍ୟନ୍ତ ଦୁଃଖର ବିଷୟ ଅଟଇ ଓ କାହାରି ପକ୍ଷରେ ଏ ଘଟନା ଗୌରବାସ୍ପଦ ନୁହଇ । ପ୍ରଥମେ ମହାରାଜାଙ୍କ ଜ୍ଞାତସାର ବା ଅଜ୍ଞାତରେ ଏପରି ହେବା ତାହାଙ୍କ ଶାସନ ପ୍ରଣାଳୀର ଅତ୍ୟନ୍ତ ମନ୍ଦସାକ୍ଷ ଅଟଇ ଓ ସରକାରୀ ପୁଲିସ ପ୍ରତି ମଧ୍ୟ ତଦ୍ରୂପ ବୋଲାଯାଇ ପାରେ କାରଣ ଯେବେ ଏପରି ଅତ୍ୟାଚାର ହେଲା ତେବେ ପୁଲିସ କାହିଁକି ଆଇନାନୁସାରେ

କାର୍ଯ୍ୟ ନ କଲେ ମଧ୍ୟ ଅବଧି ଏଥିର କିଛି ପ୍ରତୀକାର ହେବାର ଶୁଣାଯାଇ ନାହିଁ । ଏଯୋଗୁଁ ପତ୍ରପ୍ରେରକ କଥା ଅତ୍ୟୁକ୍ତି ଥିବା ମଧ୍ୟ ଅନୁମାନ କରିବା ଅସଙ୍ଗତ ନୁହଇ । ଯାହା ହେଉ ଆମ୍ଭେମାନେ ଶୁଣିଲୁଁ ଯେ ଗଡ଼ଜାତର ସୁପରଣ୍ଟେଣ୍ଡେଣ୍ଟଙ୍କର ଏ ଘଟନାପ୍ରତି ଦୃଷ୍ଟି ପଡ଼ିଅଛି । ଅଳ୍ପ ଦିନରେ ପ୍ରକୃତ କଥା ଜଣାପଡ଼ିବ ।

———

କାର୍ତ୍ତିକମାସ ଜ୍ୱରରୋଗର ପ୍ରଶସ୍ତକାଳ ଅଟଇ ଏହା ସମସ୍ତେ ଜାଣନ୍ତି କିନ୍ତୁ ସବୁବର୍ଷ ରୋଗର ପ୍ରକୋପ ସମାନ ନ ଥାଏ । ଏବର୍ଷ ବିସ୍ତର ଲୋକ ଜ୍ୱର ଭୋଗ କରୁଅଛନ୍ତି । କି ସଦର କି ମୋଫସଲ ଆଜକାଲି ସବୁଆଡ଼ୁ ଜ୍ୱରର ସମ୍ବାଦ ଆସୁଅଛି ଓ ଲୋକେ ଏହି ରୋଗରେ ବଡ଼ କଷ୍ଟ ପାଉଅଛନ୍ତି । ମାତ୍ର ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ଯେ ଜଲେଶ୍ୱର ଓ ଲକ୍ଷଣନାଥରେ ଯେପରି ଜ୍ୱରରୋଗର ପ୍ରାଦୁର୍ଭାବ ହୋଇଅଛି ଏମନ୍ତ କୌଣସି ସ୍ଥାନରେ ନାହିଁ । ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି "ଜଲେଶ୍ୱର, ଲକ୍ଷଣନାଥ ଓ ଗୋପ ଏହି ତିନିଗ୍ରାମରେ ପ୍ରାୟ ୭ । ୮ ଶତ ଗୃହସ୍ଥ ପରିବାର ସହିତରେ ଏହି ଜ୍ୱରରେ ଭୂମିରେ ଲୋଟୁଅଛନ୍ତି ଅନେକ ଗୃହସ୍ଥଙ୍କ ପରିବାର ମଧ୍ୟରେ ସୁଶ୍ରୂଷା କରିବାକୁ ଜଣେ ଯୁବା ସୁସ୍ଥ ଶରୀର ନାହିଁ । ଏମାନେ ପଥ୍ୟ ଏବଂ ଔଷଧ ବିନା ଅନାଥ ପ୍ରାୟ ମରୁଅଛନ୍ତି" । ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏବର୍ଷର ଜ୍ୱରରେ ଅଧିକଲୋକ ମରିବାର ସମ୍ବାଦ ଆସୁଅଛି । ମାତ୍ର କୌଣସିଠାରେ ହାକିମମାନେ ଏଥିର ନିବାରଣ ପକ୍ଷରେ କିଛି ମନୋଯୋଗୀ ହେବାର ଅଦ୍ୟାବଧି ଶୁଣାଯାଇ ନାହିଁ । ଆମ୍ଭେମାନେ ଆଶା କରୁଁ ଯେ ଜିଲା ହାକିମମାନେ ବର୍ତ୍ତମାନ ମୋଫସଲରେ ଅଛନ୍ତି । ଯେଉଁ୨ ସ୍ଥଳରେ ଜ୍ୱରର ପ୍ରକୋପ ଅଧିକ ହୋଇଅଛି ସେ ସ୍ଥାନମାନ ଆଗେ ସନ୍ଦର୍ଶନ କରି ପ୍ରଜାଙ୍କର କଷ୍ଟ ଦୂର କରିବାର ବିଧାନ କରନ୍ତୁ । ଏଥିମଧ୍ୟରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର କଣ୍ଟାଇ କୁମାର ବୈକୁଣ୍ଠନାଥ ଦେ ଜଲେଶ୍ୱର ଥାନାରେ ସତ୍ୱର ଗୋଟିଏ ସାମୟିକ ଚିକିତ୍ସାଳୟ ବସାଇବାକୁ ମନସ୍ଥ କରି ତହିଁର ବନ୍ଦୋବସ୍ତ କରିବା କାରଣ ମାଜିଷ୍ଟ୍ରେଟ ସାହେବଙ୍କୁ ଲେଖି ଅଛନ୍ତି । ଜ୍ୱରରୋଗ ଊଣା ପଡ଼ିବା ପର୍ଯ୍ୟନ୍ତ ଉକ୍ତ ଚିକିତ୍ସାଳୟ ରହିବ ଏବଂ ତହିଁ ନିମିତ୍ତ କୁମାର ପ୍ରତିମାସ ଟ ୫୦ ଙ୍କା

ଦେବାକୁ ସ୍ୱୀକାର କରି ଅଛନ୍ତି । କୁମାରଙ୍କର ଏ କାର୍ଯ୍ୟଟି ଅତ୍ୟନ୍ତ ପ୍ରଶଂସନୀୟ ଅଟଇ । ଦୁଃଖୀମାନଙ୍କର ଆର୍ତ୍ତନାଦ ଶୁଣିବା ମାତ୍ରକେ ଚିକିତ୍ସାଳୟ ବସାଇବାର ଉଦ୍ୟମ କରିବାରୁ ତାହାଙ୍କର ସାଧୁ ଭାବର କେମନ୍ତ ସୁନ୍ଦର ପରିଚୟ ପ୍ରକାଶ ହେଉ ଅଛି । ଜନସମାଜରେ ଏହିପରି ଲୋକର ଲୋଡ଼ା ଏବଂ ଏହିପରି ଲୋକ ଯଥାର୍ଥ ଧନ୍ୟବାଦର ପାତ୍ର ଅଟନ୍ତି । ଆମ୍ଭେମାନେ ଆଶା କରୁଁ ଯେ ଅନ୍ୟାନ୍ୟ ଧନାଢ୍ୟବ୍ୟକ୍ତିମାନେ ଏହି ପ୍ରକାର ସତ୍କାର୍ଯ୍ୟ ମାନଙ୍କର ଅନୁଷ୍ଠାନ କରି ଆପଣା୨ ଧନ ଓ ଜୀବନକୁ ସାର୍ଥକ କରିବେ ।

———

ସନ ୧୮୭୭ ସାଲରେ ବଙ୍ଗଳା ପ୍ରଦେଶର ଅନ୍ତର୍ଗତ ନାନାଜିଲ୍ଲାରେ ଲୋକମାନେ ଆପଣା୨ ବ୍ୟୟରେ ଯେତେ ସାଧାରଣ ହିତକର କାର୍ଯ୍ୟ କରିଅଛନ୍ତି ତହିଁର ଏକ ତାଲିକା ଗବର୍ଣ୍ଣମେଣ୍ଟ ଗେଜେଟରେ ବାହାରିଅଛି । ତହିଁରୁ ଦେଖା ଯାଏ ଯେ ସମସ୍ତ ବଙ୍ଗଳାରେ ଏ ପ୍ରକାର କାର୍ଯ୍ୟରେ ଲୋକମାନେ ଟ ୨୮୯୧୩୩ ୯ ଖର୍ଚ୍ଚ କରିଅଛନ୍ତି । ଏଥି ମଧ୍ୟରେ ପାଟନା ବିଭାଗରେ ସର୍ବାପେକ୍ଷା ଅଧିକ ଅର୍ଥାତ୍ ଟ ୧୪୧୬୭୧ ଙ୍କାର ବ୍ୟୟ ହୋଇଅଛି । ପାଟନା ଛଡ଼ା ଢାକାର ପ୍ରାୟ ୭୦ ହଜାର ଏବଂ ରାଜସାହିରେ ୬୧ ହଜାର ଟଙ୍କା ଖର୍ଚ୍ଚ ହୋଇଅଛି ଆଉ ସବୁ ବିଭାଗରେ ୨୦।୨୫ ହଜାରରୁ ଅଧିକ ନୁହଇ । ଓଡ଼ିଶାରେ ଟ ୭୧୫୬ ୩ ଖର୍ଚ୍ଚ ହୋଇ ଅଛି । କିଏ କିକାର୍ଯ୍ୟ କରିବାଦ୍ୱାରା ଏହା ବ୍ୟୟ କରିଅଛି ତହିଁର ତାଲିକା ନିମ୍ନେ ଲେଖା ଗଲା । ଯଥା;—

କଟକ

| ନାମ | କାର୍ଯ୍ୟର ବିବରଣ | ଯେଉଁ ସ୍ଥାନରେ ହେଲା | ବ୍ୟୟ |
|---|---|---|---|
| ମାଳସାହୁ | ପୁଷ୍କରିଣୀ | ବାଲିକୁଦା ।ଗ୍ରା ନରୁଆଁ | ଟ ୧୬୦୦୦ |
| ସୁନ୍ଦରୀସାହୁ | ଏକନ | ଗାଲକଣ୍ଡପୁର ।ଗ୍ରା ଅଲଗି | ଟ ୫୦୦୦ |
| ବସୁଚୌଧୁରି | ଏକନ | ନିଆଳୀ ।ଗ୍ରା ଅଗଲ | ଟ [illegible] |
| ନାଥରଣଚନ୍ଦ୍ର ମଙ୍ଗରାଜ | ଏକନ | ବାଜୁପୁର ।ଗ୍ରା କନ୍ଦୁଆ | ଟ ୨୦୦୦ |
| | | | ଟ ୨୬୦୦୦ |

ପୁରୀ

| ନାମ | କାର୍ଯ୍ୟର ବିବରଣ | ଯେଉଁ ସ୍ଥାନରେ ହେଲା | ବ୍ୟୟ |
|---|---|---|---|
| ରମାପାତ୍ର ଓ ଗୋବନ୍ଦଦେବ ହେସ | ପାନ୍ଥଶାଳା ପକାର | କସ୍ତୁରପୁର | ଟ ୪୦୦୦ |

Split by PDF Splitter
Digitized by srujanika@gmail.com

| | | | |
|---|---|---|---|
| ଉଦ୍ଧବଦାସ ବୈଷ୍ଣବ | ଏକକ | ଜଗନ୍ନାଥପୁର | ଟ ୨୦୦୦ |
| ଧର୍ମ୍ମକାନ୍ତି ରାୟ | ପୁଷ୍କରିଣୀ | ମହୋମ୍ବା | ଟ ୨୦୦୦ |
| କମଲମଲ | ଏକକ | କେନ୍ଦ୍ରଜଙ୍ଗ୍ରା | ଟ ୨୦୦୦ |
| କରଙ୍ଗସାଁତରାଏକକ | | ବୋଲଗଡ | ଟ ୪୦୦୦ |
| ଚନ୍ଦ୍ରାନନ ମହାପାତ୍ର | ଏକକ | ଏକକ | ଟ ୫୦୦୦ |
| କୃଷ୍ଣ ମହାପାତ୍ର | ଏକକ | ଚଲମ୍ମଥୁଆ | ଟ ୫୦୦୦ |
| | | | ଟ ୨୪୦୦୦ |

## ବାଲେଶ୍ୱର

| | | | |
|---|---|---|---|
| ମୂଲସର ପାଇକ ଲୁବରଦାସ | ଏକକ | ନାବଗ୍ରାମ । ଲକ୍ଷ୍ଣେଶ୍ୱର | ଟ ୨୫୦୫ |
| ପ୍ରତ୍ୟେକ କାର୍ଯ୍ୟରେ ଟ୨୦୦ଙ୍କାରୁଊଣାବ୍ୟୟ | | | ଟ ୧୮୦୭ |
| | | | ଟ ୨୦୫୭୫ |

---

## କାବୁଲ ଯୁଦ୍ଧ ।

ଇଂରାଜଙ୍କ ସେନା କ୍ରମଶଃ ଏକ୨ କିଲ୍ଲା ଅଧିକାର କରି କାବୁଲ ନଗରକୁ ଅଗ୍ରସର ହେଉ ଅଛନ୍ତି । ଅଳ୍ପଦିନରେ ଜେଲାଲବାଦରେ ପହୁଞ୍ଚିବାର ସଂବାଦ ଅସିପାରେ । ଆଲିମସଜିଦ ଛଡ଼ା ଆଉ କୌଣସିଠାରେ ଯୁଦ୍ଧ ହୋଇ ନାହିଁ ଏକଥାକୁ ଲୋକେ ଭାରି ଚମତ୍କାର ମଣୁ ଅଛନ୍ତି ଯେଉଁ ଅମିର ଏତେଗର୍ବ କରୁଥିଲା ସେ କିଛି-ମାତ୍ର ଯୁଦ୍ଧ ନ କଲା ଏହି କଥା ସବୁ ସ୍ଥାନରେ ଆନ୍ଦୋଳିତ ହେଉଅଛି ଓ ଯାହାଙ୍କର ଅବଧି ବିଶ୍ୱାସ ଅଛି ଯେ ଅମିରଙ୍କ ସେନା ନିତାନ୍ତ ଦୁର୍ବଳ ନୁହନ୍ତି ସେମାନେ କେବଳ ଏତିକିରେ ଆପଣାକୁ ପ୍ରବୋଧ ଦେଉ ଅଛନ୍ତି ଯେ ଅମିର ଇଂରାଜ ସେନାଙ୍କୁ ଆପଣା ଦାନ୍ତକୁ ଟାଣି ନେଉ ଅଛନ୍ତି ସୁଯୋଗ ସ୍ଥାନରେ ଭାରି ଯୁଦ୍ଧ କରିବେ । ଫଳତଃ ଆମ୍ଭେମାନେ ପୂର୍ବରୁ କହିଅଛୁଁ ଯେ ଏ ଅନୁମାନ କିଛି ନୁହଇ । ଖାଇବାର ଘାଟିର ସ୍ୱାଭାବିକ ଦୁର୍ଗମତା ଏବଂ ଗ୍ରେଗ ଓ କରଫର ପ୍ରତିକୂଳତା ଉପରେ ଅମିର ନିର୍ଭର କରି ଅଲି ମସଜିଦଠାରେ ଅଳ୍ପ ସୈନ୍ୟ ରଖାଇ ନିଶ୍ଚିନ୍ତ ଥିଲେ । ସେଥିରେ ନୈରାଶ୍ୟ ହେବାରୁ ଆଉ ତାହାଙ୍କୁ କିଛି ବୁଦ୍ଧି ଦିଶୁ ନାହିଁ ଏହି ହେତୁରୁ ଏକ ତାରଡାକ ସମ୍ବାଦ ଅନୁସାରେ ସେ ଆପଣାର ସମସ୍ତ ସେନାଙ୍କୁ କାବୁଲ ରାଜଧାନୀରେ ଜମା କରୁ ଅଛନ୍ତି । ଏବଂ ଆପଣା ପରିବାରସ୍ଥ ସ୍ତ୍ରୀମାନଙ୍କୁ ହିରାତକୁ ପଠାଇ ଦେଇ ଅଛନ୍ତି । କାବୁଲ ନଗରରେ ଯଥାସାଧ୍ୟ ସମର କରିବେ ପଛେ ଈଶ୍ୱରଙ୍କ ଇଚ୍ଛା ଯାହା ଥିବ ଘଟିବ ଏହି ମନେକରି ଯୁଦ୍ଧସଜ୍ଜାରେ ଅଛନ୍ତି ବୋଲି ତାହାଙ୍କ କାର୍ଯ୍ୟରୁ ଜଣାଯାଏ । କିନ୍ତୁ ଏ ବିଷୟ ଯେ କୌଣସି କାର୍ଯ୍ୟର ନୁହଇ ତାହା ସେ ଅବଧି ବୁଝିପାରୁ ନାହାନ୍ତି ବଡ଼ ଦୁଃଖର ବିଷୟ ଅଟଇ । ଏଥିରୁ ବୋଧ ହୁଅଇ ସେ ଯେମନ୍ତ ଇଂରାଜଙ୍କ ପରାକ୍ରମରୁ ଅଜ୍ଞ ତେମନ୍ତ ଆପଣା ଶାସନପ୍ରଣାଳୀର ଫଳାଫଳରୁ ଅଜ୍ଞ ଅଟନ୍ତି । ଯେବେ ତାହାଙ୍କର ଶାସନପ୍ରଣାଳୀ ବର୍ତ୍ତମାନ୍ ସଭ୍ୟତାର ଅନୁରୂପ ହୋଇ ଥାନ୍ତା ତେବେ ଇଂରାଜମାନେ ଏତେ ସହଜ ଏବଂ ଏତେ ଅଳ୍ପ ସମୟରେ ତାହାଙ୍କର ରାଜ୍ୟ ଦଖଲ କରି ପାରନ୍ତେ ନାହିଁ । ସୈନ୍ୟଛଡ଼ା ପ୍ରଜାମାନେ ଇଂରାଜଙ୍କ ସେନାଙ୍କୁ କେତେ କଷ୍ଟ ଓ କେତେ ବାଧା ଦିଅନ୍ତେ । ମାତ୍ର ଅମିରଙ୍କର ଶାସନ ପ୍ରଣାଳୀ ଅତ୍ୟନ୍ତ ନିକୃଷ୍ଟ ଆମ୍ଭମାନଙ୍କର ଅନୁଭୂତ ଗଡ଼ଜାତ ରାଜାଙ୍କ ଶାସନପରି ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଇଂରାଜଙ୍କ ଶାସନ-ପ୍ରଣାଳୀ କେତେ ଉତ୍କୃଷ୍ଟ ତାହା ସର୍ବତ୍ରରେ ପ୍ରକାଶ ରହିଅଛି । କାବୁଲର ଅନେକ ଲୋକ ପ୍ରତିବର୍ଷ ବ୍ୟବସାୟ ବାଣିଜ୍ୟ ଉପଲକ୍ଷରେ ହିନ୍ଦୁସ୍ଥାନର ନାନାନଗରେ ଭ୍ରମଣ କରୁ ଅଛନ୍ତି ଓ ଯେପରି ତାହାଙ୍କର ଧନ ପ୍ରାଣ ରକ୍ଷାର ସୁବିଧା ଦେଖି ଅଛନ୍ତି ତେମନ୍ତ ନଗ୍ରପ-ଦରେ ଦଶଟଙ୍କା ଲାଭ କରି ଘରକୁ ଫେରି ଯାଉ ଅଛନ୍ତି ଓ ତହିଁସଙ୍ଗେ ଆପଣା ରାଜ୍ୟର ଅରାଜକ ବ୍ୟାପାରକୁ ତୁଳନା କରି ଅବଶ୍ୟ ମନେ୨ ଇଂରାଜ ଶାସନ ପ୍ରଣାଳୀକୁ ଧନ୍ୟବାଦ ଦେଉ ଥିବେ ଏବଂ ଆପଣା ରାଜ୍ୟର ଲୋକଙ୍କ ସାକ୍ଷାତରେ ତହିଁର ସୁଖ୍ୟାତି ଗାଇ ବୁଲୁଥିବେ ସୁତରାଂ ଅଧିକାଂଶ ପ୍ରଜା ଇଂରାଜଙ୍କ ଶାସନରେ ରହିବାକୁ ମନ ବଳାଇବା ବିଚିତ୍ର ନୁହଇ । ଏହି କାରଣରୁ ଇଂରାଜସେନା ପହୁଞ୍ଚିଲା ମାତ୍ରକେ ଅମିରର ପ୍ରଜାମାନେ ଇଂରାଜଙ୍କ ପକ୍ଷକୁ ଚଳି ଆସୁଅଛନ୍ତି ଏବଂ ପ୍ରଫୁଲ୍ଲ ଅନ୍ତଃକରଣରେ ରସଦ ସାମଗ୍ରୀ ଯୋଗାଉ ଅଛନ୍ତି । ଏପରି ନ ହୋଇଥିଲେ ଇଂରାଜମାନେ ବାହୁ ବଳରେ କିଲ୍ଲାମାନ ଜିଣି ନିଅନ୍ତେ ମାତ୍ର ଲୋକଙ୍କୁ ଏତେ ଶୀଘ୍ର ବଶକରି ପାରନ୍ତେ ନାହିଁ । ଇଂରାଜଙ୍କ ଜୟ କେବଳ ବାହୁବଳର ଫଳ ନୁହଇ ତାହା-ଙ୍କର ନ୍ୟାୟ ବିଚାର ଓ ଶାସନ ପଦ୍ଧତିର ଯଶଃ ଚତୁର୍ଦ୍ଦିଗରେ ବ୍ୟାପି ରହିଅଛି ଓ ସେହିହେତୁ ତାହାଙ୍କର ଜୟ ଲାଭରେ ଆଉ ବିଲମ୍ବ ନାହିଁ । ଅମିର ଯେବେ ବିଚକ୍ଷଣ ରାଜା ହୁଅନ୍ତେ ତେବେ ଏମନ୍ତ ଇଂରାଜଙ୍କ ସଙ୍ଗେ କଳି କରି-ବାକୁ ସାହସୀ ହୁଅନ୍ତେ ନାହିଁ । ତାହାଙ୍କୁ ବିଧାତା ବାମ ହୋଇ ଅଛି ସୁତରାଂ ତାହାଙ୍କର ସେନା ପଳାଇ ଯାଉ ଅଛନ୍ତି ଏବଂ ପ୍ରଜାମାନେ ତାହାଙ୍କ ଧନ ଦ୍ରବ୍ୟ ଲୁଟିନେଇ ଇଂରାଜଙ୍କ ଶରଣାଗତ ହେଉ ଅଛନ୍ତି । ଏତେବେଳେ କାବୁଲ ସଙ୍ଗ-ରେ ଇଂରାଜଙ୍କ ଯୁଦ୍ଧ ଅଥଚ କାବୁଲର ଲୋକ-ମାନେ ଅବାଧରୂପେ ଭାରତବର୍ଷରେ ବ୍ୟବସାୟ କରି ବୁଲୁ ଅଛନ୍ତି ଆହୁରି ଦେଖାଯାଏ ଯେ ଅଲିମସଜିଦରୁ ଜିତାଗଲାରୁ ଅଧିକ ସୈନ୍ୟ ଇଂରାଜମାନେ ବନ୍ଦୀ କରି ଆଣିଲେ । ସେମାନେ ପେଶୱାରରେ ପ୍ରବେଶ ହୁଅନ୍ତେ ସିପାହିମାନଙ୍କୁ ଆପଣା୨ ଘରଠାରେ ପହୁଞ୍ଚିବା ପର୍ଯ୍ୟନ୍ତ ବାଟ ଖର୍ଚ୍ଚ ଦେଇ ବିଦାୟ କରିଦେଲେ କାରଣ ବିଚାର ହେଲା ଯେ ଦୁଃଖିସିପାହି ଗୁଡ଼ାକୁ ବନ୍ଦ କରି ରଖିବାର ଭଲ ନୁହଇ କେବଳ ଉଚିତର ସୈନିକ କର୍ମଚାରୀମାନେ ବନ୍ଦୀ ଅଛନ୍ତି ପୁଣି ସେମାନେ ଆପଣା୨ ମର୍ଯ୍ୟାଦାନୁସାରେ ରହି ଅଛନ୍ତି । ଏହି ସିପାହିମାନେ ଆପଣା ଘରକୁ ଫେରି ଗଲେ ସମସ୍ତଙ୍କର ନିଶ୍ଚୟ ବିଶ୍ୱାସ ହେବ ଯେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଆଫଗାନବାସି-ଙ୍କର ସ୍ୱାଧୀନତା ହରଣ କରିବେ ନାହିଁ ଯାହା କହିଅଛନ୍ତି ତାହା ଦୃଢ଼ରୂପେ ପ୍ରତିପାଳନ କରି-ବାକୁ ପ୍ରସ୍ତୁତ ଅଛନ୍ତି । ଏପରିସ୍ଥଳେ ଆଫଗାନ-ମାନେ କାହିଁକି ଇଂରାଜଙ୍କ ବିପକ୍ଷ ହେବେ ବରଂ ଅମିରଙ୍କ ପରିବର୍ତ୍ତରେ ଶ୍ରୀମତୀ ଭାରତେ-ଶ୍ୱରୀଙ୍କ ପ୍ରଜା ହେବାକୁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଥିବେ । ଅମିରଙ୍କର ବଡ ଭରସା ରୁସିୟା-ଠାରେ ଏବଂ ଅନେକଲୋକ କହୁଅଛନ୍ତି କି ରୁସିୟା ପରିଶେଷରେ ଅମିରଙ୍କର ସହାୟ ହେବ । ମାତ୍ର ରୁସିୟା ଯେ ଅମିରଙ୍କ ସକାଶେ ଇଂରାଜଙ୍କ ସଙ୍ଗେ ଯୁଦ୍ଧ କରିବ ଏହା କଦାଚ ସମ୍ଭବ ନୁହଇ । ରୁସିୟା କାଲି ଗୋଟାଏ ଯୁଦ୍ଧ କରି ଥକି ଯାଇଅଛି ଏବଂ ଇଉରୋପରେ ରୁସିୟା ଇଂରାଜ ମଧ୍ୟରେ ସନ୍ଧିତ ବିବାଦ ହେ-ବାର କୌଣସି କଥା ନାହିଁ । ଏ ଉତ୍ତାରୁ ରୁସିୟା ଭାରତବର୍ଷର ରାଜାମାନଙ୍କର ଇଂରାଜ ଗବର୍ଣ୍ଣମେଣ୍ଟ ପ୍ରତି ରାଜଭକ୍ତି ଦେଖି ଆହୁରି ହତାଶ ହୋଇଥିବ । ଏପରି ଅବସ୍ଥାରେ ସେ ଭୁଲକୁ ପରିହାଇ କାହିଁକି ଆପଣାର କ୍ଷତି ସ୍ୱୀକାର କରିବ । ଭାରତବର୍ଷର ରାଜାମାନେ

ଆପଣାର ସୈନ୍ୟ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟରେ ଲଗାଇବାକୁ ଏକପରେ ଏକ ପ୍ରାର୍ଥୀ ହେଉଅଛନ୍ତି ଏବଂ ଗ୍ରାମଣ୍ଡି ଭରଭେଣ୍ଟସି ଏହାଙ୍କର ରାଜଭକ୍ତିରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଏମାନଙ୍କ ସାହାଯ୍ୟ ଗ୍ରହଣ କରିବା କାରଣ ଭାରତୀଙ୍କ ଯୋଗେ ବଡଲାଟ ସାହେବଙ୍କ ନିକଟକୁ ଆଜ୍ଞା ଦେଇଅଛନ୍ତି । ସିନ୍ଧିୟା ଓ କାଶ୍ମୀରର ମହାରାଜାମାନେ ବ୍ରିଟିଶ ସେନାର ଜେନରଲ ପଦରେ ନିଯୋଗ ହୋଇଥିବାରୁ ଲାହୋରକୁ ଯାଉଅଛନ୍ତି ସେଠାରେ ବଡଲାଟ ସାହେବଙ୍କ ସହିତ କଥାବାର୍ତ୍ତା କରି ଏ ଯୁଦ୍ଧ ସମ୍ପର୍କରେ ଏକର ବନ୍ଦୋବସ୍ତ ଭାର ନେବେ । ହାଇଦରାବାଦର ପ୍ରଧାନମନ୍ତ୍ରୀ ଆପଣାର ପରିବାରର ଦୁଇଜଣଙ୍କୁ ଏ ଯୁଦ୍ଧକାର୍ଯ୍ୟରେ ପଠାଇବାକୁ ପ୍ରାର୍ଥୀ ହେବାରୁ ଗବର୍ଣ୍ଣମେଣ୍ଟ ତାହା ସ୍ୱୀକାର ଗ୍ରହଣ କରିଅଛନ୍ତି ।

---

# ସାପ୍ତାହିକସଂବାଦ ।

ଏ ସପ୍ତାହରେ ପ୍ରକାର ମେଘ ଘୋଟି ଅଳ୍ପ ବୃଷ୍ଟି ହୋଇ ଅଛି । ଏ କାଳରେ ଏ ଠାରେ ବୃଷ୍ଟି ହେବା ବଡ କ୍ଷତିକର ଅଟଇ ।

ଅମ୍ଭମାନଙ୍କ କମିସନର ସାହେବ ଆଗାମୀ ସୋମବାର ମୋଫସଲ ଗସ୍ତକୁ ଯାତ୍ରା କରିବେ । ସମସ୍ତ ଜାନୁଆରି ଫେବ୍ରୁଆରି ମାସ ଶେଷଭାଗରେ ବାଲେଶ୍ୱରରେ ପହଞ୍ଚିବେ ଓ ସେଠାରୁ ଭଦ୍ରକ ଯାଜପୁର ଓ କେନ୍ଦ୍ରାପଡା ବାଟେ ମାର୍ଚ୍ଚ ମାସ ମଧ୍ୟଭାଗରେ କଟକକୁ ଆସିବାର ସ୍ଥିର କରି ଅଛନ୍ତି ।

ଗତ ମଙ୍ଗଳବାର ପହିଲବାନଙ୍କ ମକଦମା ନିଷ୍ପତ୍ତି ପାଇଲା । ଏ ମକଦମା ବାଦୀଙ୍କ ପକ୍ଷରେ ବଡ ମାତବର ଥିଲା ଏଥି ସକାଶେ ବହୁତ ଲୋକ ଏ ମକଦମା ପଡିଲା ଦିନ କଚେରୀରେ ରୁଣ୍ଡ ହୋଇ ଥିଲେ । ମକଦମାର ଆସାମି ୧୧ ଜଣ ମଧ୍ୟରୁ ପ୍ରଧାନ ପହିଲବାନ ହାଫିଜ ଖଲାସ ପାଇଲା । ଆଉ ଅଠ ଜଣ ମଧ୍ୟରୁ ଚାରି ଜଣ ଅର୍ଥାତ ଦଶିପ୍ରା ହଇଦ୍ୟାନଷେର ଅସରଖା ଏବଂ ହବିବୁଲ୍ଲା ଏକ ବର୍ଷ ଲେଖାଏଁ, ତିନି ଜଣ ଅର୍ଥାତ ସୋଭାନଖାଁ ନାଜିଫୋଉସ୍ ଏବଂ ଅଲ୍ଲା ଛମାସ ଲେଖାଏଁ ଏବଂ ଅବଶେଷ ଜଣ ଅର୍ଥାତ ଷମସରଭା ଶ୍ରେଷ୍ଠରେ ଛମାସ ଏବଂ ହେଙ୍ଗାମାରେ ଚାରିମାସ ଏପରି ଦଶମାସ କଠିଣ ପରିଶ୍ରମ ସହିତ କାରାବାସ ଦଣ୍ଡ ପାଇ ଅଛନ୍ତି । ଏ ଦଣ୍ଡର ସର୍ବସାଧାରଣଙ୍କର ମନୋନୀତ ହୋଇ ଥିବାର ଜଣା ଯାଏ । ଏଥର ଶୋଳକ ବାବୁଙ୍କୁ ପ୍ରାର୍ଥନା ଯେ ଆଉ ପହିଲବାନ ପୋଷିବା ହାସ ଏ ନଗରରେ ଫଉଜଦାରୀ ମକଦମା ବୃଦ୍ଧିର କାରଣ ନ ହେଉନ୍ତୁ ।

ଯାଜପୁରର ମୋଫସଲ ହାଟମାନଙ୍କରେ ଟଙ୍କାକୁ ସେ ୧୮ ର ଠାରୁ ସେ ୨୦ ର ପର୍ଯ୍ୟନ୍ତ ଚାଉଳ ମିଳୁ ଅଛି କିନ୍ତୁ ସଦରରେ ମୋଟ ଚାଉଳ ସେ ୧୪ ଉରୁ ଅଧିକ ନାହିଁ ।

ଓଡିଶାର ଅନ୍ୟାନ୍ୟ ସ୍ଥାନପରି ଯାଜପୁରରେ ଜ୍ୱର ଏବଂ ଓଲାଉଠା ଏସମୟରେ ବର୍ତ୍ତମାନ ଥିବାର ସଂବାଦ ପାଉଅଛୁଁ ।

ସାଇପ୍ରେସ ଦ୍ୱୀପରୁ ଏକ ବ୍ୟକ୍ତି ହିନ୍ଦୁପେଟ୍ରିଅଟକୁ ଲେଖିଅଛନ୍ତି କି ସେଠାରେ ଶାସନ ସମ୍ପର୍କୀୟ ସମସ୍ତବିଷୟ ଏମନ୍ତ ଗୋଳମାଳ ଅବସ୍ଥାରେ ଅଛି ଯେ ସଂଶୋଧନ କାର୍ଯ୍ୟ କେଉଁଠାରୁ ଆରମ୍ଭ ହେବ ଠିକଣା ପାରୁ ନାହିଁ । ଟାକସ ଆଦାୟରେ ଅତ୍ୟାଚାରର ସୀମା ନାହିଁ । ହାକିମମାନଙ୍କ ବେତନ ଭତ୍ତା ଓ ବକସିସ ନେବାର ଶେଷ ନାହିଁ । ଗବର୍ଣ୍ଣମେଣ୍ଟ ହାକିମଙ୍କର ବକସିସ ନେବା ନିଷେଧ କରିବାରୁ ସେଠା ହାଇକୋର୍ଟର ଜଜମାନେ କର୍ମ କରିବାକୁ ଆସିଲେ ନାହିଁ । କିନ୍ତୁ ଗବର୍ଣ୍ଣମେଣ୍ଟ ବେତନ ବୃଦ୍ଧି କରି ଦେବାରେ ତାହାଙ୍କର ମେଳ ଭାଙ୍ଗି ଗଲା । ତୁରସ୍କର ସୁଲତାନଙ୍କ ଅଧୀନରେ ଯେଉଁଠାରେ ଶାସନ କାର୍ଯ୍ୟର ଅବସ୍ଥା ଏପରି ସେଠାରେ ସେ ବାଦସାହି କେତେଦିନ ରହି ପାରେ ।

ଚୀନର ଦୁର୍ଭିକ୍ଷ ସମ୍ବନ୍ଧରେ ସରକାରି ଚିଠିପତ୍ର ବାହାରି ଅଛି । ଫେଜରସାହେବ ପେକିନ ନଗରରୁ ଗତ ମଇମାସ ତା ୧୦ ରିଖରେ ଲେଖିଥିଲେ କି ସେ ଲୋକମାନଙ୍କଠାରୁ ଶୁଣି ଅଛନ୍ତି ଯେ ୭୦ ଲକ୍ଷ ଲୋକ ପ୍ରାଣ ହରାଇ ଅଛନ୍ତି ।

ଗତ ତୁରସ୍କ ଯୁଦ୍ଧରେ ମରିପଡିଥିବା ରୁଷୀୟ ସୈନ୍ୟଙ୍କ ସ୍ମରଣାର୍ଥ ରୁଷିୟା ଏର୍ଜରୁମରେ ଏକ ପ୍ରକାଣ୍ଡ କୀର୍ତ୍ତିସ୍ତମ୍ଭ ନିର୍ମାଣ କରୁ ଅଛନ୍ତି ।

ବର୍ଲିନର ଜଣେ ପତ୍ରପ୍ରେରକର ଲେଖାରୁ ଜଣାଯାଏ ଯେ ରୁଷୀୟମାନେ ସମରକନ୍ଦଠାରୁ ଅକସୁସ ( ଆମୁଦରିଆ ) ନଦୀ ପର୍ଯ୍ୟନ୍ତ ତାରଡାକ ବସାଇ ଅଛନ୍ତି ଏବଂ କାବୁଲକୁ ଉକ୍ତ ଡାକ ଆଣିବା କାରଣ ଅମିର ଅଙ୍ଗୀକାର କରି ଅଛନ୍ତି । ବୋଧହୁଅଇ ଏ ପ୍ରତିଜ୍ଞା ରହିପାରିବ ନାହିଁ । ଏଥର ପେଶୋଆରଠାରୁ ତାରଡାକ ବସାଇବାକୁ ଅମିର ବାଧ୍ୟ ହେବେ ।

କାବୁଲରେ ଖାଦ୍ୟ ସାମଗ୍ରୀ ବଡ ମହରଗ ହେବାରୁ ଅମିର ତହିଁର ଭଲ ବନ୍ଦୋବସ୍ତ କରିବା କାରଣ ସରଦାର ଇବାହିମଖାଁଙ୍କୁ ଆଜ୍ଞାଦେଲେ । ସରଦାର ମହାଜନଙ୍କ ଠାରୁ ପାଞ୍ଚହଜାର ଟଙ୍କା ଅର୍ଥଦଣ୍ଡ ନେଲେ । ଏମନ୍ତ ସୁନ୍ଦର ବନ୍ଦୋବସ୍ତ ନ ଥିଲେ କି ରାଜ୍ୟଟାର ବର୍ତ୍ତମାନ ପରି ଦୁର୍ଦ୍ଦଶା ଘଟନ୍ତା ।

ଗତ ସେପ୍ଟେମ୍ବର ମାସରୁ ଆଗ୍ରା ମଥୁରା ଓ ଅଲିଗଡ ଜିଲ୍ଲାମାନଙ୍କରେ ଜ୍ୱରରୋଗର ପ୍ରତାପ ଅଧିକ ହୋଇ ଅଛି । ଲୋକମାନେ ଏଥିପାଇଁ ନାଳକୁ ଦୋଷୀ କରୁ ଅଛନ୍ତି । କୌଣସି ଉପାୟରେ ସୁସ୍ଥ ହେବାର ନାହିଁ ।

ସିମଲାର ଏକଜଣ ପତ୍ରପ୍ରେରକର ମତରେ ଲର୍ଡଲିଟନଙ୍କ କଥାର ଏହିପରି ଉତ୍ତର ଅମିର ଦେଇଥିଲେ କି " ତୁମ୍ଭେ ଯେ ଯେ ମନ୍ଦ କରିପାର କର ଶେଷ ଫଳ ଈଶ୍ୱରଙ୍କ ହାତରେ ଅଛି " ।

ମାନ୍ଦ୍ରାଜ ପ୍ରଦେଶରେ ଗୁଣ୍ଟୁରର ଉତ୍ତର ଅଞ୍ଚଳରେ ପୂର୍ବାପେକ୍ଷା କିଛି ସୁଲଭ ହୋଇ ଅଛି କିନ୍ତୁ ଦକ୍ଷିଣ ଭାଗରେ କ୍ରମଶଃ ମୂଲ୍ୟ ବଢିବାର ଜଣା ଯାଏ । ଏ ସମୟରେ ସେଠାରେ ବୃଷ୍ଟିର ପ୍ରୟୋଜନ କିନ୍ତୁ ବୃଷ୍ଟି ହେଉ ନାହିଁ । ଅଥଚ ଅକାରଣ ଅମ୍ଭମାନଙ୍କୁ ବୃଷ୍ଟି ହଇରାଣ କରୁ ଅଛି ।

ମଥୁରାର ବିଖ୍ୟାତ ସେଠ ଗୋବିନ୍ଦ ଦାସଙ୍କର ମୃତ୍ୟୁ ସମ୍ବାଦ ଆସିଅଛି ଗୋବିନ୍ଦ ଦାସଙ୍କର ବଦାନ୍ୟତା ସ୍ୱଜାତିଭକ୍ତି ଏବଂ ବଦାନ୍ୟତାରେ ଗବର୍ଣ୍ଣମେଣ୍ଟ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଏହାଙ୍କୁ ସି, ଏସ, ଆଇ ଉପାଧି ଦାନଦ୍ୱାରା ସମ୍ମାନ କରି ଥିଲେ । କଥିତ ହୁଅଇ ଯେ ପ୍ରଶଂସିତ ସେଠ ବହୁକାଳରୁ ସଂସାରର କାର୍ଯ୍ୟ ସମସ୍ତ ଛାଡିଦେଇ ବୈଷ୍ଣବର ବେଶ ଧରି ଶ୍ରୀ ଗୋବିନ୍ଦଜୀଙ୍କ ମନ୍ଦିରରେ ରହୁଥିଲେ । ଏତେବଡ ଧନବାନ୍ ବ୍ୟକ୍ତି ସଂସାର ତ୍ୟାଗକରି ଆପଣା ଇଷ୍ଟଦେବତାଙ୍କ ଆରାଧନାରେ ନିଯୁକ୍ତ ହେବା ବଡ ପ୍ରଶଂସାର ବିଷୟ ଅଟଇ ।

---

## ପ୍ରେରିତପତ୍ର ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

। ମୌ । ଦେଉର । ପ୍ର । କେନ୍ଦ୍ରାଇର ଅନ୍ତର୍ଗତ ଏକଜଣ ଗାଂବନୀ ବ୍ରାହ୍ମଣ ଏକଖଣ୍ଡ ଦୁଇପଇସାର ଷ୍ଟାମ୍ପ ଟିକଟକୁ ପୁନର୍ବ୍ବାର ଏକଖଣ୍ଡ ଚିଠି ଉପରେ ବସାଇଦେଇ ଗୋଲମାଳରେ ଚଳିଯିବାର ଆଶାରେ ବ୍ୟବହାର କରିଥିଲେ । ସେ ଚିଠିକୁ ସତ୍ୟବାଦୀର ସବ ପୋଷ୍ଟମାଷ୍ଟର ବାବୁ ଭିକାରୀଚନ୍ଦ୍ର ମିଶ୍ର ଧରି ପୁରୀ ମେଜଷ୍ଟ୍ରେଟ ସାହେବଙ୍କ ହଜୁରରେ ମୋକଦମା ଚଳାଇଲେ ତହିଁରେ ପୁରୀ ମେଜଷ୍ଟ୍ରେଟ ମନ୍ନମାର୍ଣ୍ଣିକ ଶ୍ରୀଯୁକ୍ତ ମେଃ ଆର୍ମଷ୍ଟ୍ରଂ ସାହେବ ତାଙ୍କୁ କଠିଣ ପରିଶ୍ରମ ସହିତ ଛମାସ ମିଆଦ ଦେଇଅଛନ୍ତି । ଉକ୍ତବ୍ୟକ୍ତି ଏକଜଣ ସମ୍ଭ୍ରାନ୍ତ ଲୋକ କିନ୍ତୁ ଦୁଇଟା ପାଇସ କୁ ଲୋଭକରି ଏପରି କଷ୍ଟଭୋଗ କଲେ ଅତଏବ ଆମ୍ଭେ ସମସ୍ତ ଉତ୍କଳୀୟ ଭ୍ରାତାଙ୍କୁ ବିନୀତଭାବରେ ପ୍ରାର୍ଥନା କରୁଅଛୁଁ ଯେ ଏପରି ଖରାପ କଥା ସେମାନେ ଯେପରି କଦାଚ ନ କରନ୍ତୁ ।

ବଶମ୍ବଦ
ଏକଜଣ ଦର୍ଶକ

---

## ବିଜ୍ଞାପନ ।

ଅତି ଆଶ୍ଚର୍ଯ୍ୟ ଓ ବୃହତ ଛାୟାବାଜି ଯନ୍ତ୍ର ।

ଏଥିରେ ସୌରଜଗତ, ଗ୍ରହଣ, ଗ୍ରହମାନଙ୍କର ଗତି, ସମୁଦ୍ରରେ ଜାହାଜ ବୁଡିବା ଓ ଜଳ କି ବାଷ୍ପ ବଳରେ କଳ ଚାଲିବା, ନାନାବର୍ଣ୍ଣର ଫୁଲ ଇତ୍ୟାଦି ଅନେକପ୍ରକାର ଅଦ୍ଭୁତ ଓ ଅତ୍ୟନ୍ତ ସୁନ୍ଦର ଚିତ୍ରମାନ ଛାୟାଦ୍ୱାରା ଦେଖାଯାଏ । ଏହା ଯେମନ୍ତ ଲୋକମାନଙ୍କର କୌତୁକ ସେମନ୍ତ ପିଲାମାନଙ୍କର ଶିକ୍ଷା ଓ ଜ୍ଞାନକୁ ବିଶେଷ ଉପଯୋଗୀ ଅଟଇ । ରାଜା ଏବଂ ବଡଲୋକଙ୍କ ଘରେ ଏପରି ପଦାର୍ଥ ରହିବାର ଉଚିତ ।

ଉପରଲିଖିତ ଯନ୍ତ୍ର ଖଣ୍ଡିଏ ଉପଯୁକ୍ତ ସହିତ କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟନିମିତ୍ତ ଅଛି । ମୂଲ୍ୟ ଟ ୩୦୦୲ ଯାହାଙ୍କର କିଣିବାର ଇଚ୍ଛା ହେବ ଅନୁଗ୍ରହ କରି ଅନ୍ୟ ନିକଟକୁ ପତ୍ର ଲେଖିବେ ।

୨୬।୧୧।୭୮ ଶ୍ରୀ ଗୌରିଶଙ୍କର ରାୟ

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗିରିଧାରୀ ସାହୁ | କଟକ | ବଲିଆ | ଟ ୬୲ |
| „ ଜଗତବନ୍ଧୁର ଘୋଷ | „ | „ | ଟ ୩୲ |
| ଶ୍ରୀ ଶ୍ରୀ ରାଜା କଣ୍ଠେ ପାତ୍ରରୁଦ୍ର | „ | „ | ଟ ୭ ୲ |
| ବାବୁ ଭଗବାନ ଜେନା | „ | „ | ଟ ୩୲ |

---

ଏହି ଉତ୍କଳ ଦୀପିକା ପତ୍ରିକା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter
GISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ଶ
ସଂ ୪୯ ସଂଖ୍ୟା

ତା ୧୪ ରିଖ ମାହେ ଡିସମ୍ବର ସନ ୧୮୭୮ ମସିହା । ମୂ । ପୌଷ ଦି ୧ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧
ମଫସଲପାଁଇ ଡାକମାସୁଲ ଟ୧୷୵

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ହିନ୍ଦୁପେଟ୍ରିଅଟରେ ପାଠକଲୁଁ ଯେ ଆମ ମୁକ୍ତାରନାମାର ଷ୍ଟାମ୍ପ ସମ୍ପର୍କରେ ବୋର୍ଡ ଯେଉଁ ଅତ୍ୟନ୍ତ ଅଯୌକ୍ତିକ ଆଜ୍ଞା ପ୍ରଚାର କରିଥିଲେ ଓ ଯାହା ଯୋଗ ମୁକ୍ତାର ଓ ମାମଲତକାରଙ୍କର କଷ୍ଟର ସୀମା ନ ଥିଲା ଗବର୍ଣ୍ଣମେଣ୍ଟ ବଙ୍ଗାଳ ସେ ଆଜ୍ଞାକୁ ରହିତ କରିଅଛନ୍ତି । କଲିକତାର ଭାରତବର୍ଷୀୟ ସଭାଙ୍କ ଆବେଦନ ପାଇଁ ଆମ୍ଭମାନଙ୍କର ଶ୍ରେଷ୍ଠ ଲାଟସାହେବ ଉକ୍ତ ଆଜ୍ଞା ଦେଇଅଛନ୍ତି । ଏଥିପାଇଁ ଭାରତବର୍ଷୀୟ ସଭା ସମସ୍ତଙ୍କର ଧନ୍ୟବାଦର ପାତ୍ର ଅଟନ୍ତି ।

---

ଗତ ସପ୍ତାହଠାରୁ ଏ ସପ୍ତାହ ପର୍ଯ୍ୟନ୍ତ ପ୍ରାୟ ଦଶଦିନ କ୍ରମାଗତ ମେଘାଚ୍ଛନ୍ନ ହୋଇଥିଲା । ନଗରରେ ନାମମାତ୍ର କିନ୍ତୁ ମୋଫସଲରେ ଭାରି ବୃଷ୍ଟି ହୋଇଥିଲା ଏବଂ ବଙ୍ଗୋପସାଗର ସମୁଦ୍ରତଟରେ ଅତ୍ୟନ୍ତ ପ୍ରବଳ ବତାସ ହୋଇଥିଲା । ଏଥିମଧ୍ୟରେ ଗୋପାଳପୁର ଇସାକପଟ୍ଟନ ମସୁଲିପଟ୍ଟନ ପ୍ରଭୃତି ମାନ୍ଦ୍ରାଜ ପ୍ରଦେଶର ଉପକୂଳବର୍ତ୍ତୀ ସ୍ଥାନରେ ତୋଫାନ ହୋଇଥିବାର ସମ୍ବାଦ ଆସିଥିଲା ମାତ୍ର ଭାରି ତୋଫାନ ହେବାର ସରକାରୀ ବାୟୁବାର୍ତ୍ତା ରିପୋର୍ଟରୁ ଜଣା ଯାଇ ନାହିଁ କିମ୍ବା ତୋଫାନଦ୍ୱାରା କୌଣସି କ୍ଷତି ହେବାର ମଧ୍ୟ ସମ୍ବାଦ ଆସି ନାହିଁ । ଏଅଞ୍ଚଳରେ ଏହି ବୃଷ୍ଟି ବତାସଦ୍ୱାରା ଧାନ, କୁଟା, ରବି, ତୈଳଜ ପ୍ରଭୃତି ନାନାଫସଲ ବିସ୍ତର କ୍ଷତି ହୋଇଅଛି ଏବଂ ଆମ୍ବଫସଲର ଆଶା ମଧ୍ୟ ଅଳ୍ପ ଦେଖାଯାଏ ।

---

ବିଲାତରୁ ତାରଡାକଯୋଗେ ସମ୍ବାଦ ଆସିଅଛି କି ମଧ୍ୟ ଆସିଆ ସମ୍ପର୍କୀୟ ସନ ୧୮୭୪ ସାଲଠାରୁ ସନ ୧୮୭୮ ସାଲ ପର୍ଯ୍ୟନ୍ତ ଚିଠିମାନ ପ୍ରଚାରିତ ହୋଇଅଛି । ତହିଁରୁ ଜଣାଯାଏ ଯେ ରୁଷିଆ ଏବଂ ଇଂଲଣ୍ଡ ମଧ୍ୟରେ ଏହିରୂପ ବନ୍ଦୋବସ୍ତ ସନ ୧୮୭୨ ସାଲରେ ହୋଇଥିଲା କି ଅକ୍ସସ ନଦୀ ଅଲଙ୍ଘ୍ୟ ସୀମା ହେବ ଏବଂ ଆଫଗାନସ୍ଥାନ ଓ ବୋଖାରା ସ୍ୱାଧୀନ ରାଜ୍ୟ ହୋଇ ଯଥାକ୍ରମେ ଇଂଲଣ୍ଡ ଏବଂ ରୁଷିଆର ବଶବର୍ତ୍ତୀ ରହିବେ ।

କାବୁଲକୁ ଯେଉଁ ରୁଷୀଅ ରାଜଦୂତ ଅଳ୍ପଦିନ ପୂର୍ବେ ଆସିଥିଲା ତହିଁ ସମ୍ପର୍କରେ ଜେନେରଲ କାଫମାନ କହିଅଛନ୍ତି କି ରୁଷିଆ ଗବର୍ଣ୍ଣମେଣ୍ଟଙ୍କ ଦୂତସ୍ୱରୂପ ସେ କାବୁଲକୁ ପ୍ରେରିତ ହୋଇ ନ ଥିଲେ ମାତ୍ର ତୁର୍କିସ୍ଥାନର ଗବର୍ଣ୍ଣର ଜେନରଲ ସ୍ୱରୂପ ସେ ସ୍ୱୟଂ ଅମିରଙ୍କ ନିକଟକୁ କେବଳ ସୌଜନ୍ୟତା ଦେଖାଇବାକୁ ଯାଇଥିଲେ ।

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ରୁଷିଆ ଅମିରଙ୍କ ସଙ୍ଗେ ବନ୍ଧୁତା କରିଥିବା ବିଷୟରୁ ଯେସ୍ଥଳେ ପ୍ରକାଶ୍ୟରୂପେ ଅସ୍ୱୀକାର ଅଛନ୍ତି ସେସ୍ଥଳେ ସେ ଅମୀରଙ୍କ ସକାଶେ ଯୁଦ୍ଧ କରିବେ ସମ୍ଭବ ହେଉ ନାହିଁ ।

---

ଇଂଲଣ୍ଡର ପାର୍ଲିମେଣ୍ଟ ସଭା ଚଳିତମାସ ତା ୫ ରିଖରେ ବସିଲା । ଶ୍ରୀମତୀ ମହାରାଣୀଙ୍କର ବକ୍ତୃତାର ମର୍ମ୍ମ ଏହି ଯେ କାବୁଲର ଅମିର ଶତ୍ରୁତା ଦେଖାଇବାରୁ ତାହାଙ୍କ ବିରୁଦ୍ଧରେ ସୈନ୍ୟ ପଠାଇବାର ନିତାନ୍ତ ଆବଶ୍ୟକ ହେଲା ଓ ସେହିକଥା ପାର୍ଲିମେଣ୍ଟକୁ ଜଣାଇବା କାରଣ ଏହି ଅସାମୟିକ ଅଧିବେଶନର ପ୍ରୟୋଜନ ହୋଇଅଛି ।

ସଭା ବସିଲାରୁ ଭାରତବର୍ଷୀୟ ଅଣ୍ଡର ସେକ୍ରେଟରୀ ଜଣାଇଲେ ଯେ ଆଫଗାନସ୍ଥାନ ଯୁଦ୍ଧର ସମସ୍ତ ବ୍ୟୟ ଭାରତବର୍ଷର ରାଜସ୍ୱ ଉପରେ ପଡିବାର ପ୍ରସ୍ତାବ କରିବେ । ଶ୍ରୀଯୁକ୍ତ ଫସେଟ ସାହେବ ଏ ପ୍ରସ୍ତାବର ପ୍ରତିବାଦ କରିବେ ବୋଲି ସଭାକୁ ଜଣାଇଲେ ।

ଅନୁମାନ ହୁଅଇ ଆଫଗାନ୍ ସ୍ଥାନର ଯୁଦ୍ଧ ଏବଂ ତହିଁର ବ୍ୟୟ ପୂରଣ କରିବା ବିଷୟରେ ଭାରି ତର୍କ ବିତର୍କ ହେବ ମାତ୍ର ତହିଁର ଶେଷ ଫଳ ଆମ୍ଭମାନଙ୍କର ଅନୁକୂଳ କି ପ୍ରତିକୂଳରେ ହେବ ବୋଲାଯାଇ ନ ପାରେ । ଯେବେ ଯୁଦ୍ଧର ବ୍ୟୟ ଭାରତବର୍ଷ ଉପରେ ପଡିବ ତେବେ ଆମ୍ଭମାନଙ୍କୁ ନିଶ୍ଚୟ ଅଧିକା ଟାକ୍ସ ଦେବାକୁ ହେବ ମାତ୍ର ତହିଁରେ ଆମ୍ଭମାନଙ୍କର ଦୁର୍ଗତିର ସୀମା ରହିବ ନାହିଁ । ଏକେ ଖାଦ୍ୟଦ୍ରବ୍ୟର ଦୁର୍ମ୍ମୂଲ୍ୟତା ଦ୍ୱିତୀୟେ ଲାଇସେନ୍ସ ଟାକ୍ସ ଓ ନାନାପ୍ରକାର ସେସ ହେତୁରୁ ମଧ୍ୟବର୍ତ୍ତିଲୋକଙ୍କ ପକ୍ଷରେ ସୁଦ୍ଧା ଜୀବନ ରକ୍ଷା କରିବା

Digitized by srujanika@gmail.com

Split by PDF Splitter



କଷ୍ଟକର ହୋଇଅଛି ଏଥି ଉତ୍ତାରୁ ଯୁଦ୍ଧର ଖରଚ ଲୋକେ କିରୂପେ ଦେବେ କହି ନ ପାରୁଁ । ଫଳତଃ କେଉଁ ଯୁକ୍ତିରେ ଭାରତବର୍ଷକୁ ଏ ବ୍ୟୟ ସହିବାକୁ ହେବ ଆମ୍ଭେମାନେ ବୁଝି ପାରୁ ନାହୁଁ । ପାର୍ଲିମେଣ୍ଟର ସଭ୍ୟମାନେ ଯାହା ବିଚାର କରିବେ କ୍ରମେ ଦେଖିବାରେ ଆସିବ ।

———

## ଭାରତେଶ୍ୱରୀ ମନ୍ଦିର ।

ପାଠକମାନଙ୍କର ସ୍ମରଣ ଥିବ ଯେ ଶ୍ରୀମତୀ ମହାରାଣୀ ଗତବର୍ଷ ଭାରତେଶ୍ୱରୀ ଉପାଧି ଗ୍ରହଣ କରିବା ଉପଲକ୍ଷରେ ଭାରତବର୍ଷର ସର୍ବତ୍ରରେ ଯେମନ୍ତ ଉତ୍ସବ ହୋଇଥିଲା ଏ ନଗରରେ ମଧ୍ୟ ସେହିପରି ହୋଇଥିଲା ଓ ସେହି ମଙ୍ଗଳ ଘଟନାକୁ ଚିରସ୍ମରଣୀୟ କରିବାକାରଣ ଓଡ଼ିଶାବାସିମାନେ ଏକ ମତ ହୋଇ ଏ ନଗରରେ ଭାରତେଶ୍ୱରୀ ମନ୍ଦିର ନାମରେ ଗୋଟିଏ ଅଟ୍ଟାଳିକା ନିର୍ମାଣ କରିବାର ସ୍ଥିର କରି କେତେକ ବ୍ୟକ୍ତି ଚେନ୍ଦା ସ୍ୱାକ୍ଷର କରିଥିଲେ । କିନ୍ତୁ ତହୁଁଉତ୍ତାରୁ ଏ ପ୍ରସ୍ତାବ ସମ୍ବନ୍ଧରେ ଆଉ କିଛି କାର୍ଯ୍ୟ ନ ହୋଇ ପଡ଼ି ରହିଥିଲା । କେବଳ ଶ୍ରୀଯୁକ୍ତ ହମ୍ସ ସାହେବ କଲେକ୍ଟର ପ୍ରସ୍ତାବିତ ଅଟ୍ଟାଳିକାର ଗୋଟିଏ ନକ୍ସା ଏବଂ ଅନୁମାନିକ ବ୍ୟୟର ତାଲିକା ପ୍ରସ୍ତୁତ କରାଇ ରଖି ଯାଇଥିଲେ । ଗତ ସପ୍ତାହ ଶୁକ୍ରବାର ଅପରାହ୍ନ ଘ୪ଣ୍ଟା ସମୟରେ କଟକ କଲେଜରେ ଶ୍ରୀଯୁକ୍ତ କମିଶନରଙ୍କ ଆହ୍ୱାନମତେ ଭାରତେଶ୍ୱରୀ ମନ୍ଦିର ସକାଶେ ଯେଉଁମାନେ ଚେନ୍ଦା ସ୍ୱାକ୍ଷର କରିଥିଲେ ସେମାନଙ୍କର ସଭା ହୋଇଥିଲା । ସଭାରେ କମିଶନର କଲେକ୍ଟର ଏବଂ ଜଏଣ୍ଟମାଜିଷ୍ଟ୍ରେଟ ଏହି ତିନିଜଣ ଇଂରାଜ ଏବଂ ୧୦।୧୨ ଜଣ ଦେଶୀୟ ଭଦ୍ରଲୋକ ଉପସ୍ଥିତ ଥିଲେ । ସଭାରେ ଦେଖାଗଲା ଯେ ଶ୍ରୀଯୁକ୍ତ ହମ୍ସ ସାହେବ ପ୍ରସ୍ତାବିତ ମନ୍ଦିରର ଯେ ନକ୍ସା କରାଇଅଛନ୍ତି ତାହା ବଡ଼ ସୁନ୍ଦର ହୋଇଅଛି ମାତ୍ର ତହିଁର ବ୍ୟୟ ୪୭ ହଜାର ଟଙ୍କା ହେବାର ଅନୁମାନ ହୋଇଅଛି । ଏଥିକୁ ଚେନ୍ଦାଫର୍ଦ୍ଦରେ କେବଳ ୧୪ ହଜାର ଟଙ୍କା ସ୍ୱାକ୍ଷରିତ ଏବଂ ତହିଁମଧ୍ୟରୁ ୪ହଜାର ଟଙ୍କା ଉସୁଲ ହୋଇଅଛି । ୪୭ହଜାର ଟଙ୍କା ଓଡ଼ିଶାରେ ଚେନ୍ଦାଦ୍ୱାରା ସଂଗୃହୀତ ହେବା ଅସମ୍ଭବ ମଣି କେହି୨ ସଭ୍ୟ ମନ୍ଦିରର ପ୍ରସ୍ତାବରୁ କ୍ଷାନ୍ତ ରହିବାର ଯୁକ୍ତି ଦେଖାଇଲେ ପରିଶେଷରେ ସ୍ଥିର ହେଲା ଯେ ଅନ୍ତତଃ ୨୦।୨୫ ହଜାର ଟଙ୍କା ଉଠିପାରେ ଓ ତଦ୍ଦ୍ୱାରା ଏକପ୍ରକାର ଘର ନିର୍ମାଣ ହୋଇ ପାରିବ ଓ ପଶ୍ଚାତ୍ ଅନ୍ୟ ଉତ୍ସବ ଉପଲକ୍ଷରେ ତାହା ପରିବର୍ଦ୍ଧିତ ହୋଇପାରେ । ଏହିପରି ବିଚାର ହୋଇ ସ୍ୱାକ୍ଷରିତ ଚେନ୍ଦା ଆଦାୟ ଏବଂ ଅଧିକା ଚେନ୍ଦା ସଂଗ୍ରହ ମନ୍ଦିର ନିମିତ୍ତ ନଗରର ମଧ୍ୟସ୍ଥଳରେ ଉପଯୁକ୍ତ ସ୍ଥାନ ନିର୍ବାଚନ ଏବଂ ସାଧାରଣରୂପେ ମନ୍ଦିର ନିର୍ମାଣର ପ୍ରସ୍ତାବକୁ ସଫଳ କରିବାକାରଣ ଗୋଟିଏ କମିଟୀ ନିଯୁକ୍ତ ହେବାର ସ୍ଥିର ହୋଇ ନିମ୍ନଲିଖିତ ବ୍ୟକ୍ତିମାନେ ତହିଁର ସଭ୍ୟସ୍ୱରୂପ ମନୋନୀତ ହେଲେ । କମିଟୀଙ୍କୁ ଯେ ସମସ୍ତ କାର୍ଯ୍ୟର ଭାର ଦିଆଗଲା ତହିଁରେ ସେମାନେ ଯେପରିମାଣରେ କୃତକାର୍ଯ୍ୟ ହେବେ ତହିଁର ସମ୍ପୂର୍ଣ୍ଣ ବିବରଣ ତିନିମାସ ମଧ୍ୟରେ ଚେନ୍ଦାଦାତାଙ୍କର ସାଧାରଣ ସଭାରେ ଜଣାଇବେ ଓ. ସଭାର ମତାନୁଯାୟୀ କର୍ମକାରକ ହେବେ ।

କମିଟୀର ସଭ୍ୟଙ୍କ ନାମ ।

ଶ୍ରୀଯୁକ୍ତ ମାକଫର୍ସନ ସାହେବ ସଭାପତି
ବାବୁ ବୈଦ୍ୟନାଥ ପଣ୍ଡିତ ରାୟବାହାଦୁର
ଚୌଧୁରୀ କାଶିନାଥ ଦାସ
ବାବୁ ଜଗନ୍ମୋହନ ରାୟ
„ ନନ୍ଦକିଶୋର ଦାସ
„ ହରିବଲ୍ଲଭ ବୋଷ
„ ଗୌରୀଶଙ୍କର ରାୟ
କୁମାର ବୈକୁଣ୍ଠନାଥ ଦେ
ମହନ୍ତ ନାରାୟଣ ଦାସ

ଏହି କମିଟୀକୁ ଚେନ୍ଦା ଆଦାୟ କରିବା ଏବଂ ଆବଶ୍ୟକମତେ ଆଦାୟୀ ଟଙ୍କାକୁ କୌଣସି ବାଙ୍କ ଇତ୍ୟାଦିରେ ଲାଭ ସକାଶେ ଜମା କରିବାର ଅଧିକାର ଦିଆଯାଇଅଛି ।

ଗତ ସୋମବାର ପ୍ରାତଃକାଳରେ ଶ୍ରୀଯୁକ୍ତ ମାକଫର୍ସନ ସାହେବଙ୍କ ଘରଠାରେ କମିଟୀର ପ୍ରଥମ ଅଧିବେଶନ ହୋଇ ବାବୁ ନନ୍ଦକିଶୋର ଦାସ ଓ ବାବୁ ହରିବଲ୍ଲଭ ବୋଷ କମିଟୀଙ୍କ ସେକ୍ରେଟରୀ ପଦରେ ନିଯୁକ୍ତ ହେଲେ ଯେହେତୁ ନିତାନ୍ତପକ୍ଷରେ ୩୦ ହଜାର ଟଙ୍କା ଚେନ୍ଦା ସଂଗୃହୀତ ନ ହେଲେ ଏ କାର୍ଯ୍ୟରେ ପ୍ରବୃତ୍ତ ହେବା ବୃଥା ଏବଂ ଏତେ ଅଧିକ ଟଙ୍କା ସାମାନ୍ୟ ଲୋକଙ୍କଠାରୁ ପ୍ରାପ୍ତ ହେବାର ଆଶା କରାଯାଇ ନ ପାରେ ଅତଏବ ସ୍ଥିରହେଲା ଯେ ପ୍ରଥମେ ଓଡ଼ିଶାର ସର୍ବପ୍ରଧାନ ତିନି ମହାରାଜାଙ୍କ ନିକଟକୁ ଚେନ୍ଦା ସକାଶେ ପତ୍ର ଲେଖାଯିବ ଓ କ୍ରମେ ସମସ୍ତ ରାଜା ଓ ସମ୍ଭ୍ରାନ୍ତ ଜମିଦାରମାନଙ୍କୁ ପତ୍ର ଲେଖାଯିବ । ଏମାନଙ୍କଠାରୁ ଅଧିକ ପରିମାଣ ଚେନ୍ଦା ଲାଭ ହେଲେ ଯାହା ନିଅଣ୍ଟ ହେବ ତାହା ଅନ୍ୟାନ୍ୟ ଲୋକଙ୍କଠାରୁ ପ୍ରାର୍ଥନା କରାଯିବ ।

ଭାରତେଶ୍ୱରୀ ମନ୍ଦିରସମ୍ପର୍କରେ ଯେପର୍ଯ୍ୟନ୍ତ କାର୍ଯ୍ୟ ହୋଇ ଅଛି ସର୍ବସାଧାରଣଙ୍କୁ ତାହା ଜଣାଇ ପ୍ରାର୍ଥନା କରୁଅଛୁଁ କି ଯେପ୍ରକାରରେ ମନ୍ଦିର ଶୀଘ୍ର ନିର୍ମାଣ ହୁଅଇ ସେପକ୍ଷରେ ସମସ୍ତେ ମନୋଯୋଗୀ ହେବେ । ଏ ବିଷୟରେ ଆମ୍ଭମାନଙ୍କର ମନ୍ତବ୍ୟ ଏପରେ ବ୍ୟକ୍ତ କରିବୁଁ ।

———

## କାବୁଲ ଯୁଦ୍ଧସମାଚାର ।

ତା ୨ ରିଖ ଦିସମ୍ବର—ଏଲାହାବାଦରୁ ସମ୍ବାଦ ଆସିଅଛି ଯେ କୁରମ ଦକ୍ଷାକୁ ବ୍ରିଟିସ ସେନା ଅଧିକାର କରିଅଛନ୍ତି । କପ୍ତାନ କାର ପ୍ରଥମେ ଏ ଦକ୍ଷରେ ପ୍ରବେଶ କଲେ । ଶତ୍ରୁ ଗୋଟିଏ ତୋପ ଛାଡ଼ି ଉକ୍ତ ଦକ୍ଷାକୁ ପରିତ୍ୟାଗ କରିଥିବାରୁ ସେ ତୋପଟି ହସ୍ତଗତ ହେଲା । କର୍ଣ୍ଣେଲ ଓ୍ୱାଟର ଫିଲ୍ଡ ଏକ ଦରବାର କରିଥିଲେ ତୁରୀ ଏବଂ ଅନ୍ୟଜାତିର ପ୍ରଧାନ ମାଲିକମାନେ ଉପସ୍ଥିତ ହୋଇଥିଲେ ଏବଂ ସେମାନଙ୍କୁ ବୁଝାଇ ଦିଆଗଲା ଯେ ବ୍ରିଟିସ ଗବର୍ଣ୍ଣମେଣ୍ଟ ତାହାଙ୍କ ସଙ୍ଗେ ଶତ୍ରୁତା କରିବାର ଇଚ୍ଛା ରଖୁ ନାହାନ୍ତି ।

ମେଜର କାଭାଗନାରି ଲେଖିଅଛନ୍ତି ଯେ ଯମରୁଦକୁ ଫେରି ଆସି ଯେଉଁମାନେ ବାଟରେ ଗୁନଙ୍ଗା କରୁଥିଲେ ସେମାନଙ୍କୁ ଦମନ କରିଅଛନ୍ତି । ସମ୍ପ୍ରତି ଥାନା ପର୍ଯ୍ୟନ୍ତ ଏବଂ ତହିଁର ଉପର ଭାଗରେ କୌଣସି ଗୋଳଯୋଗ ନାହିଁ ଯେଉଁମାନେ ଅତ୍ୟାଚାର କରୁଥିଲେ ସେମାନଙ୍କର ମେଲ ଭାଙ୍ଗି ଯାଇଅଛି ।

ତା ୩ ରିଖ ଦିସମ୍ବରରେ ଜେନରଲ ରବର୍ଟସ ପାଇଓ୍ୱାର ମୁକାମରୁ ଲେଖିଅଛନ୍ତି କି "ଉକ୍ତ ମାସ ତା ୧ ରିଖ ରାତ୍ରରେ ସ୍ପିଙ୍ଗାଓ୍ୱାର ବାଟ ଦେଇ ଚଢ଼ାଉ କରିବା ବଡ଼ ସଫଳ ହୋଇଥିଲା । ବାଟ ବଡ଼ କଠିଣ ଓ ଯେତେ ମନେ କରିଥିଲୁଁ ତହିଁରୁ ଅଧିକ ଥିଲା । ଯେଉଁଠାରେ ଶତ୍ରୁ ଥିଲା ସେଠାରେ ଠିକ ସକାଳ ବେଳେ ପହଞ୍ଚି ଶତ୍ରୁକୁ ଚକିତ କଲୁଁ । ନ ୭୨ ମ୍ବର ହାଇଲାଣ୍ଡର ଏବଂ ନ ୫ ମ୍ବର ଗୁରଖା ସେନାମାନେ ଶତ୍ରୁଙ୍କୁ କ୍ରମଶଃ ଏକସ୍ଥାନରୁ ଅନ୍ୟସ୍ଥାନକୁ ତଡ଼ି ନେଲେ । ଅସମାନ ଭୂମି ଓ

Digitized by srujanika@gmail.com

Split by PDF Splitter



ନିବିଡ ଅରଣ୍ୟ ହେତୁରୁ ପଛଆଡର ସେନା ଯେତେ ଚେଷ୍ଟା କଲେ ପାଇଓ୍ୱାର କୋଠାଲ-ରେ ପହଞ୍ଚି ପାରିଲେ ନାହିଁ । ତହୁଁ ସେମାନଙ୍କୁ ଫେରାଇ ନେଇ ଶତ୍ରୁଙ୍କୁ ଏକ କରୋଟଦିଗରୁ ଆକ୍ରମଣ କରିବାର ସ୍ଥିର କଲୁଁ । ଏତଦୁପାୟଦ୍ୱାରା ଏବଂ ଜେନେରାଲ କୋବଙ୍କର ସେନାଙ୍କ କାର୍ଯ୍ୟ-ରେ ଶତ୍ରୁ ଅଦ୍ୟ ସକାଳଓଳ କୋଠାଲରୁ ବାହାର ଆସିଲେ ଏବଂ ଆମ୍ଭର ସୈନ୍ୟମାନେ ଅଦ୍ୟ (ତା ୩ ରଖ) ବେଲ ଘ ୪ ଣ୍ଟା ସମୟ-ରେ ଉକ୍ତ କଣ୍ଠାକୁ ଅଧିକାର କଲେ । ପୂର୍ବଦିନ ରାତ୍ର ରେଜିମେଣ୍ଟ ସୈନ୍ୟ ଖୁସିମୁକାମରୁ ଆସି ଶତ୍ରୁର ବଲ ବୃଦ୍ଧି କରିଥିଲେ । ସେମାନେ ଭଲ ଲଢିଲେ ଏବଂ ତାହାଙ୍କର ତୋପ ଉତ୍ତମ କାର୍ଯ୍ୟ କରିଥିଲା । କିନ୍ତୁ ସମ୍ପୂର୍ଣ୍ଣରୂପେ ପରାସ୍ତ ହେଲେ ଏବଂ ଅନେକ ଲୋକ ମରାପଡିଥିବାର କଥିତ ହୁଅଇ । ଆମ୍ଭେମାନେ ୧୮ ଗୋଟା ତୋପ ଓ ବହୁତ ବାରୁଦ ଓ ଗୋଲା ପାଇ-ଅଛୁଁ । ଦେଶର ସ୍ୱାଭାବିକ ଅବସ୍ଥା ଏବଂ ଶତ୍ରୁର ସଂଖ୍ୟା ଦୃଷ୍ଟିରେ ଆମ୍ଭମାନଙ୍କର କ୍ଷତି ସାମାନ୍ୟ ଅଟଇ କପ୍ତାନ କେଲସୋ ଓ ମେଜର ଆଣ୍ଡର୍ସନ ହତ ଏବଂ ଜେନେରାଲ କୋବ ଓ ଲେଫ୍‌ଟେନାଣ୍ଟ ମନରୁ ଆହତ ହୋଇଅଛନ୍ତି ଏପରି ପ୍ରାୟ ପଞ୍ଚାଶଜଣ ସିପାହି ହତ ଏବଂ ଆହତ ହୋଇ ଅଛନ୍ତି । ସୈନ୍ୟମାନେ ସମସ୍ତେ ବୀରତ୍ୱ ଦେଖାଇଥିଲେ ଓ ଆନନ୍ଦିତ ଅଛନ୍ତି । ଆହତ ସୈନ୍ୟଙ୍କୁ କୁରମ ମୁକାମକୁ ପଠା ଯାଉଅଛି” ।

ତା ୫ ରଖରେ ଜେନେରାଲ ସର୍ ବ୍ରାଉନ ଲେଖିଅଛନ୍ତି କି ଅମିର କାବୁଲ ଏବଂ ତହିଁ ନିକଟରେ ସୈନ୍ୟ ସଂଗ୍ରହ କରୁଅଛନ୍ତି । କାବୁଲ ଓ ଧାକା ମଧ୍ୟରେ କୌଣସିଠାରେ ତାହାଙ୍କର ସେନା ନାହିଁ କିମ୍ୱା ଜେଲାଲାବାଦକୁ ସୈନ୍ୟ ପଠାଇବାର ମନସ୍ଥ ରଖି ନାହାନ୍ତି ।

ତା ୭ ରଖର ସମ୍ବାଦ ଏହି ଯେ ଅମିର ଆପଣା ପରିବାର ବର୍ଗଙ୍କୁ କାବୁଲରୁ ତୁର୍କସ୍ଥାନକୁ ପଠାଇବାର ଧାକାରେ କଥିତ ହୁଅଇ । କାବୁଲରୁ ଅନ୍ତର ମା ୧୫ ଇଲରେ ସ୍ଥିତ ତାଙ୍ଗିନ ନାମକ ସ୍ଥାନକୁ ଅମିର ଅଳ୍ପ ସୈନ୍ୟ ପଠାଇଅଛନ୍ତି ବୋଧ ହୁଅଇ ସେଅଞ୍ଚଳର ଲୋକଙ୍କ ମନକୁ ଦମ୍ଭ କରିବା କାରଣ ଏହା କରିଅଛନ୍ତି ।

ତା ୭ ରଖରେ ଲାହୋରରୁ ସମ୍ବାଦ ଆସି-ଅଛି କି ଜେନେରାଲ ରବର୍ଟସ ପିସିନ ମୁକାମ-ରେ ବାଟଘାଟସବୁ ଦେଖି ବୁଲୁଅଛନ୍ତି । ସେ ଲେଖିଅଛନ୍ତି କି ସେଠାରେ ବାଟ ସୁଗମ ଏବଂ ସମଭୂମି ବିସ୍ତର ଅଛି । କାନ୍ଦାହାର ଓ ଗଜନି-ର ବାଟରେ କିଛି କଷ୍ଟ ନାହିଁ । ବର୍ତ୍ତମାନ ସେ ପିସିନର ଦକ୍ଷିଣ ଓ ଦକ୍ଷିଣ ପଶ୍ଚିମ ଭାଗର ସ୍ଥାନସବୁ ଦେଖି ବୁଲୁଅଛନ୍ତି ।

ତା ୭ ରଖରେ ଲାହୋରରୁ ସମ୍ବାଦ ଆସି-ଅଛି କି ମହାମାନ୍ୟ ଗବର୍ଣ୍ଣର ଜେନେରାଲ ଅମି-ରଙ୍କୁ ଯେଉଁ ଶେଷପତ୍ର ଲେଖିଥିଲେ ଓ ଯହିଁର ଉତ୍ତର ତା ୨୦ ରଖ ନବମ୍ବରରେ ଆସିବାର ଥିଲା ଓ ନ ଆସିବାରୁ ଯୁଦ୍ଧ ଆରମ୍ଭ ହେଲା ତହିଁର ଉତ୍ତର ଅମିର ପଠାଇ ଅଛନ୍ତି । ଉକ୍ତ ଉତ୍ତରରେ ତା ୧୯ ରଖ ନବମ୍ବର ଦିଆଯାଇ-ଅଛି ମାତ୍ର ତା ୩୦ ରଖ ନବମ୍ବର ପର୍ଯ୍ୟନ୍ତ ଏହା ଧାକା ମୁକାମରେ ପହଞ୍ଚି ନ ଥିଲା ଏବଂ ଅଲିମସଜିଦରେ ପରାସ୍ତ ହେବାର ସମ୍ବାଦ ଶୁଣି ଅମିର ପୁନର୍ବାର ତାହାକୁ ଲେଖିବାର ଜଣା-ଯାଏ । ତହିଁର ମର୍ମ ଏହି ଯଥା;—ଗବର୍ଣ୍ଣର ଜେନେରାଲଙ୍କ ପତ୍ର ପାଇବାର ସ୍ୱୀକାର କରି ପ୍ରଥମେ ଇଂରାଜଙ୍କ ବନ୍ଧୁଭାବର ସମାଲୋଚନା ହୋଇଅଛି ଓ ୟାକୁବ ଖାନ ସକାଶେ ଇଂରାଜ ଗବର୍ଣ୍ଣମେଣ୍ଟ ଯେ ମଧ୍ୟସ୍ଥତା କରିଥିଲେ ତାହାକୁ ବନ୍ଧୁଭାବର ବିରୁଦ୍ଧ ବୋଲି ଦର୍ଶାଇ ଦିଆଯାଇ-ଅଛି । ଇଂରାଜ ଦୂତଙ୍କୁ ଆସିବାକୁ ନ ଦେବା କୌଣସି ଶତ୍ରୁଭାବରୁ ହୋଇ ନ ଥିଲା କେବଳ ସ୍ୱାଧୀନତାର ହାନିର ଶଙ୍କାରୁ ହୋ-ଇଥିଲା ଓ ଯେଉଁ ଖାଇବାରମାନେ ଦୂତଙ୍କ ସମଭିବ୍ୟାହାରେ ଆସିଥିଲେ ସେମାନଙ୍କୁ ରକ୍ଷା କରିବା ବିଷୟ ଯାହା ଶେଷ ପତ୍ରରେ ଲେଖା-ଥିଲା ତହିଁରୁ ଉକ୍ତ ଶଙ୍କା ଦୃଢତର ହେଲା । ପତ୍ରଶେଷରେ ଅମିର ଲେଖିଅଛନ୍ତି କି ବ୍ରିଟିସ ଗବର୍ଣ୍ଣମେଣ୍ଟ ସଙ୍ଗେ ଅଫଗାନସ୍ଥାନର କୌଣସି ଶତ୍ରୁତା ନାହିଁ ଏବଂ ବନ୍ଧୁଭାବ ପୁନଃସ୍ଥାପନ ସକାଶେ ଅମିର ବାଞ୍ଛା ରଖନ୍ତି ଅତଏବ ଅଳ୍ପ-କାଳ ନିମିତ୍ତ ଅଳ୍ପ ସଂଖ୍ୟକ ଲୋକ ସହିତ ରାଜଦୂତ ଆସିଲେ ତାହାଙ୍କର କିଛି ଆପତ୍ତି ନାହିଁ ।

---

# ସାପ୍ତାହିକସଂବାଦ ।

ଅସ୍ମାନଙ୍କର କଲେକ୍ଟର ବଡନସାହେବଙ୍କର ଫରଲୋ ଛୁଟୀ ମଞ୍ଜୁର ହୋଇଅଛି । ସେ ଆଗାମି ଫିବ୍ରୁଏରି କି ମାର୍ଚ୍ଚ ମାସରେ ଏ ସ୍ଥାନରୁ ପ୍ରସ୍ଥାନ କରିବେ । ଆମ୍ଭେମାନେ ଶୁଣୁଅଛୁଁ ଯେ ଅସ୍ମାନଙ୍କର ପୂର୍ବ କଲେକ୍ଟର ବମ୍‌ସସାହେବ ଏଠାକୁ ଆସିବେ । ତାଙ୍କର ଗୁଣ୍ଟେଗାଁ ଏକଟିଂ କମିଶ୍ନରର ମିଆଦ ଫିବ୍ରୁଏରିମାସ ଆରମ୍ଭରେ ଶେଷ ହେବ । ଏଥିମଧ୍ୟରେ ଅନ୍ୟ କିଛି ପରିବର୍ତ୍ତନ ନ ହେଲେ ବମ୍‌ସ ସାହେବଙ୍କର ଏଠାକୁ ଆସିବାର ନିଶ୍ଚୟ ।

ଗତ ସପ୍ତାହରେ ଏଠା ଅପେକ୍ଷା ମଫସଲରେ ଅଧିକ ବୃଷ୍ଟି ହୋଇଅଛି । ଏଠାରେ ଏକଇଞ୍ଚର ପଞ୍ଚମାଂଶ ଯାଜ-ପୁରରେ ପ୍ରାୟ ପାଞ୍ଚଇଞ୍ଚ କେନ୍ଦ୍ରାପଡ଼ାରେ ଦେଢ଼ଇଞ୍ଚ ଜଗତସିଂହ ପୁରରେ ଦୁଇଇଞ୍ଚରୁ ଅଧିକ ଓ ବାଙ୍କିଘରଠାରେ ପ୍ରାୟ ତିନଇଞ୍ଚ ବର୍ଷା ହୋଇଅଛି ଏ ସପ୍ତାହର ଆରମ୍ଭରେ ମଧ୍ୟ ଠିକ ବର୍ଷାଋତୁପ୍ରାୟ ହୋଇଥିଲା । ଏଥିରେ ଫସଲର କିଛି କ୍ଷତି ହୋଇଅଛି ।

କେନ୍ଦ୍ରାପଡ଼ାର ହେଡ଼କନଷ୍ଟବଲ ସୁଦାମ ରାଉଳ ଜଣେ ବିଧବା ସ୍ତ୍ରୀ ସହିତ ବଳାତ୍କାର ଅପରାଧ କରି ଥିବାର ବୃତ୍ତାନ୍ତ ପୂର୍ବେ ଲେଖିଥିଲୁଁ । ଯଥେଷ୍ଟ ପ୍ରମାଣ ଅଭାବରେ ସେ ମକ-ଦ୍ଦମାରୁ ମୁକ୍ତ ପାଇଲା କିନ୍ତୁ ସେ ଅପରାଧୀ ଥିବାର ଅନୁମାନ ପ୍ରବଳ ହେବାରୁ ମନ୍ଦ ଆଚରଣ ଦୋଷରେ ଡିଷ୍ଟ୍ରିକ୍ଟ ସୁପରି ଣ୍ଟେଣ୍ଡେଣ୍ଟ ସାହେବ ତାକୁ କର୍ମଚ୍ୟୁତ କରି ଅଛନ୍ତି । ଯଥାର୍ଥ ହୋଇଅଛି ।

ଶ୍ରୀମତୀ ଭାରତେଶ୍ୱରୀଙ୍କ ଦେଶୀୟ ପ୍ରଜାଙ୍କ ମଧ୍ୟରେ କେବଳ ବାବୁ କାନାଇଲାଲ ଦେ ରାୟବାହାଦୁର ପାରିସ ପ୍ରଦର୍ଶନ ସଭାରୁ ଗୋଟିଏ ରୁପାର ତମଘା ସହିତ ପାରିତୋ-ଷିକ ପାଇ ଅଛନ୍ତି ଏବଂ କାଶ୍ମିରର କେତେଜଣ ସାଲ ବୁଣିବାର କାରିଗର ମଧ୍ୟ ସୁଖ୍ୟାତି ପାଇ ଅଛନ୍ତି । କଟକର ବଣିଆମାନେ ଏଥର ପଛକୁ ପଡିଗଲେ ।

ରୁସିଆର ସମ୍ରାଟ୍ ଏକ ବକ୍ତୃତାରେ ପ୍ରକାଶ କରି ଅଛନ୍ତି କି ଶୀଘ୍ର ଗୋଟିଏ ଶାନ୍ତିପ୍ରଦ ସନ୍ଧି ସମ୍ପୂର୍ଣ୍ଣ ହେବାର ନିଶ୍ଚୟ ରୂପ ଭରସା ଦେଖାଯାଏ । ଏଥିରୁ ଦେଖାଯାଏ ଯେ ରୁସିଆ ବର୍ତ୍ତମାନ ଯୁଦ୍ଧ କରିବାକୁ ଇଚ୍ଛୁକ ନାହାନ୍ତି ।

ଆମେରିକାରୁ ସଂବାଦ ଆସିଅଛି ଯେ ଏକଦଳ ଝିଣ୍ଟିକା ମଧ୍ୟଆମେରିକାରେ ପ୍ରବେଶ ହୋଇ ପଞ୍ଚ କି ଛ ଲକ୍ଷାର ଫସଲ ଗ୍ରାସକରି ଯାଇ ଅଛନ୍ତି ଓ ବଲସବୁ ସମ୍ପୂର୍ଣ୍ଣରୂପେ ବୃକ୍ଷହୀନ ହୋଇ ଅଛି । ବଡଠାରୁ ପିଲା ପର୍ଯ୍ୟନ୍ତ ସମସ୍ତ ସ୍ତ୍ରୀ ପୁରୁଷ ଝିଣ୍ଟିକା ମାରିବାରେ ଲାଗି ଅଛନ୍ତି । ଗବର୍ଣ୍ଣମେଣ୍ଟ-ଦେଶକୁ ଶସ୍ୟ ରପ୍ତାନି ବନ୍ଦ କରି ଅଲ୍ପକ୍ଷେତ କରିବାପାଇଁ ଲୋକଙ୍କୁ ଆଦେଶ ଦେଇ ଅଛନ୍ତି ଯେ ଝିଣ୍ଟିକାଦ୍ୱାରା ତାହା ନଷ୍ଟ ହୋଇ ପାରିବ ନାହିଁ । ଝିଣ୍ଟିକା ରାକ୍ଷସ ଏବେ ମନୁଷ୍ୟର ପ୍ରଧାନ ଶତ୍ରୁ ହେଲେ ।

ଉତ୍ତରପଶ୍ଚିମ ପ୍ରଦେଶରେ ପ୍ରାଚୀନ ସଂସ୍କୃତ ଗ୍ରନ୍ଥମାନ ଖୋଜି ବାହାର କରିବା ଓ ରକ୍ଷା କରିବା କାର୍ଯ୍ୟ ସମ୍ପର୍କୀୟ ବ୍ୟୟ ନିମିତ୍ତ ଗବର୍ଣ୍ଣମେଣ୍ଟ ଉଣିଶ ଟ ୩୭୦୦ ଙ୍କା ମଞ୍ଜୁର କରି ଅଛନ୍ତି ।

ନ ୧୪ ମ୍ବର ଶିଖ ପଲଟନର କପ୍ତାନ ମାକଲିନ୍ ସାହେବ ଆଲିମସଜିଦ ଯୁଦ୍ଧରେ ଯେଉଁ ଆଘାତ ପାଇଥିଲେ ତଦ୍ୱାରା ତାହାଙ୍କର ମୃତ୍ୟୁ ହେବାର ଆମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ।

ପାରିସ ପ୍ରଦର୍ଶନ ଗତମାସ ତା ୧୦ ରଖରେ ବନ୍ଦ ହେଲା ଏ ପ୍ରଦର୍ଶନ ଆରମ୍ଭ ହେବା ଦିନଠାରୁ ଏକକୋଟି ଷାଠିଏଲକ୍ଷ ଲୋକ ଏଥିର ଦର୍ଶକ ହୋଇ ଥିଲେ ।

ବଲରାମପୁରର ମହାରାଜା କାବୁଲଯୁଦ୍ଧ ଉପଲକ୍ଷରେ ଆପଣାର ଏକଦଳ ସୈନ୍ୟ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟରେ ନିଯୁକ୍ତ କରିବାର ପ୍ରାର୍ଥନା କରି ଅଛନ୍ତି । ଉକ୍ତ ସୈନ୍ୟଙ୍କର ପୋଷାକ ସାଜ ଓ ଦ୍ରବ୍ୟ ବହିବାର ଘୋଡା ହାତୀର ସମସ୍ତ ବ୍ୟୟ ସେ ଦେବାକୁ ସ୍ୱୀକାର କରି ଅଛନ୍ତି ।

Digitized by srujanika@gmail.com

Split by PDF Splitter



ମାନ୍ଦ୍ରାଜପ୍ରଦେଶରେ ଶସ୍ୟର ଦର ପୂର୍ବ ସପ୍ତାହଠାରୁ କିଞ୍ଚିତ ସୁଲଭ ହେବାର ସଂବାଦ ଆସିଅଛି । ଅନୁମାନ ହୁଅଇ ଏହିମାସ ଶେଷରେ ଧାନ କଟାଗଲେ ଚାଉଳର ଶସ୍ତା ହେବ ।

ପଞ୍ଜାବ ଓ ବମ୍ବାଇରେ ଏପ୍ରକାର ରୀତ ଅଛି ଯେ କାହାର ଘରର କେହି ଲୋକ ମରିଗଲେ ସାହିର ଆତ୍ମୀୟ ସ୍ତ୍ରୀମାନେ ତାହା ଘରଠାରୁ ଆସି କନ୍ଦାକଟା କରନ୍ତି ଧୂଳି ଗୃହମସ ଏପରି ଗୃଳୁଥାଏ ଓ ଘରର ଲୋକଙ୍କର ଶୋକ ନିବାଣ ହେଲେହେଁ ସେମାନେ କାନ୍ଦିବା ଛାଡନ୍ତି ନାହିଁ । ଏପରି କୃତ୍ରିମ ଶୋକ ପ୍ରକାଶ କରିବା ବଡ଼ ଅସୁନ୍ଦର ଦିଶଇ । ଓଡ଼ିଶାରେ କେତେସ୍ଥରେ ଦେଖାଯାଇ ଅଛି ଯେ କନ୍ୟାର ବିବାହର ସ୍ୱୀକାରପତ୍ର ହେଲେ ସେ ଦିନଠାରୁ ବିବାହ ପର୍ଯ୍ୟନ୍ତ କନ୍ୟା ଓ ତାହାର ମାତା ପ୍ରତ୍ୟହ କ୍ରନ୍ଦନ କରନ୍ତି ଏମନ୍ତ ଶୁଭକାର୍ଯ୍ୟରେ ଏତେ କାନ୍ଦବୋବାଳି କାହିଁକି ?

ମାନ୍ଦ୍ରାଜ ପ୍ରଦେଶସ୍ଥ ତାଞ୍ଜୋରର ରାଣୀ ଶ୍ରୀମତୀ ଭାରତେଶ୍ୱରୀଙ୍କ ନିକଟରୁ କ୍ରାଉନଅବ୍ଇଣ୍ଡିଆ ଉପାଧି ପାଇଅଛନ୍ତି । ଉକ୍ତ ଉପାଧି ପ୍ରଦାନ କରିବା ନିମିତ୍ତ ମାନ୍ଦ୍ରାଜର ମହାମାନ୍ୟ ଗବର୍ଣ୍ଣର ସାହେବ ସେଠାକୁ ଯାଇ ରାଜ ଦରବାର ଗତ ମାସରେ କରିଥିଲେ । ତାଞ୍ଜୋରର ରାଣୀ ଜଣେ ଇଂରାଜୀ ଭାଷାରେ ସୁଶିକ୍ଷିତା ଅଟନ୍ତି ଏବଂ ସେ ଜଣେ ଭାରତବର୍ଷୀୟ ସମ୍ଭ୍ରାନ୍ତ ମହିଳା ହେଲେହେଁ ଏକାଳରେ ପରଦାନସିନ ନ ହୋଇ ଅବଗୁଣ୍ଠନ ପରିତ୍ୟାଗ ପୂର୍ବକ ଦରବାରରେ ଉପସ୍ଥିତ ହୋଇଥିଲେ । ଦରବାରର କାର୍ଯ୍ୟ ଅତି ସମାରୋହ ସହିତ ନିର୍ବାହିତ ହୋଇଥିଲା ।

ପଞ୍ଜାବର ରାଜାମାନେ ଯେତେ ସୈନ୍ୟ ଗବର୍ଣ୍ଣମେଣ୍ଟ କାର୍ଯ୍ୟରେ ଅର୍ପଣ କରିଅଛନ୍ତି ତହିଁ ମଧ୍ୟରୁ ୩୦୦୦ ପଦାତିକ ଏବଂ ୧୦୦୦ ଅଶ୍ୱାରୋହୀ ଗବର୍ଣ୍ଣମେଣ୍ଟ ସମ୍ପ୍ରତି ଗ୍ରହଣ କରିବାର ବନ୍ଦୋବସ୍ତ କରିଅଛନ୍ତି । ଯେଉଁ ରାଜାର ଯେତେ ସୈନ୍ୟ ଗୃହୀତ ହେବ ତଳେ ଲେଖାଗଲା ।

| | ପଦାତିକ | ଅଶ୍ୱାରୋହୀ |
|---|---|---|
| ପଟିଆଲା | ୮୦୦ | ୩୦୦ |
| ବାହାବଲପୁର | ୩୦୦ | ୧୦୦ |
| ଝିନ୍ଦ | ୫୦୦ | ୨୦୦ |
| ନଭା | ୫୦୦ | ୨୦୦ |
| କପୁରଥଲା | ୩୦୦ | ୧୦୦ |
| ମାଲେରକୋଟଲା | ୨୦୦ | ୫୦ |
| ଫରିଦକୋଟ | ୨୦୦ | ୫୦ |
| ନାହନ | ୨୦୦ | . |

ପଟ୍ଟିଆଲାର ରାଜା ଆଜ୍ଞା ପ୍ରଚାର କରିଅଛନ୍ତି କି ପଞ୍ଚାଶ ବର୍ଷର ଊର୍ଦ୍ଧ୍ୱ ବୟସ୍କା ବିଧବାମାନେ ପୁନର୍ବାର ବିବାହ କରିପାରିବେ ନାହିଁ । ଇଂଲଣ୍ଡ ବାସୀ ସମସ୍ତ ଶ୍ରେଣୀର ସ୍ତ୍ରୀମାନେ ଏ ସମ୍ବାଦ ଶୁଣି ବଡ ବ୍ୟସ୍ତ ହୋଇଅଛନ୍ତି । ସତ ! ବୃଦ୍ଧାକାଳରେ ବିବାହ ନ କଲେ କାହା ଉପରେ ବସି ଖାଇବେ । ବୋଧ ହୁଏଇ ଇଂଲଣ୍ଡରେ ବୁଢିଙ୍କୁ ସୁଦ୍ଧା ବିଶେଷ ଲୋଭା ହୁଏଇ ।

ଷ୍ଟେଟ୍ସମାନ ପତ୍ରିକା କେତେକ ୟୁରୋପୀୟ ସୈନିକ ବ୍ୟୟ ସଙ୍ଗେ ଭାରତବର୍ଷର ସୈନିକ ବ୍ୟୟ ତୁଳନା କରି ଦେଖାଇଅଛନ୍ତି କି ଭାରତବର୍ଷୀୟ ସେନାର ଜଣପିଛା ଟ ୮୫୦୲ ଙ୍କା ପଡଇ ମାତ୍ର ଇଂଲଣ୍ଡରେ ଜଣପିଛା ଟ ୨୫୦୲ ଫ୍ରାନ୍ସରେ ଟ ୧୯୦ ଙ୍କା ଏବଂ ଜର୍ମାନିରେ ଟ ୧୫୦ ଙ୍କା ପଡଇ । ଜର୍ମାନୀସେନା ସମସ୍ତଙ୍କଠାରୁ ଉତ୍କୃଷ୍ଟ ବୋଲି ସମସ୍ତେ କୋହନ୍ତି ଅଥଚ ତାହାଙ୍କ ପଛରେ ସର୍ବାପେକ୍ଷା ଊଣା ବ୍ୟୟ । ଭାରତବର୍ଷର ସୈନିକ ବ୍ୟୟ ଇଂଲଣ୍ଡର ଚତୁର୍ଗୁଣ ଏବଂ ଜର୍ମାନିର ପ୍ରାୟ ଛଅଗୁଣ ଘଟଇ ଏଥିର ଅସ୍ମାନଙ୍କ ଶାସନକର୍ତ୍ତାମାନେ ବୋଲନ୍ତି କି ସୈନିକ ବ୍ୟୟ ଊଣା ହୋଇ ନ ପାରେ ।

ଯେଉଁ ଗୃହସ୍ୱାମିମାନେ ଘର ଭଡା ଦେଇ ସେହି ଭଡା ହାଗ ବନ୍ଦପାତ କରନ୍ତି ବୋର୍ଡରେବନ୍ୟୁ ସେମାନଙ୍କୁ ଲାଇସେନ୍ସ ଟାକ୍ସର ଯୋଗ୍ୟ ବୋଲି ଆଜ୍ଞା ଦେଇଥିଲେ । କିନ୍ତୁ ଲେପ୍ଟନେଣ୍ଟ ଗବର୍ଣ୍ଣର ବୋର୍ଡଙ୍କ ଯୁକ୍ତିରେ ସନ୍ତୋଷ ନ ହୋଇ ଉକ୍ତ ଆଜ୍ଞା ରହିତ କରିଅଛନ୍ତି । ବଡ ଦୁଃଖର ବିଷୟ ଘଟଇ । ବୋର୍ଡ ଏଣିକ ଅଧିକ ଲୋଭୀ ହେବାର ଦେଖାଯାଏ ।

କେତେଦିନ ଗତହେଲା ଲକ୍ଷ୍ମୀସରାଇଠାରୁ ବାଢ଼ି ମଧ୍ୟରେ କୌଣସି ସ୍ଥାନରେ ରେଲଓଏର ୩ ୟ ଶ୍ରେଣୀର ଏକ କାମରା ମଧ୍ୟରେ ଗୋଟିଏ ମନୁଷ୍ୟକୁ କିଏ ହାଣିପକାଇ ଥିଲା । ରକ୍ତର ଧାର ଦେଖି ପୁଲିସ ତଦନ୍ତ କରି ଦେଖିଲେ ଯେ ସେ ଗାଡିର ଅନ୍ୟ ସମୁଦାୟ କାମରାରେ ଲୋକ ବୋଝାଇ ହୋଇ ଅଛି କେବଳ ସେହି କାମରାଟି ଶୂନ୍ୟ ଥିଲା । ଯେତେଲୋକ ଥିଲେ ସମସ୍ତେ ଧୃତ ହୋଇ ଅଛନ୍ତି ସମସ୍ତେ ହିନ୍ଦୁସ୍ଥାନୀ ଏକ କାମରାର ଲୋକ ଅନ୍ୟ କାମରାର ଏହି ବ୍ୟାପାର ଦେଖି ପାରୁ ନାହାନ୍ତି ଏହା ବଡ଼ ଆଶ୍ଚର୍ଯ୍ୟ କଥା ଅଟଇ ।

ସୁ, ସ,

କାବୁଲ ଯୁଦ୍ଧ ହେବା ପୂର୍ବେ ବଡଲାଟସାହେବ ଏବଂ ଅମିରଙ୍କ ମଧ୍ୟରେ ଯେସମସ୍ତ ଚିଠି ଲେଖା ଲେଖି ହୋଇଥିଲା ଅତଏବ ଇଣ୍ଡିଆ ଗଜେଟରେ ସେ ସମସ୍ତ ଛପା ହୋଇ ଅଛି ବୋଲି ତାରଡାକ ଯୋଗେ ସମ୍ବାଦ ଆସି ଅଛି । ଗଜେଟ ଦେଖିଲେ ସବୁ ଅବଗତ ହୋଇ ତହିଁର ସାରମର୍ମ ପାଠକଙ୍କୁ ଜଣାଇବୁଁ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଏ ନିମ୍ନଲିଖିତ କେତେକ ପଂକ୍ତି ସଂଶୋଧନ ପୂର୍ବକ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନଦାନ ଦେବେ ।

ଏ କନ୍ଧମାଳ ସନ ୧୮୫୫ ସାଲରୁ ସରକାର ଅଧୀନ ହୋଇ କେତେ୨ ନରହତ୍ୟା ଓ ବଳାତ୍କାର ଓ ଫସାଦ ଓ ଲୁଟ ଇତ୍ୟାଦି ଦୁଷ୍କର୍ମମାନ ଶ୍ରୀ ବାବୁ ଦୀନବନ୍ଧୁ ପଟ୍ଟନାୟକ ରାୟ ବାହାଦୁରଙ୍କ ସୁଶାସନରୁ ଓ ଧର୍ମପାଳଣାରୁ ରହିତ ଓ ଏ ମୂର୍ଖ ବନପଶୁ ତୁଲ୍ୟ ନରବଳଦମାନଙ୍କୁ ସୁବୁଦ୍ଧି ଦେଇ ଓ ନାନା ଦୁଷ୍ଟପଣ ଓ ଦୁର୍ଗୁଣମାନଙ୍କୁ ଦୂରକରାଇ ନିଜେ ହାକିମ ହୋଇ ଏ ମୂର୍ଖଙ୍କୁ ହିତଉପଦେଶମାନ ଦେଇ ସୁରକ୍ଷଣ କରି ସଦ୍ଦୃଷ୍ଟିରେ ପ୍ରଜା ପାଳୁଥିଲେ ସେ ମା ୩ ସ ଏ ସ୍ଥାନରୁ ଛୁଟୀରେ ଅନ୍ତର ହେବାରୁ ବର୍ତ୍ତମାନ ନୂତନ କାର କି ଦେଖି କନ୍ଧ ଓଗେର ଲୋକେ ବିଶେଷରୂପେ ଚିନ୍ତିତ ଆଉଁ ସର୍ବଦା ବୁଢାବାବୁ ଏ ବୋଲି ଚୀରସ୍ମରଣ କରୁଅଛନ୍ତି କିନ୍ତୁ ବାବୁ ମହୋଦୟ କେତେକଦୂରରୁ ଶ୍ରୀ ମହମଦ ବର ସାହେବଙ୍କୁ ମଲ୍ଲକାତ ପାଇଁ ଯିବେ ।

। ନିଃ । ଦୀନସ୍ଥାନ ।

## NOTICE.

An Uriya gentleman wishes to award a gold medal worth Rs. 25 to the candidate who will stand highest among those competing from the schools in Orissa at the University Examination for the current year the medal will be called Beames medal in honor of John Beames Esqr. our late offg. Commissioner. The medal shall be sent to the office of the Joint Inspector when the result of the examination is known.

## ବିଜ୍ଞାପନ ।

କନ୍ଧଭାଷାର ଉତ୍କଳ ଅକ୍ଷରରେ ଲେଖା କେତେକ ପୁସ୍ତକମାନଙ୍କର ଅବଶ୍ୟକ ଥିବାରୁ ନିମ୍ନଲିଖିତ ପୁରସ୍କାରମାନ ଦିଆଯିବାର ସ୍ଥିର କରାଗଲା । ଯଥା—

| | |
|---|---|
| କନ୍ଧଭାଷାର ବର୍ଣ୍ଣବିନ୍ୟାସବିଷୟକ ପ୍ରଥମପାଠ୍ୟପୁସ୍ତକ | ଟ ୧୦୦୲ |
| କନ୍ଧଭାଷାର ସଂକ୍ଷିପ୍ତବ୍ୟାକରଣ ଓଡ଼ିଆଭାଷାରେ | ଟ ୧୦୦୲ |
| କନ୍ଧ ଓ ଓଡ଼ିଆଅଭିଧାନ | ଟ ୨୫୦୲ |
| ଓଡ଼ିଆ ଓ କନ୍ଧ ଏକନ | ଟ ୨୫୦୲ |

ଯେଉଁମାନେ ଉପରଲିଖିତ ବିଷୟର ପୁସ୍ତକ ଲେଖିବେ ସେମାନେ ବର୍ଣ୍ଣବିନ୍ୟାସ ପୁସ୍ତକ ସନ ୧୮୭୯ ସାଲ ମାର୍ଚ୍ଚ ମାସ ତା ୩୧ ରିଖ କିମ୍ବା ତହିଁ ପୂର୍ବେ ବ୍ୟାକରଣ ଜୁନମାସ ଶେଷ ପୂର୍ବରୁ ଓ ଅଭିଧାନମାନ ନବେମ୍ବର ମାସ ଶେଷ ପୂର୍ବରୁ ଏ କଚେରୀରେ ଅର୍ପଣ କରିବେ ।

ପ୍ରତ୍ୟେକ ବିଷୟରେ ଯେତେଖଣ୍ଡ ପୁସ୍ତକ ଅର୍ପଣ ହେବ ତହିଁ ମଧ୍ୟରୁ ଯାହାର ବହି ସର୍ବୋତ୍କୃଷ୍ଟ ଥିବାର ବିବେଚନା ହେବ ତାଙ୍କୁ ପୁରସ୍କାର ଦିଆଯିବ ଯେଉଁ ପୁସ୍ତକ ସକାଶ ପୁରସ୍କାର ଦିଆଯିବ ସେ ପୁସ୍ତକମାନଙ୍କର ସତ୍ତ୍ୱ ଗବର୍ଣ୍ଣମେଣ୍ଟଙ୍କର ହେବ ଏବଂ ତାହା କନ୍ଧମାଳଫଣ୍ଡ ବ୍ୟୟରେ ମୁଦ୍ରାଙ୍କିତ ହେବ ।

ବର୍ଣ୍ଣବିନ୍ୟାସ ପୁସ୍ତକରେ କନ୍ଧଭାଷାର ଗଦ୍ୟ ଓ ପଦ୍ୟ ରହିବାର ଆବଶ୍ୟକ ଏବଂ ସେ ପୁସ୍ତକରେ ଯାହା ଲେଖାଥିବ ତାହା କନ୍ଧ ଓ ଓଡ଼ିଆଭାଷାରେ ଲେଖା ହେବ । ପ୍ରତ୍ୟେକ ପୃଷ୍ଠାକୁ ଦୁଇସ୍ତମ୍ଭରେ ବିଭାଗ କରି ଏକ ସ୍ତମ୍ଭରେ କନ୍ଧ ଏବଂ ଅନ୍ୟ ସ୍ତମ୍ଭରେ ତାହାର ଅନୁବାଦ ଓଡ଼ିଆରେ ଲେଖାଯିବ ।

୪ ଠୁଁ ଡିସେମ୍ବର ସନ ୧୮୭୮ ମସିହା ।

N. K. Das.

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଶିଉଥାପ ସାହୁ | କଟକ | କାସ୍ପା | ଟ ୨୲ |
| ପାଦ୍ରି ବେଇଲ ସାହେବ ପିପିଲି | | " | ଟ ୨୷ |
| ବାବୁ ବହାଲ ମହାନ୍ତି | କଟକ | " | ଟ ୩୲ |
| " ରଘୁନାଥ ମହାପାତ୍ର | " | " | ଟ ୧୴ |
| " ଦମନାଛ ଯାତନ | " | " | ଟ ୩୲ |
| " ସଦାନନ୍ଦ ବେହେରା | " | " | ଟ ୨୷ |

☞ ଏହି ଉତ୍କଳ ଦୀପିକା ସହର କଟକ ଦରଘାବଜାରକଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୭ଶ
ସଂ ୫୦ ଖ୍ୟା

ତା ୨୧ ରଖ ମାହେ ଡିସେମ୍ବର ସନ ୧୮୭୮ ମସିହା । ମୁ । ପୌଷ ତା ୮ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୬୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୭୲
ମଫସଲପାଇଁ ଡାକମାସୁଲ ଟ ୧୲୵

ବ୍ରହ୍ମଦେଶର ଯେଉଁ ଦୁଇ ରାଜକୁମାର ରାଜବାଟିରୁ ପଳାଇ ଆସି ବ୍ରିଟିସ ରେସିଡେଣ୍ଟ ସାହେବଙ୍କ କୋଠିରେ ଆଶ୍ରୟ ନେଇ ଥିଲେ ସେମାନେ ଗତ ଗୁରୁବାର କଲିକତାରେ ପ୍ରବେଶ ହେଲେ । ଗବର୍ଣ୍ଣମେଣ୍ଟ ପୂର୍ବରୁ ଏହାଙ୍କର ଆଗମନ ସମ୍ବାଦ ପାଇ ଲୋଅର ସରକୁଲର ରୋଡରେ ଗୋଟିଏ ଘର ଭଡା କରି ଥିଲେ । ସେହିଘରେ ରାଜକୁମାରମାନେ ବସା କରିଅଛନ୍ତି ରାଜକୁମାରମାନେ ସପରିବାରରେ ଆସିଅଛନ୍ତି । ଏହାଙ୍କ ମଧ୍ୟରେ ଯେ ବଡ ତାହାଙ୍କର ଏକ ସ୍ତ୍ରୀ, ମାତ୍ର ସାନ ରାଜକୁମାରଙ୍କର ଛ ସ୍ତ୍ରୀ ଓ ୧୪ ଟି ପିଲାପିଲି ଅଛନ୍ତି । ଏହାଙ୍କ ସଙ୍ଗରେ ଅଳ୍ପ ସଂଖ୍ୟକ ଚାକରବାକର ଆସି ଅଛନ୍ତି । ଖୋରାକୀ ବିଷୟ ଅବଧି ସ୍ଥିର ହୋଇ ନାହିଁ ।

---

ଆଫଗାନ୍ ଯୁଦ୍ଧର ବ୍ୟୟ ଭାରତବର୍ଷକୁ ଦେବାକୁ ହେବ ବୋଲି ଯେତେବେଳେ ଭାରତବର୍ଷୀୟ ସେକ୍ରେଟରୀ ପାର୍ଲିମେଣ୍ଟରେ ପ୍ରସ୍ତାବ କଲେ ତେତେବେଳେ ସେ କହିଲେ କି ଯୁଦ୍ଧ ଘଟିତ ସମସ୍ତ ଅବସ୍ଥା ବିବେଚନା ଏବଂ ଭାରତବର୍ଷର ଆୟବ୍ୟୟର ଅବସ୍ଥା ଦୃଷ୍ଟିରେ ଏ ଯୁଦ୍ଧର ବ୍ୟୟ ନିମିତ୍ତ ଇଂଲଣ୍ଡର ସାହାଯ୍ୟ ପ୍ରାର୍ଥନା କରିବାର କୌଣସି କାରଣ ନାହିଁ । ଭାରତବର୍ଷର ଆୟରୁ ଏ ଯୁଦ୍ଧର ଓ ଅନ୍ୟ ସମସ୍ତ ବ୍ୟୟ ଯାଇ ଏ ବର୍ଷ ଟ ୫୦,୦୦,୦୦୦୲ଙ୍କା ଉଦ୍ବୃତ୍ତ ହେବାର ଅନୁମାନ ହୋଇ ଅଛି ଓ ଯୁଦ୍ଧର ବ୍ୟୟ ଟ ୧,୨୫,୦୦,୦୦୦୲ଙ୍କା ହେବ କଲିକତାର ଭାରତବର୍ଷୀୟ ସଭା ଏ ପ୍ରସ୍ତାବର ପ୍ରତିବାଦ କରିବା ନିମିତ୍ତ ତାରଡାକଯୋଗେ କେତେକ ମେମ୍ବରଙ୍କଠାରେ ପ୍ରାର୍ଥୀ ହୋଇ ଅଛନ୍ତି ଏବଂ ଅବିଳମ୍ବେ ଏ ବିଷୟରେ ଆବେଦନ ପତ୍ର ପଠାଇବାକୁ ଯତ୍ନ କରୁ ଅଛନ୍ତି । ଫଳ କିଛି ହେବାର ଜଣା ପଡୁ ନାହିଁ । ଲାଇସେନ୍ସ ଟାକ୍ସର ଟଙ୍କାଯାକ ଏହିବାଟେ ଯିବ ।

---

ଆଫଗାନ୍ ଯୁଦ୍ଧର ବ୍ୟୟ ନିର୍ବାହ ସକାଶେ ଟଙ୍କାର ଭାରି ପ୍ରୟୋଜନ ଏ ଘେନ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ପ୍ରଦେଶୀୟ ଶାସନକର୍ତ୍ତାମାନଙ୍କୁ ଲେଖି ଅଛନ୍ତି ଯେସମସ୍ତ ବ୍ୟୟ ନିତାନ୍ତ ନ କଲେ ନ ଚଳେ ତାହା ଛଡ଼ା ଆଉ କୌଣସି ପ୍ରକାର ବ୍ୟୟ ବର୍ତ୍ତମାନ ହେବ ନାହିଁ । ସମସ୍ତ ପ୍ରକାର ଠିକା ମରାମତି ଖର୍ଚ୍ଚ ଓ ବାରିକମାସ୍ତ୍ରୀ ଏଲକା ଖର୍ଚ୍ଚା ଆଗାମି ମାର୍ଚ୍ଚମାସ ପର୍ଯ୍ୟନ୍ତ ବନ୍ଦ ରହିବ । ଯେ ସମସ୍ତ ବାରିକମାସ୍ତ୍ରୀ କର୍ମ ଆରମ୍ଭ ହୋଇ ନାହିଁ ତାହା ଏକାବେଳକେ ବନ୍ଦ ହେବ ଏବଂ ଯେଉଁ କର୍ମ ଆରମ୍ଭ ହୋଇ ଅଛି କେବଳ ତାହାକୁ ରକ୍ଷା କରିବା କାରଣ ନିତାନ୍ତ ଯାହା ବ୍ୟୟ କରିବାର ପ୍ରୟୋଜନ ତାହାଛଡ଼ା ଆଉ କିଛି ହେବ ନାହିଁ । ବୋଧ ହୁଅଇ ଏହି ଆଜ୍ଞା ପ୍ରତ୍ୟେକ କମିଶ୍ନର ଓ କଲେକ୍ଟରଙ୍କ ନିକଟକୁ ଆସି ଥିବାରୁ ଏଠାରେ ଜନରବ ଉଠିଥିଲା ଯେ ଅମଲାମାନଙ୍କର ବେତନ କର୍ତ୍ତନ ହେବ । ବାସ୍ତବରେ ତାହା ନୁହେ । ମୁକରରୀ ଅମଲାଙ୍କର ବେତନ କର୍ତ୍ତନ ହେବ ନାହିଁ ତେବେ ଠିକା ଅମଲା ରହିବାର ନିଷେଧ ଆସି ଅଛି ଓ ତଦନୁସାରେ କେନ୍ଦ୍ରାପଡାର ଜଣେ ମୋହରର ଏବଂ ଏଠା ମହାଫିଜଖାନାର ଠିକା ଅମଲାଙ୍କୁ କିଛିଦିନ ସକାଶେ ବରଖାସ୍ତ କରିବାର ପ୍ରସ୍ତାବ ହୋଇ ଅଛି ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଶ୍ରୀମତୀ ଭାରତେଶ୍ୱରୀଙ୍କ ଦ୍ୱିତୀୟ କନ୍ୟା ପ୍ରିନସେସ୍ ଆଲିସ ଏକ ଉତ୍କଟ ପୀଡାରେ ପ୍ରାଣ ହରାଇ ଅଛନ୍ତି । ଚଳିତମାସ ତା ୧୪ ରିଖରେ ଏ ଶୋକାବହ ଘଟନା ହେଲା । ଏ ଶୋକାବହ ସମ୍ବାଦରେ ଶ୍ରୀମତୀ ମହାରାଣୀଙ୍କର ସମସ୍ତ ଶ୍ରେଣୀର ପ୍ରଜା ଦୁଃଖିତ ଅଛନ୍ତି । ବିଶେଷରେ ମହାରାଣୀ କେବଳ ଆପଣା ସ୍ୱାମୀ ବିୟୋଗରେ ମୃତ୍ୟୁର କଷ୍ଟ ଅନୁଭବ କରିଥିଲେ ମାତ୍ର ଈଶ୍ୱରଙ୍କ କୃପାରୁ ତାହାଙ୍କୁ ଏ ପର୍ଯ୍ୟନ୍ତ ସନ୍ତାନ ସନ୍ତତିର ମୃତ୍ୟୁଶୋକ ସହିବାକୁ ହୋଇ ନ ଥିଲା । ସେପ୍ରକାର ଶୋକ ଏହି ପ୍ରଥମ ଘଟନା ହେଲା ଏଥିରେ ଯେ ତାହାଙ୍କର କି ପରିମାଣରେ ମନସ୍ତାପ ହୋଇଥିବ ତାହା ସହଜରେ ଅନୁଭବ ହେଉଅଛି ଏବଂ ଏଘେନ ପ୍ରଜାମାନଙ୍କର ସମବେଦନା ମଧ୍ୟ ଅଧିକ ହୋଇଅଛି । ଯେତେ ଦୁଃଖ କଲେ ଅବା କି ହେବ

Digitized by srujanika@gmail.com

ରାଜାଠାରୁ ପ୍ରଜାପର୍ଯ୍ୟନ୍ତ ସମସ୍ତେ ମୃତ୍ୟୁର ଅଧୀନ ତାହାର ଶାସନକୁ କେହି ଅତିକ୍ରମ କରି ପାରିବ ନାହିଁ । ପରମେଶ୍ୱରଙ୍କଠାରେ ଏତିକି ପ୍ରାର୍ଥନା ଯେ ଆମ୍ଭମାନଙ୍କର ଅସୀମ ଦୟାବତୀ ଏବଂ ପ୍ରଜାବତ୍ସଳା ଶ୍ରୀମତୀ ଭାରତେଶ୍ୱରୀଙ୍କ ମନରେ ଏପ୍ରକାର ଧର୍ମବଳ ଏବଂ ସାହସ ପ୍ରଦାନ କରନ୍ତୁ କି ଯେମନ୍ତ ଏ ଦାରୁଣ ଶୋକକୁ ସେ ସହ୍ୟ କରିବାକୁ ସକ୍ଷମ ହେବେ ।

ପ୍ରିନସେସ୍ ଆଲିସ ସନ ୧୮୪୩ ସାଲରେ ଜନ୍ମ ହୋଇଥିଲେ ସୁତରାଂ ତାହାଙ୍କ ବୟସ ୩୫ ବର୍ଷ ଥିଲା । ସନ ୧୮୬୨ ସାଲରେ ଜର୍ମାନ ଅନ୍ତର୍ଗତ ହିସେଡାରମାଷ୍ଟର ରାଜକୁମାର ଲୁଇସଙ୍କ ସହିତ ତାହାଙ୍କର ବିବାହ ହୋଇଥିଲା ଏବଂ ଛଅଟି ପିଲା ଜନ୍ମ କରିଥିଲେ । ତାହାଙ୍କ ପରିବାରର ସମସ୍ତ ଲୋକ ଏକାବେଳକେ ପୀଡିତ ହୋଇ ପ୍ରଥମେ ତାହାଙ୍କର ଚାରିବର୍ଷର ଗୋଟିଏ କନ୍ୟାର ମୃତ୍ୟୁ ହେଲା ଓ ତହିଁର ଏକମାସ ପୂର୍ତ୍ତି ନ ହେଉଣୁ ସେ ସ୍ୱୟଂ ପ୍ରାଣ ହରାଇଲେ । କି ଦୁଃଖର କଥା !!!

---

ଆମ୍ଭେମାନେ ଶୁଣି ଅତ୍ୟନ୍ତ ଦୁଃଖିତ ହେଉଅଛୁଁ କି ଯେମନ୍ତ ବାଲେଶ୍ୱରର ଉତ୍ତର ଜଲେଶ୍ୱର ପର୍ଯ୍ୟନ୍ତ ତେମନ୍ତ ବାଲେଶ୍ୱରର ଦକ୍ଷିଣ ଧାମନଗର ପର୍ଯ୍ୟନ୍ତ ଜ୍ୱରରୋଗର ପ୍ରତାପ ବିସ୍ତର ବଢିଅଛି ଏବଂ ଦକ୍ଷିଣରେ ଜ୍ୱରସଙ୍ଗେ ଓଲାଉଠା ସୁଦ୍ଧା ମିଶିଅଛି । ଅନ୍ୟ ସମୟରେ ଜ୍ୱରରୋଗ ଓଲାଉଠାରୁ ଅନେକାଂଶରେ ଅଳ୍ପ ଭୟଙ୍କର ହେଲେହେଁ ଏ ସମୟରେ ଦୁଇ ରୋଗର ମାରକ ଶକ୍ତି ସମାନ ହୋଇଅଛି । ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରେ ପାଠକଲୁଁ ଯେ ଏଥିମଧ୍ୟରେ ନୀଳପୁର ମୌଜାରେ ୧୧୦।୧୨୦ ଜଣ ଏବଂ କୋଠାରରେ ୪୦।୫୦ ଜଣ କାଳଗ୍ରାସରେ ପଡିଲେଣି । ନକଭଦ୍ରଖରେ ମଧ୍ୟ ଏକପକ୍ଷ ମଧ୍ୟରେ କେବଳ ଉକ୍ତ ମୌଜାରେ ପ୍ରାୟ ଶଏଲୋକ ମରି ପଡିଅଛନ୍ତି । ବଙ୍ଗଳାରେ ମାଲେରିଆ ଜ୍ୱରର ଯାହା ଉତ୍କାଣ୍ଡ ଶୁଣା ଯାଇଥିଲା କି ନା ଏବର୍ଷ ଓଡିଶାରେ ତାହା ଉପସ୍ଥିତ ହେଲା ଓ କ୍ରମଶଃ ଦକ୍ଷିଣାଭିମୁଖେ ଅଗ୍ରସର ହେବାର ପ୍ରତ୍ୟୟ ହେଉଅଛି । ବାଲେଶ୍ୱରର ମାଜିଷ୍ଟ୍ରେଟ ଦୁଇଜଣ ଦେଶୀୟ ଡାକ୍ତର ଅଣାଇ ଜଣେ ଉତ୍ତର ଓ ଜଣେ ଦକ୍ଷିଣକୁ ପଠାଇଅଛନ୍ତି ଏବଂ ରାଏ ନିମାଇଚରଣ ଘୋଷ ବାହାଦୁର ଆପଣା ବ୍ୟୟରେ ବୟାଙ୍ଗପ୍ରଗଣା ସକାଶେ ଜଣେ ଦେଶୀୟ ଡାକ୍ତର ନିଯୁକ୍ତ କରି ଅଛନ୍ତି ମାତ୍ର ଯେଉଁଠାରେ ଗ୍ରାମକୁ ଗ୍ରାମ ଶତକଡ଼ା ୮୦ ଲୋକ ପୀଡିତ ସେଠାରେ ଏତିକରେ କି ହେବ । ଅନେକସ୍ଥାନରେ ଔଷଧ ଏବଂ ଅନ୍ୟପ୍ରକାର ସାହାଯ୍ୟଦାନର ବ୍ୟବସ୍ଥା ନ ହେଲେ ପ୍ରଜାମାନଙ୍କୁ ଏ ଦୁର୍ଦ୍ଦଶାରୁ ମୁକ୍ତ କରିବା ଅତି କଠିନ ବ୍ୟାପାର ଅଟଇ । ଆମ୍ଭେମାନେ ଭରସା କରୁଁ ଯେ ହାକିମମାନେ ଏଥିର ବିହିତ ଉପାୟ ଅବଲମ୍ବନ କରିବାକୁ କ୍ଷଣମାତ୍ର ବିଳମ୍ବ କରିବେ ନାହିଁ ।

---

## କାବୁଲଯୁଦ୍ଧ ।

ଏ ସପ୍ତାହରେ କୌଣସିଠାରେ ଶତ୍ରୁ ସଙ୍ଗେ ଭେଟ ହୋଇ ଯୁଦ୍ଧ ହେବାର ସମ୍ବାଦ ଆସି ନାହିଁ ଅନ୍ୟାନ୍ୟ ଯେସମସ୍ତ ସମ୍ବାଦ ଯୁଦ୍ଧସ୍ଥଳରୁ ଆସିଅଛି ତାହା ଅନ୍ୟସ୍ଥାନରେ ପ୍ରକାଶିତ ହେଲା ଏଥିମଧ୍ୟରେ ଏକ ଜନରବ ଉଠିଥିଲା ଯେ ଜେନରଲ କାବାଗନାରଙ୍କ ନିକଟରେ ଅମିର ବାଧିତା ସ୍ୱୀକାର କରିଥିଲେ ମାତ୍ର ତାହା ଯଥାର୍ଥ ନୁହଇ । କେବଳ ଗତ ପତ୍ରିକାରେ ଲେଖିବା ମତେ ଅମିର ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କର ଶେଷପତ୍ରର ଉତ୍ତର ଦେଇଅଛନ୍ତି ଏବଂ ସେ ଉତ୍ତରରେ ଲେଖିଅଛନ୍ତି କି ଅମିର ଇଂରାଜଙ୍କ ସଙ୍ଗେ ପୂର୍ବପର ବନ୍ଧୁଭାବ ରଖିବେ ଏବଂ ଅଳ୍ପଲୋକ ସଙ୍ଗେ ଯେବେ ତାହାଙ୍କ ରାଜଧାନୀକୁ ଇଂରାଜ ଦୂତ ଗଲେ ସେ ଅଟକ କରିବେ ନାହିଁ । ଏଥିରୁ କେହି୨ ଅନୁମାନ କରିଥିଲେ କି ତେବେ ଆଉ ଯୁଦ୍ଧ ହେବ ନାହିଁ । ମାତ୍ର ସେପରି ଆଶା କରିବାର କୌଣସି କାରଣ ନାହିଁ । କାରଣ ପ୍ରଥମତଃ ଅମିରଙ୍କ ପତ୍ର ସର୍ବସାଧାରଣଙ୍କ ମତରେ ସନ୍ତୋଷଜନକ ନୁହଇ । ବିଲାତଠାରୁ ଭାରତବର୍ଷ ପର୍ଯ୍ୟନ୍ତ ସମସ୍ତ ସମ୍ବାଦପତ୍ରର ଏହିମତ ଅଟଇ । ଅମିର ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ଯେପ୍ରକାର ଅପମାନ କରିଅଛନ୍ତି ତହିଁନିମିତ୍ତ କ୍ଷମାପ୍ରାର୍ଥନା କର ନାହାନ୍ତି କିମ୍ବା ଅନୁତାପ ପ୍ରକାଶ କରି ବିନୟଭାବରେ ଦୁଇକଥା ସୁଦ୍ଧା କହି ନାହାନ୍ତି । ବରଂ ଇଂରାଜଙ୍କର ବନ୍ଧୁତାକୁ କପଟବନ୍ଧୁତା ମଣି ତହିଁରେ ବିଶ୍ୱାସ ନ କରିବାର ସ୍ପଷ୍ଟାକ୍ଷରରେ କହି ଦେଇଅଛନ୍ତି । କାରଣ ସେ ଆପଣା ପତ୍ରର ପ୍ରଥମରେ ଲେଖି ଅଛନ୍ତି କି "ବନ୍ଧୁତା କଥାରେ ହୁଅଇ ନାହିଁ ମାତ୍ର କାର୍ଯ୍ୟରେ" ଏବଂ ଇଂରାଜମାନେ ଯେ ବନ୍ଧୁର କାର୍ଯ୍ୟ କରି ନାହାନ୍ତି ତହିଁର ଦୁଇଏକ କି ନୂତନ ଉଦାହରଣ ମଧ୍ୟ ଦେଖାଇଅଛନ୍ତି । ଏପରି ସ୍ଥଳରେ ତାହାଙ୍କର ପତ୍ର ଆସିଲା ବୋଲି କିପ୍ରକାରରେ ଯୁଦ୍ଧ ସ୍ଥଗିତ ହେବ ? ତାହାଙ୍କ ପତ୍ରର ସଂକ୍ଷେପ ଭାବ ଏହି ହେଉଅଛି ଯେ "ତୁମ୍ଭେ ଯେ ବନ୍ଧୁତା କଥା କହୁଅଛ ତାହା ଆମ୍ଭମାନଙ୍କୁ ଅସ୍ପ ନାହିଁ ତେବେ ଆମ୍ଭେ ଶତ୍ରୁତା କରିବାକୁ ଚାହୁଁ ନା ଓ ବନ୍ଧୁତା ରଖିବାକୁ ପ୍ରସ୍ତୁତ ଅଛୁଁ ତୁମ୍ଭର ଦୂତ ଫେରାଇ ଦେଲୁଁ ବୋଲି ତୁମ୍ଭେ ରୁଷ୍ଟ ହୋଇଅଛ ଏବେ ଅଳ୍ପ ସଂଖ୍ୟକଲୋକ ସହିତ ଦୂତ ପଠାଅ ଆମ୍ଭେ ସମାଦରପୂର୍ବକ ତାହାଙ୍କୁ ଗ୍ରହଣ କରିବୁଁ" । ଏପରି କଥାରେ ଯୁଦ୍ଧ ନିବାରଣ ହୁଅଇ ? ଏହା କେବଳ କାଳକ୍ଷେପ କରିବା କଥା ମାତ୍ର ଯୁଦ୍ଧ ଆରମ୍ଭ ହେଲା ଉତ୍ତାରୁ କେଉଁ ବିବେକଲୋକ ଏଥିରେ ଭୁଲିବ । ଆମ୍ଭେମାନେ ବିବେଚନାକରୁଁ ଯେ ଅବଧି ଅମିରଙ୍କର ସଦ୍‌ଜ୍ଞାନ ଉପସ୍ଥିତ ହୋଇ ନାହିଁ ଓ ସେ ଇଂରାଜଙ୍କୁ ଛଳନା କରିବାର ଚେଷ୍ଟିତ ଥାଇ ଆପେ ଆପଣାକୁ ଛଳ ପାର ନାହାନ୍ତି ।

---

## କାବୁଲ ଯୁଦ୍ଧସମାଚାର ।

ତା ୯ ରିଖ ଡିସେମ୍ବର—ଖୋଜାପାସ ପର୍ଯ୍ୟନ୍ତ ଇଂରାଜସେନା ଭ୍ରମଣ କରିଅଛନ୍ତି । ଏ ପାସରେ ଶତ୍ରୁର ସୈନ୍ୟ ନାହାନ୍ତି ଓ ଏହା ଅଧିକାର କରିବା ସହଜ ଅଟଇ । ଏଠାରୁ କାନ୍ଦାହାରର ସମଭୂମି ଦୃଶ୍ୟ ହେଉଅଛି । ଏହି ପାସକୁ ଅଧିକାର କଲେ କାନ୍ଦାହାରରେ ପ୍ରବେଶ କରିବାର ଆଉ କିଛି ବାଧା ନାହିଁ । ଜେନରଲ ବିଡଲଫସାହେବ ଖୋଜାପାସ ଅଧିକାର ନିମିତ୍ତ ଏକଦଳ ସେନା ପଠାଇବାର ଆଜ୍ଞା ପାଇଅଛନ୍ତି

ଜେନରଲ ରବର୍ଟସ ସୁତରଗରଦାନ ଦର୍ଗାକୁ ଏକଦଳ ସେନା ନେଇ ଯାଉଅଛନ୍ତି ଶୀତ ଅତ୍ୟନ୍ତ ହୋଇଅଛି ମାତ୍ର ଅବଧି ବରଫ ପଡି ନାହିଁ । ଜଣାଯାଏ ଯେ ପିଓ୍ୱାରର ସେନାଙ୍କ ଅଧିନାୟକ ହେବାକାରଣ ଅମୀର ଓ୍ୱାଲିମହମ୍ମଦଙ୍କୁ ପଠାଇଥିଲେ ମାତ୍ର ପଳାତକ ସେନାଙ୍କୁ ଦେଖି ସେ ଫେରିଗଲେ ।

ଧାକାରୁ ସମ୍ବାଦ ଆସିଅଛି ଯେ ଅମୀର ଆଖୋର ପେସବୁଲାକରେ ଥିଲେ । ବଆସଲର ଏକଦଳ ସେନା ତାହାଙ୍କୁ ଧରିବାକାରଣ ଗଲେ ମାତ୍ର ସୈନ୍ୟ ପହୁଞ୍ଚିବା ପୂର୍ବରୁ ସେ ପଳାୟନ କରିଥିଲେ ଓ ସଫେଦକୋହ ( ଶ୍ୱେତଗିରି ) ରେ ଲୁଚିଥିବାର କଥିତ ହୁଅଇ । ଦେଶୀୟ

Split by PDF Splitter

Digitized by srujanika@gmail.com

Split by PDF Splitter



ସୈନ୍ୟଙ୍କ ମଧ୍ୟରେ ରୋଗ ପ୍ରବେଶ କରିଅଛି କିନ୍ତୁ ଇଂରାଜସେନା ସୁସ୍ଥ ଅଛନ୍ତି ।

ତା୧୦ରିଖ ଡିସେମ୍ବରରେ ବମ୍ବେଇରୁ ବିଶେଷ ତାରସମ୍ବାଦ ଆସିଅଛି ଏବଂ ତହିଁରେ ପିଓ୍ୱାର ଯୁଦ୍ଧର ବିସ୍ତାରିତ ବିବରଣ ଯାହା ପ୍ରକାଶିତ ହୋଇଅଛି ତହିଁରୁ ଜଣାଯାଏ ଯେ ଜେନରଲ ରବର୍ଟସାହେବ ଅସାଧାରଣ ଜୟଲାଭ କରି ଅଛନ୍ତି । ଗୁରଖା ସିପାହିମାନେ ଏ ଯୁଦ୍ଧରେ ଭାରି ବୀରତ୍ୱ ଦେଖାଇଥିଲେ । ସେମାନେ ପ୍ରଥମେ ଶତ୍ରୁକୁ ଆକ୍ରମଣ କଲେ ଓ ଗଛ ଉଭୁଆଳରେ ରହି ଗୁଳିମାରି ସାହସପୂର୍ବକ ଶତ୍ରୁର ବାଡକୁ ଡେଇଁ ପଡିଲେ ! ଶତ୍ରୁ ଘାଟିଠାରେ କେତେଗୁଡାଏ ଛୋଟଏ ଉଚ୍ଚଲେଖାଁଏ ବାଡ ନିର୍ମାଣ କରିଥିଲେ ଏମାନେ ଏକପରେ ଏକ ସମସ୍ତ ବାଡ ଡେଇଁ କିଲ୍ଲା ପାଖରେ ପ୍ରବେଶ ହେଲେ । ଶତ୍ରୁ ମଧ୍ୟ ଯୁଦ୍ଧରେ ଭାରି ବୀରତ୍ୱ ଦେଖାଇଥିଲା କିନ୍ତୁ ଗୁରଖା ଓ ହାଇଲାଣ୍ଡର ସେନା ସଙ୍ଗେ ସରି ହୋଇ ପାରିଲା ନାହିଁ । କଥିତ ହୁଅଇ ଯେ ପିଓ୍ୱାରଘାଟି ଯେମନ୍ତ ଦୁର୍ଗମ ସ୍ଥାନ ଓ ଶତ୍ରୁ ଯେମନ୍ତ ସବଳରେ ଲଢାଇ କରୁଥିଲା ଯେବେ କେହି ବିଚକ୍ଷଣ ଜେନରଲ ଶତ୍ରୁସେନାକୁ ଆଜ୍ଞା ଦେବା ସକାଶେ ନିଯୁକ୍ତ ହୋଇଥାନ୍ତା ତେବେ ୨୦ହଜାର ଇଂରାଜ ସେନା ଏ ଘାଟିକୁ ସହଜରେ ଅଧିକାର କରି ନ ପାରନ୍ତେ । ଜେନରଲ ରବର୍ଟସ୍ ଏମନ୍ତ ବିଚକ୍ଷଣତା ସହିତ କାର୍ଯ୍ୟ କଲେ ଯେ ୩ହଜାର ସେନା ଏ କିଲ୍ଲାକୁ ଅଧିକାର କଲେ । ଶତ୍ରୁସୈନ୍ୟ ଯଥାସାଧ୍ୟ ଲଢି ଛିନ୍ନଭିନ୍ନ ହୋଇ ପଳାଇଲେ ଓ ଇଂରାଜସେନା ସଙ୍ଗିନଦ୍ୱାରା ଅନେକ ଶତ୍ରୁଙ୍କୁ ବିନ୍ଧିପକାଇଲେ । କିଲ୍ଲା ଅଧିକାର ଉତ୍ତାରୁ ଦେଖାଗଲା ଯେ ମୃତଦେହରେ ସ୍ଥାନ ଲୁଚିଯାଇ ଅଛି । ଶତ୍ରୁର ସେନା ଅଧିକାଂଶରେ ଯୁବା ପ୍ରାୟ କାହାର ବୟସ ବି୨୦ଶତିରୁ ବର୍ଷର ଅଧିକ ନୁହଇ ଏମାନଙ୍କର ସୈନ୍ୟାଧ୍ୟକ୍ଷ ଭାରି ଆଘାତ ପାଇ ଅଛି ମାତ୍ର ଧରାପଡିନାହିଁ ।

ତା ୧୩ ରିଖ ଡିସେମ୍ବରରେ ଲାହୋରରୁ ଆସିଥିବା ସମ୍ବାଦରୁ ଜଣାଯାଏ ଯେ ଜେନରଲ ରବର୍ଟସ୍ ସାହେବ ଶୁଣିଅଛନ୍ତି କି କାବୁଲରେ ଆଠ ପଲ୍ଟନ ପଦାତିକ ଅଛନ୍ତି ମାତ୍ର ସେମାନେ ଯୁଦ୍ଧ କରିବାକୁ ଇଚ୍ଛା ରଖନ୍ତି ନାହିଁ ।

ଥାକାରୁ ସମ୍ବାଦ ଆସିଅଛି ଯେ ଜେଲାଲାବାଦର ରାଜକର୍ମଚାରୀ ଏବଂ ତହିଁର ଲୋକମାନେ ଇଂରାଜଙ୍କ ଶରଣାଗତ ହେବାକାରଣ ଆସି ଅଛନ୍ତି । ମିୟାନସେଲ୍ ନାମକ ପାହାଡିଆ ଜାତିର ଲୋକ ତିନିଜଣ ଘାସକଟା ସଇସ ଓ ଜଣେ ସୁଆରକୁ ମାରିପକାଇ ଥିଲେ । ଅଶ୍ୱାରୋହିମାନେ ତାହାଙ୍କର ପ୍ରଧାନ କିଲ୍ଲା ଧ୍ୱଂସ କରିବାରୁ ସେମାନେ ନିସ୍ତେଜ ହୋଇ ଅଛନ୍ତି କଥିତ ହୁଅଇ ଯେ ଅମୀରଙ୍କର ଅଲମସଜିଦ କିଲ୍ଲାର ଅଧିନାୟକ ଗୋଲାମ ହଏଦରଖାଁନ ଯେମନ୍ତ କାବୁଲକୁ ଫେରିଗଲେ ତାହାଙ୍କୁ ତୋପରେ ଉଡାଇ ଦେଲେ ।

ତା ୧୫ ରିଖର ସମ୍ବାଦରୁ ଜଣାଯାଏ ଯେ ଜେନରଲ ବିଡୁଲ୍‌ଫ ସାହେବ ଶୀଘ୍ର ଖୋଜାକ ଘାଟିକୁ ଆକ୍ରମଣ କରିବେ । କାନ୍ଦାହାରରେ ପ୍ରବେଶ କରିବାର ସହଜ ବାଟ ମିଳିଅଛି । କୌଣସି ଘାଟିଠାରେ ଶତ୍ରୁପକ୍ଷର ସେନା ନାହିଁ ଓ ସେଠା ଲୋକମାନେ ମିତ୍ରତା ରଖିବାର ଜଣାଯାଏ । ସୈନ୍ୟଙ୍କ ଶରୀର ଓ ମନ ଅତି ଉତ୍ତମ ଅଛି ।

ତା ୧୫ ରିଖର ସମ୍ବାଦରୁ ଜଣାଯାଏ ଯେ ଜେନରଲ ରବର୍ଟସ୍ ସୁତରଗରଦାନ ଘାଟିର ଉଚ୍ଚପ୍ରଦେଶ ପର୍ଯ୍ୟନ୍ତ ଦେଖିଅଛନ୍ତି । ଏଠାର ଲୋକମାନେ ବନ୍ଧୁଭାବ ରଖନ୍ତି ଓ ବାଟରେ କେହି ଗୋଟାଏସୁଦ୍ଧା ବନ୍ଧୁକ ମାରି ନାହିଁ । ଅଲିଖେଲ ପର୍ଯ୍ୟନ୍ତ ବାଟ ନିରାପଦ ଅଛି ।

---

(ପ୍ରାପ୍ତ)

ବିଦ୍ୟାଳୟର ପାଠ୍ୟପୁସ୍ତକ ନିର୍ବାଚନ ।

ଶିକ୍ଷା ମନୁଷ୍ୟର ପ୍ରଧାନ ଭୂଷଣ, ସୁତରାଂ ସେହି ଶିକ୍ଷାକାର୍ଯ୍ୟ ସୁନ୍ଦରରୂପେ ଚଳାଇବା ନିମିତ୍ତ ଲକ୍ଷ୨ ମୁଦ୍ରା ବ୍ୟୟିତ ହେଉ ଅଛି, ତଥାପି ସ୍ଥାନ ବିଶେଷରେ ସୁବନ୍ଦୋବସ୍ତର ଅଭାବ ହେତୁ ବାଞ୍ଛିତ ଫଳ ଫଳୁ ନାହିଁ । ଉତ୍କଳ ବିଦ୍ୟାଳୟମାନଙ୍କର ଦୁରବସ୍ଥା ଚିରକାଳ ରହି ଅଛି, ଏହା କେବେ ପ୍ରକୃତ ପଦ୍ଧତି ଅବଲମ୍ବନ କରିବ ବୋଲାଯାଇ ନ ପାରେ । ପୂର୍ବତନ ଜଏଣ୍ଟ ଇନସ୍ପେକ୍ଟରମାନେ ପୁସ୍ତକ ନିର୍ବାଚନ ସମୟରେ ଏକ୨ ଶ୍ରେଣୀରେ ଦୁଇ ତିନିଖଣ୍ଡ ପୁସ୍ତକ ମଧ୍ୟରୁ ଯେ କୌଣସି ପୁସ୍ତକ ପଢାଇବା ପାଇଁ ଲିଷ୍ଟ ମଧ୍ୟରେ ପକାଇ ଦେଉ ଥିଲେ । ଏହାଦ୍ୱାରା ସବୁ ବିଦ୍ୟାଳୟରେ ସମଭାବରେ ଶିକ୍ଷା ହେଉ ନ ଥିଲା । ପୁଣି ପୁସ୍ତକ ଲେଖକମାନଙ୍କର ପ୍ରୟୋଜନ ମତ ପୁସ୍ତକ ବିକ୍ରୟ ନ ହେବାରୁ ସେମାନେ ମଧ୍ୟ ନିରୁତ୍ସାହୀ ହୋଇ ମୁଣ୍ଡରେ ହାତ ଦେଇ ବସୁଥିଲେ । ଅମ୍ଭେମାନେ ଆଶା କରିଥିଲୁଁ ଯେ ବର୍ତ୍ତମାନ ଜଏଣ୍ଟ ଇନସ୍ପେକ୍ଟରଙ୍କର ଭାଷା ବିଷୟରେ ଟିକିଏ ଦୃଷ୍ଟି ଅଛି, ଅତଏବ ସେ ଅବଶ୍ୟ ସର୍ବାପେକ୍ଷା ଯେଉଁ ପୁସ୍ତକ ଉତ୍କୃଷ୍ଟ ଜ୍ଞାନ କରିବେ ତାହାକୁ ପାଠ୍ୟ ପୁସ୍ତକ ମଧ୍ୟରେ ସ୍ଥାନ ଦେବେ, ମାତ୍ର ସେ ମହାଶୟ ପ୍ରାୟ ଦୁଇ ବର୍ଷ ହେଲା ଜଏଣ୍ଟ ଇନସ୍ପେକ୍ଟରଙ୍କ ଗାଦିକି ଅଧିକାର କରି ସେହି ପୁରୁଣା ରୀତିକି ଅନୁସରଣ କରି କୌଣସି୨ ଶ୍ରେଣୀରେ ଦୁଇ ତିନିଖଣ୍ଡ ପୁସ୍ତକର ନାମ ଲେଖି ଅଛନ୍ତି, ଏହାଦ୍ୱାରା କି ବିଶେଷ ଉପକାର ହେବ ତାହା ଅମ୍ଭେ ବୁଝି ପାରୁ ନାହୁଁ । ତେବେ ଏତିକି କୁହାଯାଇ ପାରେ ସମସ୍ତ ପୁସ୍ତକାଧିକାରଙ୍କ ପ୍ରତି ଜଏଣ୍ଟ ଇନସ୍ପେକ୍ଟର ସମ ଭାବରେ ଦୟା କରି ଅଛନ୍ତି, କିନ୍ତୁ ଏ ଦୟାରେ ଭଲ ଫଳ ନାହିଁ । ଏପରି ଦୟା ଅପେକ୍ଷା ସମ ଭାବରେ ସମସ୍ତଙ୍କର ଜ୍ଞାନ ଲାଭ ହେବାର କାର୍ଯ୍ୟକୁ ଅମ୍ଭେମାନେ ଅଧିକ କର୍ତ୍ତବ୍ୟ ମନେ କରୁଅଛୁଁ । ଯଦି ବୋଲାଯାଏ ସମାନରୂପରେ ଜ୍ଞାନ ହେବା ନିମିତ୍ତ ସେ ସମଶ୍ରେଣୀସ୍ଥ ଦୁଇ ତିନିଖଣ୍ଡ ପୁସ୍ତକ ନିର୍ବାଚନ କରିଅଛନ୍ତି, ତାହା ମଧ୍ୟ ଦେଖା ଯାଉ ନାହିଁ, ୨ ୟ ଶ୍ରେଣୀରେ "କବିତାବଳୀ" ଅଥବା "ଭ୍ରମଭଞ୍ଜନ" ଚଳିଅଛି, ଏ ସ୍ଥଳେ କବିତାବଳୀ ଓ ଭ୍ରମଭଞ୍ଜନ କଦାପି ସମଜ୍ଞାନୋତ୍ପାଦକ ପୁସ୍ତକ ନୁହନ୍ତି ଏହା ପ୍ରତ୍ୟେକ ପାଠକ ସ୍ୱୀକାର କରିବେ । ଯଦି ବୋଲାଯାଏ ସବୁ ପୁସ୍ତକ ସବୁଠାରେ ମିଳଇ ନାହିଁ, ସୁତରାଂ ଜଏଣ୍ଟ ଇନସ୍ପେକ୍ଟର ଏହିପରି ଦୁଇ ତିନିଖଣ୍ଡ ପୁସ୍ତକର ନାମ କରି ଅଛନ୍ତି, ଯାହାକୁ ଯେଉଁଠାରେ ଯେଉଁ ପୁସ୍ତକର ସୁବିଧା ଘଟିବ ସେ ତାହା ପଢାଇବ, ଅମ୍ଭେମାନେ ପୁସ୍ତକ ନ ମିଳିବାର ଆପତ୍ତିକି ଅନୁମୋଦନ କରୁ ନାହୁଁ, ଏହା ବୃଥା ଆପତ୍ତି ମାତ୍ର । ଇଂଲଣ୍ଡରୁ ପୁସ୍ତକ ଆସି ବିଦ୍ୟାଳୟମାନଙ୍କରେ ପଠିତ ହେଉଅଛି, ଉତ୍କଳ ଦେଶରେ ଓଡିଆ ପୁସ୍ତକ ସ୍ଥାନାନ୍ତରରେ ମିଳି ନ ପାରିବ ଏହାର ଅର୍ଥ କଣ ? ବର୍ତ୍ତମାନ ସ୍କୁଲର ହାକିମ ସଂଖ୍ୟା କମ ନୁହନ୍ତି, ଯେଉଁ ସ୍କୁଲ ସକାଳଓଳ ଏକ ହାକିମ ଦେଖୁଅଛି ସେ ଉପରଓଳ ଆଉ ଏକ ହାକିମ ଦେଖୁଅଛି । ଏପରି ଅବସ୍ଥାରେ ଯଦି ସବୁ ସ୍କୁଲରେ ପୁସ୍ତକ ନିୟମିତରୂପେ ନ ମିଳିବ ଓ ଶିକ୍ଷକମାନେ ସ୍ଥାନାନ୍ତରରୁ ପୁସ୍ତକ ନ ଆଣିବେ ଓ ସୁ ଶିକ୍ଷାର ବାଧା ହେବ ତେବେ ଏଥିଁପାଇ

Digitized by srujanika@gmail.com

କଏ ଦାୟୀ? ଶିକ୍ଷାବିଭାଗ ଅବଶ୍ୟ ଦାୟୀବୋଲି ସ୍ୱୀକାର କରିବାକୁ ହେବ । ଆମ୍ଭମାନଙ୍କ ମତରେ ଦୁଇଜଣ ସବଇନସ୍ପେକ୍ଟରଙ୍କୁ କେବଳ ପୁସ୍ତକ ଯୋଗାଇବା କାମରେ ନିଯୁକ୍ତ କଲେ ଉତ୍ତମ ହୁଅନ୍ତା । ପରିଶେଷରେ ଆମ୍ଭେମାନେ ଜଏଣ୍ଟ ଇନସ୍ପେକ୍ଟର ମହାଶୟଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ବାରମ୍ବାରକୁ ଆପଣା କାର୍ଯ୍ୟ ସଂଶୋଧନ କରି ସମଭାବରେ ବିଦ୍ୟାଳୟମାନଙ୍କର ଶିକ୍ଷାକାର୍ଯ୍ୟ ସମ୍ପାଦନଦ୍ୱାରା ଆମ୍ଭମାନଙ୍କର ଅଶେଷ ପ୍ରୀତିଭାଜନ ହେବେ ।

## ସାପ୍ତାହିକସଂବାଦ ।

ଖ୍ରୀଷ୍ଟିୟାନଙ୍କ ମଧ୍ୟରେ ଏକ କୌତୁକର ମୋକଦ୍ଦମା ଧରା ପଡିଅଛି । ତହିଁର ବୃତ୍ତାନ୍ତ ଏହି ଯେ ଦୀନବନ୍ଧୁ ଦାସ ନାମକ ଅନାଥବାଳକ ଦୁର୍ଭିକ୍ଷ ସମୟରୁ ପାଦ୍ରୀଙ୍କଦ୍ୱାରା ପ୍ରତିପାଳିତ ଓ ଶିକ୍ଷିତ ହୋଇ ବର୍ତ୍ତମାନ ଖୋର୍ଦ୍ଧାରେ କିଛି ବ୍ୟବସାୟ କରୁଥିଲା । ସେଠାରେ ଭାଗୀରଥୀ ସାହୁ ନାମକ ଏକ ଖ୍ରୀଷ୍ଟିୟାନ ବଢୋବସ୍ତର କଥା ଶୁଣନ୍ତି ତାଙ୍କର ଘରଭର୍ତ୍ତି ସାହୁ ଧର୍ମୋପଦେଶକ ପଦରେ ଚେଷ୍ଟିତ ଥିଲେ । ଦୀନବନ୍ଧୁ କଥିମତ ଖ୍ରୀଷ୍ଟିୟାନ ହୋଇ ନାହିଁ ଓ ହେବାର ଇଚ୍ଛାପ୍ରକାଶ କରି ଭର୍ତ୍ତି ସାହୁଙ୍କ ନିକଟରୁ ଧର୍ମସଂକ୍ରାନ୍ତ ତର୍କ ବିତର୍କ ନିମିତ୍ତ ଯତାୟାତ କଲା । ଏପରି ଘଟନାରୁ ଖ୍ରୀଷ୍ଟିୟାନମାନେ ହୋଇନଥିଲେ କରନ୍ତି ସୁତରାଂ ଦୀନବନ୍ଧୁପ୍ରତି ଆଉ କିଛି ବାଧା ରହିଲା ନାହିଁ ସେ ସକଳ ସମୟରେ ଭାଗୀରଥୀଙ୍କ ଘରକୁ ଯତାୟାତ କରି ତାଙ୍କ ଭାର୍ଯ୍ୟା ସୋନା ସଙ୍ଗେ ପାପପ୍ରଣୟ କଲା । ଏହା ପ୍ରକାଶ ହେବାରୁ ଭାଗୀରଥୀ ଆପଣା ଭାର୍ଯ୍ୟାକୁ କଟକସ୍ଥ ଘରଠାକୁ ପଠାଇ ଦେଲେ କିନ୍ତୁ "କେତେ ଦୂରେ ଚନ୍ଦ୍ର କେତେଦୂରେ କୁମୁଦିନୀ" ପ୍ରୀତିରଜ୍ଜୁ କି ସହଜେ ଛିଡଇ ? ସୋନା ବିରହ ସହ୍ୟ କରି ନ ପାରି ପ୍ରାଣବନ୍ଧୁ ଦୀନବନ୍ଧୁ ନିକଟକୁ ପତ୍ର ଲେଖନ୍ତେ ସେ ଆପଣା ବ୍ୟବସାୟ ଛାଡି ତତ୍କ୍ଷଣାତ ଖୋର୍ଦ୍ଧାରୁ ଆସି ସୋନା ଗୃହରେ ରାତ୍ରି ସମୟରେ ପ୍ରବେଶ ହେଲା । ପ୍ରୀତରେ ମଧ୍ୟ ଅନେକ ପ୍ରତିବନ୍ଧକ ଘଟେ ଘଟନାକ୍ରମେ ପ୍ରତିବାସିମାନେ ଏହା ଜାଣିପାରି ତାହା ଗୃହରେ ଉପସ୍ଥିତ ହେଲେ । ସୋନା ସାହସ ପୂର୍ବକ ଉପପତିକୁ ଆପଣା ପାର୍ଶ୍ୱରେ ଲୁଚାଇ ଅନ୍ତର କରିବାର ଚେଷ୍ଟା କଲା କିନ୍ତୁ ତାହା ନିଷ୍ଫଳ ହେଲା ଓ ଦୀନବନ୍ଧୁ ଧରାପଡି କଲନ ହୋଇ ମୁକ୍ତହସ୍ତରେ ସବୁ ସ୍ୱୀକାର କଲା । ଭାଗୀରଥୀ ଏଥିର ନାଲିଶ କରିବାରୁ ଜଏଣ୍ଟମେଜିଷ୍ଟ୍ରର ଦୀନବନ୍ଧୁକୁ ଦୌରାକୁ ଅର୍ପିତ କରିଅଛନ୍ତି । ସେ ମେଜିଷ୍ଟ୍ରେଟରେ ପାପପ୍ରଣୟ ଅସ୍ୱୀକାର କରି ପତିତ୍ରପ୍ରଣୟ ବଶରେ ସୋନା ଘରଠାରେ ପ୍ରବେଶ ହୋଇଥିବାର ଓ ପ୍ରତିବାସୀ ଖ୍ରୀଷ୍ଟିୟାନମାନେ ତାକୁ ଧରି ପୀଡା ଦେଇଥିବାର କହିଅଛି ।

ଓଡିଶା ଗେଜେଟରୁ ଜଣାଯାଏ ଯେ ଗତମାସ ତା ୨ ରଖ ପର୍ଯ୍ୟନ୍ତ କଲକର ସଂକ୍ଷିପ୍ତ ତାଲିକାରୁ ଦେଖାଯାଏ ଯେ ସତସ୍ସ୍ତା ମା ୮୬୩୧୭ ଏ ଭୂମିର ବନ୍ଦୋବସ୍ତ ହୋଇ ଅଛି । ଏ ସମସ୍ତ ବନ୍ଦୋବସ୍ତ ପାଞ୍ଚବର୍ଷୀୟା ଅଟଇ ।

ଉତ୍କଳ ଦର୍ପଣରୁ ଜଣାଯାଏ କି ବାଲେଶ୍ୱରରେ ମେଲେରିଆ ଜ୍ୱରର ଶଙ୍କା ହେବାରୁ ମିସୁନସିପାଲଟି ଘୋଷଣା ପ୍ରଚାର କରି ଅଛନ୍ତି କି " ଯେଉଁମାନେ ଘୋଷଣା ଦିଆଯିବା ସମୟରୁ ୨୪ ଘ ମଧ୍ୟରେ ଆପଣା ୨ ସୀମାରୁ ଜଙ୍ଗଲ ମଇଳା ସଫାକରି ନ ଦେବେ ସେମାନେ ଆଇନାନୁସାରେ ଦଣ୍ଡପାଇବେ " । ବଡଲୋକମାନେ ଏ ଆଜ୍ଞା ପ୍ରତିପାଳନ କରି ପାରନ୍ତି ମାତ୍ର ମଧ୍ୟବର୍ତ୍ତୀ ଲୋକ ସକାଶେ ଏ ୨୪ ଘା ଅତି ଅଳ୍ପ ସମୟ ଯେବେ ଅଧିକ ସମୟ ଦେବାରେ ଅନିଷ୍ଟର ସମ୍ଭାବନା ଥିଲା ତେବେ ମିସୁନସିପାଲଟି ସ୍ୱୟଂ ମଇଳା ପରିଷ୍କାର କରିବାର ଭାର ନେଇ ଥାନ୍ତେ ।

ସମ୍ବାଦ ବାହିକାରୁ ଜଣାଯାଏ ଯେ ମୟୂରଭଞ୍ଜର ଦୋଷମାଳର ଧାନକଟା ଉତ୍ପାତ ମକଦ୍ଦମା ତଦାରଖ କରିବା ନିମିତ୍ତ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଗଣପତିକୁମାର ଚାଟର୍ଯ୍ୟା ଓ ପୁଲିସ ଇନସ୍ପେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ବାନର୍ଯ୍ୟା ପ୍ରଭୃତି ନିଯୁକ୍ତ ହୋଇ ଅଛନ୍ତି । ତଦାରକରେ କେତେକ ଧାନଚୋରି ହେଲ ଉତ୍ପାତ ପାଇ ଯାଇ ଅଛି । ଅବଧି ତଦାରକ ଶେଷ ହୋଇ ନାହିଁ ।

ଆମ୍ଭେମାନେ ଚଳିଖିତ ପୁସ୍ତକମାନ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଯଥା; ।— ବର୍ଣ୍ଣବୋଧ ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ପ୍ରଣୀତ ସପ୍ତମ ସଂସ୍କରଣ ଓ ଭାରତବର୍ଷର ସଂକ୍ଷିପ୍ତ ଇତିହାସ ପ୍ରଥମ ଓ ଦ୍ୱିତୀୟ ଭାଗ ବାବୁ ଶିବନାରାୟଣ ନାୟକଙ୍କ ପ୍ରଣୀତ ।

ଗତ ସପ୍ତାହରୁ ଏ ନଗରରେ ଉତ୍ତମ ଶୀତ ପଡ଼ ଅଛି । ଏକା ବେଳକେ ଏତେ ଶୀତ ହେବବୋଲି କାହାର ଆଶା ନଥିଲା । କୌଣସି ରୋଗର ପ୍ରାଦୁର୍ଭାବ ନାହିଁ ମାତ୍ର ଗତ ଦୁଇଦିନରୁ ପୁଣି ମେଘୁଆ ହୋଇ ଅଛି ।

ମୋଫସଲରେ ସର୍ବେ ଏପ୍ରକାର ଲୋକଙ୍କର ଚୌର୍ଯ୍ୟବୃତ୍ତି ବିଷୟରେ ଜନରବ ଶୁଣା ଯାଏ ତାହା ସତ୍ୟ କି ମିଥ୍ୟା ନିଶ୍ଚୟ କହି ନ ପାରୁଁ ମାତ୍ର ଦଳରୁ ଫସଲ ଉଠିଯିବା ପୂର୍ବ ଏମାନଙ୍କୁ ମୋଫସଲକୁ ପଠାଇବା ଭଲ ହୋଇ ନାହିଁ ।

ଅଫଗାନ ଯୁଦ୍ଧରେ ଯାଉଥିବା ସିପାହୀମାନଙ୍କୁ ଜଣ ପ୍ରତି ଟ ୨ କୋ ନଗଦ ଏକଖଣ୍ଡ କମ୍ବଳ ଓ ଖାଦ୍ୟ ଦିଆ ଯାଇ ବିଦାୟ ଦିଆ ଯାଉ ଅଛି ।

ନାଗପୁରଠାରୁ ଛତିଶ ଗଡ ( ରାଏପୁର ) ପର୍ଯ୍ୟନ୍ତ ରେଲୱେର ନିର୍ମାଣ କରିବା କାରଣ ଗବର୍ଣ୍ଣମେଣ୍ଟ ଉଣ୍ଡିଆ ଟ ୭୪୭୮୦୦୦ କୋ ମଞ୍ଜୁର କରି ଅଛନ୍ତି । ନାଗପୁରଠାରୁ ରାଏପୁର ଯେତେ ସମ୍ବଲପୁର ଠାରୁ ରାଏପୁର ପ୍ରାୟ ତେତିକ ହେବ ଅତଏବ ଏତିକ ଟଙ୍କା ହେଲେ ସମ୍ବଲପୁର ପର୍ଯ୍ୟନ୍ତ ରେଲବାଟ ଆସି ପାରିବ ।

ଜେନେରଲ ରବର୍ଟସ୍ ସାହେବ ପିଓ୍ୱାର ଘାଟରେ ଯେଉଁ ଯୁଦ୍ଧ ଜିଣିଅଛନ୍ତି ଶ୍ରୀମତୀ ମହାରାଣୀ ତହିଁର ସମ୍ବାଦ ପାଇ ଗବର୍ଣ୍ଣରଜେନେରଲ ସାହେବଙ୍କ ନିକଟକୁ ଲେଖିଅଛନ୍ତି କି "ଜେନେରଲ ରବର୍ଟସଙ୍କ ଜୟବାର୍ତ୍ତା ଶୁଣି ଅମ୍ଭେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ମାତ୍ର ଅନିବାର୍ଯ୍ୟ ଜୀବନନାଶ ହେତୁ ଅମ୍ଭେ ଅବଶ୍ୟ ଦୁଃଖ କରୁଥିବୁଁ । ଆହତ ବ୍ୟକ୍ତିମାନଙ୍କୁ ଅମ୍ଭ ନାମରେ ଶୁଶ୍ରୂଷା କରିବ " ।

ମାନ୍ୟବର କୃଷ୍ଣଦାସପାଲ ରାଏବାହାଦୁର ପୁନବାର ବଙ୍ଗଳା ବ୍ୟବସ୍ଥାପକସଭାର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

## NOTICE.

An Uriya gentleman wishes to award a gold medal worth Rs. 25 to the candidate who will stand highest among those competing from the schools in Orissa at the University Examination for the current year the medal will be called Beames medal in honor of John Beames Esqr. our late offg. Commissioner. The medal shall be sent to the office of the Joint Inspector when the result of the examination is known.

A Public Auction of Household Furniture, Four wheeled Carriage and Horse, Piano &c. &c. will take place, at the Bunglow of Revd. W. Miller, to commence at 8 o'clock A. M. the 26th. Instant.

Cuttack December 18th, 1878.

ଏଥିଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଶ୍ରୀଯୁତ ପାଦ୍ରୀ ଡବଲିଉ ମିଲର ସାହେବଙ୍କ ବଙ୍ଗଳା ଠାରେ ଏକଯୋଡା ଘୋଡାର ଗାଡି ଓ ଏକଖଣ୍ଡ ଗାଡି ଓ ଏକଯୋଡା ପିଆନୋ ନାମକ ବାଜା ଓ ନାନାପ୍ରକାର ଘରକରଣା ସରଞ୍ଜାମ ଓ ଆଉ ପ୍ରଭୃତିର ପ୍ରକାଶ୍ୟ ନିଲାମ ହେବ ଓ ଉକ୍ତ ନିଲାମ ଚଳିତମାସ ତା ୨୬ ରିଖ ସକାଳ ଘ ୮ ଘା ଠାରେ ଆରମ୍ଭ ହେବ ।

କଟକ

୧୮୭୮ ସାଲ ତା ୧୮ ରିଖ ଡିସେମ୍ବର ।

### ବିଜ୍ଞାପନ ।

ସର୍ବସାଧାରଣଙ୍କ ଜ୍ଞାତ କାରଣ ଜଣାଇ ଦିଆଯାଉଅଛି କି ଯେ ବର୍ତ୍ତମାନରେ ଏହି କଟକସହର ମଧ୍ୟରେ ଯେଉଁ ୨ ମାଇନରସ୍କୁଲ ସବୁ ଥିଲା କ୍ରମରେ ସେମାନଙ୍କ ଗତି ପରିବର୍ତ୍ତ ହୋଇ ଯାଇଁ କେବଳ ମିଶନସ୍କୁଲ ଅଛି ଯେ ସେଠାକୁ ସମସ୍ତ ବାଳକମାନଙ୍କର ଯିବାର ସୁଯୋଗ ନ ଦେଖି ବର୍ତ୍ତମାନରେ ବାଲୁବଜାର ସଙ୍ଗତଗତର ସଙ୍ଗତବିଦ୍ୟାଳୟ କି ଯେ ଇଣ୍ଟରମିଡିଏଟ ବିଦ୍ୟାଳୟ ଥିଲା ତାକୁ ଆସନ୍ତା ଜାନୁଆରୀ ତା ୨ ରିଖଠାରୁ ମାଇନରସ୍କୁଲ କରିଯିବାର ନିଶ୍ଚୟ ହୋଇଅଛି । ମଧ୍ୟ ଉପଯୁକ୍ତ ଶିକ୍ଷକ ନିଯୁକ୍ତ କରିଯାଇ ମାଇନର ପଢାଯିବ । ସେହି ସ୍କୁଲରେ ଚଳିଖିତ ନିୟମରେ ବାଳକଙ୍କର ବେତନର ନିୟମ ହୋଇଅଛି । ଅତଏବ ଯେଉଁମାନେ ବାଳକମାନଙ୍କୁ ମାଇନର ପଢାଇବାକୁ ଇଚ୍ଛୁକ ହେବେ ସେମାନେ ଉକ୍ତ ତାରିଖଠାରୁ ବାଳକମାନଙ୍କୁ ନିୟମିତରୂପେ ଉକ୍ତ ବିଦ୍ୟାଳୟକୁ ପଠାଇବେ । ବିଶେଷ ଏହି ଯେ ମାଇନରକ୍ଲାସର ବାଳକମାନଙ୍କର ଯୋଗ୍ୟତା ବିବେଚନାରେ ଅବସ୍ଥା ଦୃଷ୍ଟିରେ ବାହା ୨ କୁ ମଧ୍ୟ ଫ୍ରି ପଢାଇବାର ନିୟମ ହୋଇଅଛି ଜାଣିବାକୁ ହେବ । ଇତି ।

ବାଳକଙ୍କର ବେତନର ନିୟମ—

| | | |
|---|---|---|
| ୧ ମ, | ଶ୍ରେଣୀରେ | ଟ ॰ ୩ |
| ୨ ୟ, | " | ଟ ॰ ୪ |
| ୩ ୟ, | " | ଟ ॰ ।✓ |
| ୪ ର୍ଥ, | " | ଟ ॰ । |
| ୫ ମ, | " | ଟ ॰ ✓ |

ଏହିରୂପ ନିୟମ ଧାର୍ଯ୍ୟ ହୋଇଅଛି ।

୧୮ । ୧୨ । ୭୮

ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ,
ସଙ୍ଗତବିଦ୍ୟାଳୟର ସମ୍ପାଦକ

☞ ଏହି ଉତ୍କଳ ଦୀପିକା ସହର କଟକ ଓଡିଆବଜାରଇଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ଶ
ସଂ ୫୧ ସଂଖ୍ୟା

ତା ୨୮ ଦଶ ମାହେ ଡିସେମ୍ବର ସନ ୧୮୭୮ ମସିହା । ମୁ । ପୌଷ ଦି ୧୪ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୨୯
ମଫସଲପାଇଁ ଡାକମାସୁଲ ଟ୧୫୵

ନଦ୍ୟା ଜିଲାର ପଥକର ତହବିଲ ତୋସରଫ ବିଷୟରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ଏକ ଆଦେଶପତ୍ର ବାହାରି ଅଛି । ସେଠାର ମାଜିଷ୍ଟ୍ରେଟ ଷ୍ଟିବେନ୍‌ସ ସାହେବଙ୍କର ଅବହେଳା ଭୁଲ ଅସାବଧାନତା ଇତ୍ୟାଦି ଦୋଷ ଦେଖାଇ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ତାହାଙ୍କୁ ବହୁତ ଭର୍ତ୍ସନା କରି ଅଛନ୍ତି ଏବଂ କହିଅଛନ୍ତି କି ସାହେବ ଯେ ପ୍ରକାର କାର୍ଯ୍ୟ କରି ଅଛନ୍ତି ତାହାଙ୍କୁ ଜଏଣ୍ଟ-ମାଜିଷ୍ଟ୍ରେଟ ପଦକୁ ଓହ୍ଲାଇ ଦେବାର ଉଚିତ ଥାଇ କିନ୍ତୁ ତେତେଦୂର କରିବାର ଆବଶ୍ୟକ ନାହିଁ । ଷ୍ଟିବେନ୍‌ସ ସାହେବ ଯେଉଁ ପଦରେ ଅଛନ୍ତି ସେହି ପଦରେ ରହିଲେ ମାତ୍ର ୨୫ ହଜାର ଟଙ୍କା ଏହାଙ୍କଠାରୁ ଆଦାୟ ହେବ ଓ ତହିଁ ସକାଶେ ପ୍ରତିବର୍ଷ ୧୦ ହଜାର ଟଙ୍କା ଲେଖାଏଁ ଏହାଙ୍କ ବେତନରୁ କର୍ତ୍ତନ ହେବ ଖଜଣାଖାନାର ଅମଲାମାନେ ବଦଳି ହେବେ ଏବଂ ଖଜଣାଖାନାର ଭାରପ୍ରାପ୍ତ ହାକିମମାନଙ୍କ ମଧ୍ୟରୁ କି ଏ କି ପରିମାଣରେ ଦାୟୀ ତାହା ନିର୍ଣ୍ଣୟ କରିବା କାରଣ ଏକ ହିସାବ ପ୍ରସ୍ତୁତ ହେଉ ଅଛି ତାହା ଦେଖି ପଶ୍ଚାତ୍ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସେ ବିଷୟରେ ଆଜ୍ଞା ଦେବେ । ବାବୁ ଯଦୁନାଥ ରାୟ ବାହାଦୂର ସହକାରୀ ସଭାପତିଙ୍କ ସମ୍ପର୍କରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର କହି ଅଛନ୍ତି କି ସେ ନାମମାତ୍ର ସଭାପତି ଥିଲେ କିଛି କାର୍ଯ୍ୟ କରୁ ନାହାନ୍ତି । ସେ ଯେତେବେଳେ ଶୁଣିଲେ ଯେ ତାହାଙ୍କର ଆତ୍ମୀୟ ଲୋକ ଚୋରି କରୁଅଛି ତତ୍କ୍ଷଣାତ୍ ତାହାଙ୍କୁ ଇସ୍ତଫା ଦେବାର ଉଚିତ ଥିଲା । ବର୍ତ୍ତମାନ୍ ତାହାଙ୍କୁ ଇସ୍ତଫା ଦେବାର ଆଜ୍ଞା ହୋଇ ଅଛି ତାହା ନ କଲେ ତାହାଙ୍କୁ ଆଇନାନୁସାରେ ମାଜୁଲ କରାଯିବ । ଆମ୍ଭେମାନେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ବିଚାରରେ ଆନନ୍ଦିତ ହୋଇ ଅଛୁଁ । ଏପରି କଠିନ ଆଜ୍ଞାମାନ ଦିଆ ନ ଗଲେ କର୍ମଚାରୀମାନେ ଆପଣା ଆପଣା ଦାୟିତ୍ୱ ଉତ୍ତମରୂପେ ହୃଦୟଙ୍ଗମ କରି ପାରିବେ ନାହିଁ । ଏଥିସଙ୍ଗେ ସମସ୍ତ ଜିଲାର ପଥକର କମିଟୀଙ୍କୁ ହିସାବପତ୍ର ଭଲକରି ବୁଝିବା ବିଷୟରେ ତାଗିଦ ହୋଇ ଅଛି ।

---

ଆମ୍ଭେମାନେ ଏଥିପୂର୍ବେ ଭାରତେଶ୍ୱରୀମନ୍ଦିର ନିର୍ମାଣ ସମ୍ପର୍କୀୟ କାର୍ଯ୍ୟ ନିର୍ବାହ ସକାଶେ ନିଯୁକ୍ତ ହୋଇଥିବା କମିଟୀର ସଭ୍ୟମାନଙ୍କର ଯେଉଁ ତାଲିକା ଦେଇଥିଲୁଁ ତହିଁରେ ଭ୍ରମକ୍ରମେ ମୟୂରଭଞ୍ଜର ମହାରାଜାଙ୍କର ନାମ ଛାଡି ଯାଇଥିଲୁଁ । ତହିଁଉତ୍ତାରୁ ଆଉ ଦୁଇଜଣ ସଭ୍ୟ ନିଯୁକ୍ତ ହୋଇ ଥିବାରୁ ବର୍ତ୍ତମାନ କମିଟୀରେ ଯେଉଁମାନେ ଅଛନ୍ତି ତାହାଙ୍କର ନାମ ତଳେ ଲେଖାଗଲା ଯଥା;—

ଶ୍ରୀଯୁକ୍ତ ମାକଫର୍ସନ୍ ସାହେବ ସଭାପତି
" ମହାରାଜା ବହାଦୁର ମୟୂରଭଞ୍ଜ
" ମହାରାଜା ବହାଦୁର କେଉଁଝର
" ବାବୁ ବୈଦ୍ୟନାଥ ପଣ୍ଡିତ ରାୟବାହାଦୂର
" ଚୌଧୁରୀ କାଶିନାଥ ଦାସ
ଶ୍ରୀଯୁକ୍ତ ବାବୁ ଜଗନ୍ମୋହନ ରାୟ
" ବାବୁ ନନ୍ଦକିଶୋର ଦାସ
" ବାବୁ ଅନ୍ନଦାପ୍ରସାଦ ଘୋଷ
" ବାବୁ ହରିବଲ୍ଲଭ ବୋଷ
" ବାବୁ ଗୌରୀଶଙ୍କର ରାୟ
କୁମାର ବୈକୁଣ୍ଠନାଥ ଦେ, ବାଲେଶ୍ୱର
ମହନ୍ତ ନାରାୟଣଦାସ, ପୁରୀ

ଏ କମିଟୀ ମଧ୍ୟରେ ଯେଉଁ ଦୁଇଜଣ ମହାରାଜା ଅଛନ୍ତି ସେମାନେ ଉକ୍ତ ଉତ୍କୃଷ୍ଟ ସମ୍ମାନ ସୂଚକ ପଦ ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦ ଗ୍ରହଣ ଉତ୍ସବ କାଳରେ ପାଇ ଅଛନ୍ତି ଅତଏବ ଭାରତେଶ୍ୱରୀମନ୍ଦିର ସହିତ ସେମାନେ ବିଶେଷରୂପେ ସଂଯୁକ୍ତ ରହି ଅଛନ୍ତି ଓ ଏହାଦ୍ୱାରା ତାହାଙ୍କର କୀର୍ତ୍ତି ମଧ୍ୟ ପ୍ରକାଶ ପାଉ ଥିବ । ସୁତରାଂ ସେମାନଙ୍କୁ ଏ ଅଟ୍ଟାଳିକା ନିର୍ମାଣ ବିଷୟରେ ଅଧିକ ମନୋଯୋଗୀ ହେବାର ଉଚିତ ଏଥକୁ ମୟୂରଭଞ୍ଜର ମହାରାଜା ଆଜିକାଲି ଓଡିଶାର ତିଲକ ହୋଇ ଅଛନ୍ତି ଏବଂ ଯେଉଁ ସ୍ଥଳେ ସେ ଶ୍ରୀଯୁକ୍ତ ରେବନ୍‌ସା ସାହେବଙ୍କ ନାମରେ କୋଡିଏହଜାର ଟଙ୍କା ଦେବାକୁ ଅଙ୍ଗୀକାର କରି ଅଛନ୍ତି ସେ ସ୍ଥଳେ ଶ୍ରୀମତୀ ଭାରତେଶ୍ୱରୀଙ୍କଠାରେ ରାଜଭକ୍ତି ଓ ତହିଁସଙ୍ଗେ ଆପଣାର ଉଚ୍ଚ ମର୍ଯ୍ୟାଦା ଲାଭର କୃତଜ୍ଞତା ପ୍ରଦର୍ଶନ ସ୍ୱରୂପ ତଦ୍ରୂପ ଉପଯୁକ୍ତ ଦାନ କରିବେ ଏଥିରେ ସନ୍ଦେହ ନାହିଁ । କେଉଁଝରର ମହାରାଜା ଏତେକାଳ ଋଣ ସୁଝିବାରେ ଲାଗିଥିଲେ

Digitized by srujanika@gmail.com

Split by PDF Splitter



କେବଳ ଏତଦ୍ବର୍ଷ ତହିଁରୁ ନିଷ୍କୃତି ପାଇଅଛନ୍ତି ଏଥି ସକାଶେ ଯଦ୍ୟପି ସେ ନର୍ଥବ୍ରୁକ ମହାତ୍ମାଙ୍କ ସଙ୍ଗେ ସହମତ ହୋଇ ପାରିବେ ନାହିଁ ତଥାଚ ଏ ମହତ୍ ଅନୁଷ୍ଠାନରେ ସେ ସାଧ୍ୟାନୁସାରେ ତ୍ରୁଟି କରିବେ ନାହିଁ ଏମନ୍ତ ଅନୁମାନ ହେଉଅଛି । ଶ୍ରୀମତୀ ଭାରତେଶ୍ୱରୀ ଯେମନ୍ତ ଯଥାର୍ଥ ଯୋଗ୍ୟପାତ୍ର ଦେଖି ଉଚିତ ସମ୍ମାନ ଦେଇ ଅଛନ୍ତି ତେମନ୍ତ ତାହାଙ୍କର ନାମ ଯେ ସେମାନଙ୍କଦ୍ୱାରା ଚିରସ୍ମରଣୀୟ ହେବ ଏଥିରେ ସନ୍ଦେହ ନାହିଁ । ଅତଏବ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ହେଉଅଛି କି ଏହି ନୂତନ ମହାତ୍ମାଙ୍କଠାରୁ କମିଟୀ ଆଶାନୁରୂପ ଉତ୍ସାହ ପାଇ ଶୀଘ୍ର ଅଟ୍ଟାଳିକା ନିର୍ମାଣ ବିଷୟରେ ଯତ୍ନଶୀଳ ହେବେ ।

## କାବୁଲଯୁଦ୍ଧ ।

ତା ୧୭ ରିଖ ଡିସେମ୍ବରରେ କାନ୍ଦାହାରରୁ ସମ୍ବାଦ ଆସିଅଛି କି ଏହିମାସ ତା ୧୩ ରିଖରେ ଏକଦଳ ମଙ୍ଗାଲଜାତୀୟ ଲୁଣ୍ଠପ୍ରିୟ କୁରମ ଉପତ୍ୟକାସ୍ଥିତ କୋହାଟ୍ ମୁକାମ ନିକଟରେ ଜେନରଲ ରବର୍ଟଙ୍କ ସେନାର ଶତ୍ରୁମାନ ଆକ୍ରମଣ କରିଥିଲେ । ଶତ୍ରୁମାନ ସମସ୍ତ ରକ୍ଷା ହେଲା ଏବଂ ଆକ୍ରମଣକାରୀଙ୍କ ମଧ୍ୟରୁ କିଛିଲୋକ ମରିପଡିଲେ । ଇଂରାଜଙ୍କର ଜ ୩ ଣ ଗୁରଖା ସିପାହି ହତ ଏବଂ କପ୍ତାନ ଗୋଡ, କପ୍ତାନ ପାଭଲ ଏବଂ ଜ ୧୩ ଣ ସିପାହି ଆହତ ହେଲେ । ଅନୁମାନ ହୁଅଇ ଅମିରଙ୍କର ପଳାତକ ସୈନ୍ୟଙ୍କ ଉତ୍ତେଜନାରେ ସେମାନେ ଏପରି କରିଥିଲେ ଏବଂ ତାହାଙ୍କ ମଧ୍ୟରେ ଅମିରଙ୍କର ସିପାହି ପରି ଲୁଗା ପିନ୍ଧିଥିବା ଲୋକ ଦେଖା ଯାଇଥିଲା । ଉକ୍ତ କପ୍ତାନ ଏବଂ ଏକଜଣ ସିପାହି ଅତ୍ୟନ୍ତ ଆହତ ହୋଇଅଛନ୍ତି ଆଉ ସମସ୍ତେ ସାମାନ୍ୟରୂପ ।

ତା ୧୮ ରିଖ ଡିସେମ୍ବରର ତାରସମ୍ବାଦରୁ ଜଣାଯାଏ ଯେ ଖାଇବାର ଘାଟି ଓ ତହିଁର ଚତୁଃପାର୍ଶ୍ୱରେ କୌଣସି ଗୋଲମାଲ ନାହିଁ ବୋଲି ଜେନରଲ ସାମବ୍ରାଉନ ଲେଖି ଅଛନ୍ତି । ଜେନରଲ ବିଡ୍‌ଲଫଙ୍କ ନିକଟରୁ ସଂବାଦ ଆସିଅଛି କି ସେ ଖୋଜାକ ଘାଟିର ପୂର୍ବଦେଶ ଅଧିକାର କରି ଅଛନ୍ତି ଏବଂ ସଡ଼କ ନିର୍ମାଣ ଓ ବାଟ ଦୁରସ୍ତ କରିବାରେ ନିଯୁକ୍ତ ଅଛନ୍ତି । ଅନେକ ଲୋକ ଶୂକର ନେଉ ଅଛନ୍ତି ଏବଂ ଘାଟିର ଆରପାଖରେ ରସଦ ମିଳିବାର ସୁନ୍ଦର ଆଶା ଦେଖାଯାଏ ।

ତା ୧୯ ରିଖରେ ଦାକାରୁ ସଂବାଦ ଆସିଅଛି କି ପ୍ରାୟ ସମସ୍ତ ସୈନ୍ୟ ଆଗରୁ ବାହାରି ଯାଇ ଅଛନ୍ତି କେବଳ ଦୁଇପଲଟନ ପଦାତିକ ଓ ଏକପକ୍ଷୀ ଘୋଡ଼ସୁଆର ପଛରେ ଅଛନ୍ତି । ଜେନରଲ ଡୋରନ୍ ଓ ମେଜର କାବାଗନାରୀ ଜେଲାଲାବାଦ ବାଟେ ହଜାରିକୁ ଯାତ୍ରା କରି ଅଛନ୍ତି । ସେମାନଙ୍କ ସଙ୍ଗରେ ପାଞ୍ଚଦିନର ଖାଦ୍ୟଦ୍ରବ୍ୟ ଅଛି ଏବଂ ପ୍ରଚୁର ରସଦ ମିଳୁଅଛି ।

କିଲ୍ଲା ଅବଦୁଲ୍ଲାଖନାଠାରୁ ତା ୧୯ ରିଖରେ ସମ୍ବାଦ ଆସିଅଛି କି ଖୋଜାକ ଘାଟି ପାରି ହୋଇ ଏକପଲଟନ ଘୋଡସୁଆର ଏକପଲଟନ ପଦାତିକ ଏବଂ ଦୁଇତୋପ ସହିତ ଗୁଲନାଜମାନେ ଅଗ୍ରସର ହେଲେ । ଶତ୍ରୁ ସଙ୍ଗେ ଭେଟ ନାହିଁ । ରସଦର କିଛି କଷ୍ଟ ହୋଇଥିବାରୁ ତାହା ପ୍ରାପ୍ତି ପକ୍ଷରେ ବିଶେଷ ଯତ୍ନ ହେଉଅଛି । ରସଦ ସସ୍ତା ହେଲେ କନ୍ଦାହାର ଉପରେ ଚଢାଉ ହେବ ।

ତା ୨୧ ରିଖର ଏକ ତାରସମ୍ବାଦରେ ଏହିପରି ଲେଖାଅଛି କି ଗବର୍ଣ୍ଣମେଣ୍ଟ ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛନ୍ତି ଯେ କାବୁଲର ଅମିର ରୁସିୟ ରାଜଦୂତଙ୍କ ସଙ୍ଗି ଅବଶିଷ୍ଟ କର୍ମଚାରୀଙ୍କ ସହିତ ତୁର୍କସ୍ଥାନକୁ ପଳାଇ ଯାଇଅଛନ୍ତି ୟାକୁବ ଖାନଙ୍କୁ ଅମିର କାରାବାସରୁ ମୁକ୍ତ କରି କାବୁଲରେ ରଖି ଆସିଛନ୍ତି ଅମିରଙ୍କର କାବୁଲରେ ପ୍ରାୟ କୌଣସି ପ୍ରଭୁତ୍ୱ ନାହିଁ ଏବଂ ତାହାଙ୍କର ପଳାୟନ ପୂର୍ବରୁ ତାହାଙ୍କର ଅନେକ ସୈନ୍ୟ ପଳାତକ ହୋଇଥିଲେ ।

ତା ୨୨ ରିଖର ବିଶେଷ ତାରସମ୍ବାଦରୁ ଜଣାଯାଏ ଯେ ସେହିଦିନ ସକାଳ ବେଳେ ଜେନରଲ ବ୍ରାଉନଙ୍କ ସୈନ୍ୟ ଜେଲାଲବାଦ ବିନା ବାଧାରେ ଅଧିକାର କଲେ ଜେଲାଲାବାଦ ନଗରସ୍ଥ ହାଟ ଦୋକାନ ସବୁ ଖୋଲା ଅଛି ଏବଂ ଲୋକମାନେ ମୈତ୍ରଭାବ ଦେଖାଉଅଛନ୍ତି ।

## ଅଫଗାନ ଯୁଦ୍ଧର ବ୍ୟୟ କିଏ ଦେବ ।

ଆଫଗାନସ୍ଥାନ ଯୁଦ୍ଧର ବ୍ୟୟ ବିଷୟରେ ଇଙ୍ଗଲଣ୍ଡରେ ଥିବା ଭାରତବର୍ଷୀୟ କାଉନ୍‌ସିଲ ମଧ୍ୟରେ ସମସ୍ତ ସଭ୍ୟଙ୍କର ଏକ ମତ ନାହିଁ । ସର୍ ଯେ, ଆର୍, ଯେଗ, ସର୍ ବାରେ ଏଲିସ ଏବଂ ସର୍ ଉଇଲିୟମ ମିଉରଙ୍କର ମତ ଏହି ଯେ ଏ ଯୁଦ୍ଧର ସମସ୍ତ ବ୍ୟୟ ଇଙ୍ଗଲଣ୍ଡକୁ ଦେବାକୁ ହେବ ଏବଂ ସର୍ ଆର୍, ମଣ୍ଟଗମେରୀ ଏବଂ ଅର୍, ଏ, ଡାଲିମ୍ପଲ ସାହେବଙ୍କର ମତ ଏହି ଯେ ଉକ୍ତ ଅଧିକାଂଶ ଭାର ଇଙ୍ଗଲଣ୍ଡକୁ ସହିବାକୁ ହେବ ।

ଭାରତବର୍ଷୀୟ ସେକ୍ରେଟରୀ ପାର୍ଲିମେଣ୍ଟରେ ପ୍ରସ୍ତାବ କରିଥିଲେ କି ଏ ଯୁଦ୍ଧର ସମସ୍ତ ବ୍ୟୟ ଭାରତବର୍ଷକୁ ଦେବାକୁ ହେବ ଆମ୍ଭମାନଙ୍କର ପରମବନ୍ଧୁ ଫସେଟସାହେବ ତହିଁର ପ୍ରତିବାଦ କରିବାରେ ସର୍ ଷ୍ଟାଫୋର୍ଡ ନର୍ଥକୋଟ ସାହେବ କି ସେ ବର୍ତ୍ତମାନ ଇଙ୍ଗଲଣ୍ଡର ଧନବିଭାଗର ମନ୍ତ୍ରୀ ଅଟନ୍ତି ଏହି ଉତ୍ତର ଦେଲେ ଯେ ଯୁଦ୍ଧର ସମସ୍ତ ବ୍ୟୟ ଏକା ଭାରତବର୍ଷର ଉପରେ ପଡିବ ଏପରି ଗବର୍ଣ୍ଣମେଣ୍ଟ ମନସ୍ଥ କରି ନାହାନ୍ତି । କିନ୍ତୁ ଉକ୍ତ ବ୍ୟୟର କେତେକ ଅଂଶ ଇଙ୍ଗଲଣ୍ଡ ଉପରେ ପଡିବ ତାହା ବର୍ତ୍ତମାନ ସ୍ଥିର ହୋଇ ନାହିଁ ପଶ୍ଚାତ୍ ଏ ବିଷୟରେ ପ୍ରସ୍ତାବ ହୋଇପାରେ । ପାର୍ଲିମେଣ୍ଟର ଉନ୍ନତ ସଭ୍ୟମାନଙ୍କର ମତ ଏହି ଯେ ଭାରତବର୍ଷର ରାଜସ୍ୱରୁ ଯାହା ଉଦ୍‌ବୃତ୍ତ ହେବ ତାହା ଭାରତବର୍ଷ ବାସୀଙ୍କର ଟାକ୍ସର ଋଣ କରିବାପକ୍ଷରେ ନିଯୁକ୍ତ ହେବ । ପାର୍ଲିମେଣ୍ଟ ସଭାରେ ଏହି ପ୍ରସ୍ତାବର ମତାମତ ପ୍ରକାଶ ହୋଇ ପରିଶେଷରେ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବ ପକ୍ଷରେ ଅଧିକାଂଶ ସଭ୍ୟଙ୍କର ମତ ପାଇଲା ଅର୍ଥାତ୍ ଗବର୍ଣ୍ଣମେଣ୍ଟଙ୍କ ସପକ୍ଷରେ ଜ ୨୩୫ ଣ ଏବଂ ବିରୁଦ୍ଧରେ ଜ ୧୨୫ ଣ ସଭ୍ୟ ମତ ଦେଲେ ।

ଉପରଲିଖିତମତେ ଅଫଗାନସ୍ଥାନ ଯୁଦ୍ଧର ବ୍ୟୟ ନିର୍ବାହ ପକ୍ଷରେ ଇଙ୍ଗଲଣ୍ଡରେ ମତର ଐକ୍ୟ ନାହିଁ । ହିନ୍ଦୁ ପେଟ୍ରିଅଟର ସମ୍ପାଦକର ମତ ଏହି ଯେ ଏ ଯୁଦ୍ଧରେ ସମସ୍ତ ବ୍ୟୟ ଇଙ୍ଗଲଣ୍ଡକୁ ଦେବାକୁ ହେବ ଆମ୍ଭେମାନେ ଏହି ମତର ଅନୁମୋଦନ କରୁଁ ପ୍ରଥମତଃ ଭାରତବର୍ଷର ଆୟରୁ ନିୟମିତ ବ୍ୟୟ ଯାଇ କିଛି ଟଙ୍କା ଉଦ୍‌ବୃତ୍ତ ହେବାର କଥା ନାହିଁ ସମ୍ପ୍ରତି ଏକ ହେସାବ ପ୍ରକାଶ ହୋଇଅଛି ତହିଁରୁ ଦେଖାଯାଏ ଯେ ଏବର୍ଷ ଶେଷରେ ଭାରତବର୍ଷର ଆୟରୁ କେବଳ ଟ୧୫,୦୦,୦୦୦ଙ୍କା ଉଦ୍‌ବୃତ୍ତ ହେବାର ସମ୍ଭାବନା ଏଥିରୁ ଯୁଦ୍ଧର ବ୍ୟୟ ଟ୧,୨୫,୦୦,୦୦୦ଙ୍କା ହେବାର ଅନୁମାନ ହୋଇଅଛି । ଦ୍ୱିତୀୟରେ ଲାଇସେନ୍ସ ଟାକ୍ସର ଆୟ ହେତୁରୁ ଯେବେ କିଛି ଟଙ୍କା ବଳିପଡିବାର କଥା ଅଛି ମାତ୍ର ଉକ୍ତ ଟାକ୍ସ ବସାଇବା ସମୟରେ ଭାରତବର୍ଷ ଗବର୍ଣ୍ଣମେଣ୍ଟ ସ୍ପଷ୍ଟାକ୍ଷରରେ ଲୋକଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ କି ଏ ଟାକ୍ସ କେବଳ ଦୁର୍ଭିକ୍ଷର ବ୍ୟୟ ନିମନ୍ତେ ବସିଲା ଓ ଏଥିର ଆୟ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ

Digitized by srujanika@gmail.com

ଏକା ବ୍ୟୟ ହେବ । ବର୍ତ୍ତମାନ ଏ ଫୌଜୀ ଯୁଦ୍ଧର ବ୍ୟୟରେ ଲଗାଇବା ଯେ ଅତ୍ୟନ୍ତ ଅନ୍ୟାୟ ଏକଥା କୋଲିବା ବାହୁଲ୍ୟ । ତଦ୍ଭିନ୍ନ ଆଫଗାନ ଯୁଦ୍ଧର ମୂଳ କାରଣ ଭାରତବର୍ଷରେ ଜାତ ନ ହୋଇ ଇଉରୋପ ସଙ୍ଗେ ସମ୍ପୂର୍ଣ୍ଣରୂପେ ସମ୍ପର୍କ ରଖଇ । ଇଙ୍ଗଲଣ୍ଡ ରୁଷିୟାକୁ ଆଟକରେ ରଖି-ବା ସକାଶେ ଚେଷ୍ଟା କରୁଅଛି ଏବଂ ରୁଷିୟା ଅମୀରଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କରିବାର ଶଙ୍କା ହେବାରୁ ଅମୀରଙ୍କ ନିକଟକୁ ଦୂତ ପଠାଇବା ଓ ସେହି ହେତୁ ଯୁଦ୍ଧରେ ପ୍ରବୃତ୍ତ ହେବାକୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ବ୍ରିଟିଶ ଗବର୍ଣ୍ଣମେଣ୍ଟଦ୍ୱାରା ବାଧ୍ୟ ହୋଇଅଛନ୍ତି । ନୋହିଲେ କାବୁଲର ଅମୀର କେମ୍ପା ରୁଷିୟା କେହି ବର୍ତ୍ତମାନ ଭାରତବର୍ଷ ସଙ୍ଗେ ଯୁଦ୍ଧ କରି-ବାକୁ ପ୍ରସ୍ତୁତ ହୋଇ ନ ଥିଲେ ଏବଂ ଭାରତବ-ର୍ଷକୁ ରକ୍ଷା କରିବାର କୌଣସି ପ୍ରୟୋଜନ ହୋଇ ନ ଥିଲା ତେବେ ଏ ଯୁଦ୍ଧର ବ୍ୟୟ କାହିଁକି ଭାରତବର୍ଷ ଉପରେ ପଡ଼ିବ । ତତ୍ପୂର୍ବେ ଇଷ୍ଟଇଣ୍ଡିୟା କମ୍ପାନି ହସ୍ତରୁ ଭାରତବର୍ଷର ଶାସନ ଯେତେବେଳେ ଇଙ୍ଗଲଣ୍ଡୀୟ ଗବର୍ଣ୍ଣ-ମେଣ୍ଟ କାଢିନେଇ ଆପଣା ସାକ୍ଷାତ ଶାସନରେ ରଖିଲେ ତେତେବେଳେ ଯେଉଁ ଆଇନ ହୋ-ଇଥିଲା ତହିଁର ଏକ ଧାରାର ମର୍ମ ଏହି ଯେ ଭାରତବର୍ଷକୁ ଅନ୍ୟ କୌଣସି କ୍ଷମତାପନ୍ନ ରାଜ୍ୟର ଆକ୍ରମଣରୁ ପ୍ରକୃତରୂପେ ରକ୍ଷା କରି-ବା ଅଥବା କୌଣସି ଅକସ୍ମାତ ଓ ନିତାନ୍ତ ପ୍ରୟୋଜନୀୟ ଘଟନାବଶତଃ ଆବଶ୍ୟକ ନ ହେଲେ ଭାରତବର୍ଷର ସୀମାର ବହିର୍ଦ୍ଦେଶରେ କୌଣସି ଯୁଦ୍ଧର ବ୍ୟୟ ଭାରତବର୍ଷର ରାଜସ୍ୱରୁ ପାର୍ଲିମେଣ୍ଟର ମଞ୍ଜୁରି ବିନା ଦିଆଯିବ ନାହିଁ । ଏହାର ଅର୍ଥ ଏହିପରି ଯେ ସମୟରେ କୋ-ଥିଲା ବା ଭବିଷ୍ୟତ ଆକ୍ରମଣ ନିବାରଣ ଅଥବା ଯଥାର୍ଥ ଆକ୍ରମଣର ପ୍ରତିବାଦ କରିବା ଭିନ୍ନ ଅନ୍ୟ କୌଣସି କାର୍ଯ୍ୟରେ ଭାରତବର୍ଷୀୟ ସେନା ଆପଣାର ସୀମା ବାହାରକୁ ଯିବେ ନାହିଁ ଓ ଯଦ୍ୟପି କୌଣସି କାରଣରୁ ପ୍ରେରିତ ହେବେ ତେବେ ତହିଁର ବ୍ୟୟ ଇଙ୍ଗଲଣ୍ଡକୁ ଦେବାକୁ ହେବ । ଏଥିରୁ ପାଠକମାନେ ସ୍ପଷ୍ଟରୂପେ ଦେଖିବେ ଯେ ନ୍ୟାୟ ବିଚାରରେ ଏବଂ ଆଇ-ନମତେ ଏ ଯୁଦ୍ଧର ବ୍ୟୟ ଭାରତବର୍ଷକୁ ଦେଣ ହୋଇ ନ ପାରେ ଓ ଇଙ୍ଗଲଣ୍ଡର ନିଷ୍ପକ୍ଷ ରାଜନୀତିଜ୍ଞମାନେ ଅନେକ ଯୁକ୍ତି ଦେଖାଇ ଏହିପରି ସିଦ୍ଧାନ୍ତ କରି ଅଛନ୍ତି ଅଥଚ ଯେ ପାର୍ଲିମେଣ୍ଟ ସଭା ଏ ଯୁଦ୍ଧର ବ୍ୟୟ ଭାରତବର୍ଷ ଉପରେ ପକାଇବାକୁ ମନସ୍ଥ କରିଅଛନ୍ତି ଏହା କେବଳ ଆମ୍ଭମାନଙ୍କର କର୍ମଦୋଷ ଅଟଇ । ଏବଂ ଏଥିରୁ ଏହିପରି ଅନୁମାନ ହୋଇପାରେ ଯେ ସଭ୍ୟମାନେ ଆପଣା ସ୍ୱାର୍ଥ ରକ୍ଷା କରିବାରେ ଯେପରି ମନୋଯୋଗୀ ଅଟନ୍ତି ଭାରତବର୍ଷର ସ୍ୱାର୍ଥ ପକ୍ଷରେ ସେପରି ନୁହନ୍ତି ଯାହା ହେଉ ସୁଖର ବିଷୟ ଏତିକି ଯେ ପାର୍ଲିମେଣ୍ଟ ସଭାରେ ଭାରତବର୍ଷର ମଙ୍ଗଳାକାଙ୍କ୍ଷିଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ହେଉଅଛି ଏବଂ ଯେପରି ମହତ୍ ବ୍ୟକ୍ତିମାନେ ଭାରତବର୍ଷର ସହାୟ ହୋଇ ସଭାରେ ଯୁଦ୍ଧ କରୁଅଛନ୍ତି ତାହାଙ୍କ ଯତ୍ନଦ୍ୱାରା ଆଜି ନ ହେଉ କାଲେ ସୁଫଳ ଫଳିବାର ସମ୍ପୂର୍ଣ୍ଣ ଆଶା ଅଛି ।

---

# ସାପ୍ତାହିକସଂବାଦ ।

ଫର୍କାବାଦର ଜଜ ଓ ସବର୍ଡିନେଟ ଜଜଙ୍କ ମଧ୍ୟରେ ହୋ-ଇଥିବା ମାରପିଟର ମାମଲାରେ ସବ୍‌ଜଜଙ୍କୁ ବରଖାସ୍ତ କରିବା ସକାଶେ ସେଠା ହାଇକୋର୍ଟ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରିଅଛନ୍ତି । ପେନସେନ ଦିଆଯିବ କି ନାହିଁ ଏବିଷୟରେ ମତାନ୍ତର ଘଟିଅଛି ।

ପ୍ରଧାନ ପାଦ୍ରିମାନେ ନିୟମ କରିଅଛନ୍ତି କି ଛାଡପତ୍ର ଦେବା ବ୍ୟକ୍ତିମାନଙ୍କୁ ପୁନର୍ବାର ବିବାହ କରିବାକୁ ଅନୁମତି ଦିଆଯିବ ନାହିଁ । ଏପରି ନିୟମ ହେଲେ ବଡ କଠିନ ହେବ ମାନ ଛାଡପତ୍ର ଆଇନର ଆଶ୍ରୟ ନେବାକୁ ଲୋକେ ବର୍ତ୍ତମାନ-ପରି ପ୍ରବୃତ୍ତ ହେବେ ନାହିଁ ।

ରୁଷୀୟା ସମ୍ବାଦପତ୍ରମାନଙ୍କରେ ଲେଖାଯାଏ ଉକ୍ତ ରାଜ୍ୟର ଦକ୍ଷିଣଭାଗରେ ଏକପଂକ୍ତି ଚୋରର ମାତ ଚତୁର୍ଦ୍ଦିଗସ୍ଥ ନିକଟ-ବର୍ତ୍ତୀ ସ୍ଥାନସମସ୍ତକୁ କମ୍ପାଇ ଦେଇଅଛନ୍ତି । ଚୋରଙ୍କରସଂଖ୍ୟା କି ୨୦୦ ଶରୁ ଅଧିକ ଏବଂ ଏହାଙ୍କର ସରଦାର ଜଣେ ଅତ୍ୟନ୍ତ ସୁନ୍ଦରୀ ତାମ୍ବୁଣୀ ଅଟଇ । ଏ ସ୍ତ୍ରୀ ପୂର୍ବେ ଏକପଂକ୍ତି ନୋଟଜାଲକାରୀଙ୍କର ସରଦାର ଥିଲା । ରୁଷୀୟ ଗବର୍ଣ୍ଣମେଣ୍ଟ ଏହାକୁ ଧରିବା କାରଣ ଏମନ୍ତ ଇଚ୍ଛୁକ ହୋଇଅଛନ୍ତି ଯେ ତନ୍ନିମିତ୍ତ ୧୫ ହଜାର ରୋବଲ ( ପ୍ରାୟ ଟ ୨୨୫୦୦ଙ୍କା ) ପାରିତୋଷିକ ଯାଚିଅଛନ୍ତି ।

ଇ'ଲିଷମାନ ଅବଗତ ହୋଇଅଛନ୍ତି କି ମଧ୍ୟପ୍ରଦେଶ ବମ୍ବେଇହାତାକୁ ବଦଳ ହୋଇଯିବାର ସମସ୍ତ କଥା ଠିକ ହୋଇଅଛି । କେବଳ ଜବଲପୁର ବିଭାଗ ଉତ୍ତର ପଶ୍ଚିମ ସଙ୍ଗେ ମିଶିବ କି ନାହିଁ ଏତିକି କଥା ବିଚାରାଧୀନରେ ଅଛି । ମଧ୍ୟପ୍ରଦେଶର ପ୍ରଧାନ କମିଶ୍ନର ମରିସ ସାହେବ ବମ୍ବେଇ କାଉଁସିଲକୁ ଯିବେ । ଆଗାମୀ ଅପ୍ରେଲ ମାସ ପ୍ରଥମ ତାରିଖ-ଠାରୁ ଏ ବନ୍ଦୋବସ୍ତ କାର୍ଯ୍ୟରେ ପରିଣତ ହେବ ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ଗତ ଶନିବାର କଲି-କତାରେ ପ୍ରବେଶ ହୋଇଅଛନ୍ତି । ଆଗାମୀ ସୋମବାର ଲେଭିସଭା ହେବ । ନବବର୍ଷାରମ୍ଭ ଦିନ ଭାରତନକ୍ଷତ୍ରର ସଭା ଏବଂ ତା ୭ ରିଖ ଜାନୁଆରୀରେ ଗବର୍ଣ୍ଣମେଣ୍ଟ ହାଉସରେ ନାଚଶାଳା ହେବ ।

ବାବୁ ଶାରଦାଚରଣ ମିତ୍ର ଏମ, ଏ, ବି, ଏଲ, ବିଜ୍ଞାନସଭା ନିମିତ୍ତ ଟ ୫୦୦ଙ୍କା ଦାନ କରିଅଛନ୍ତି ।

ମାନ୍ଦ୍ରାଜ କାଉଁସିଲର ମେମ୍ବର ସର୍ ଉଇଲିୟମ ରବିନ୍‌ସନ ସରକାରୀ କର୍ମରୁ ଅବସର ନେଇଅଛନ୍ତି । ଏହାଙ୍କପର ପଞ୍ଚ-ମର୍ଯ୍ୟାଦାତା ଅଧିକ ବିରଳ ।

ଟେଲିଗ୍ରାଫରେ ପାଠ କଲୁଁ ଯେ କୁରମକାମର ଡେରା-ରେ ୨୯ ନମ୍ବର ରେଜିମେଣ୍ଟର ଜ ୨୦ ଣ ସିପାହି ହାଜତ-ରେ ଅଛନ୍ତି । ଦୁଇଜଣ ଉପରେ ଦିନା ଆଜ୍ଞାରେ ବନ୍ଧୁକ ଫାୟର କରିବା ଏବଂ ଅବଶିଷ୍ଟ ଜ ୧୮ ଣ ଉପରେ ଯୁଦ୍ଧ ସମୟରେ ଅନୁପସ୍ଥିତ ଥିବାର ଅଭିଯୋଗ ହୋଇଅଛି । ଯୁଦ୍ଧର ନିୟମ ସମସ୍ତ ଭାରି କଠିନ ଅଟଇ ।

ଦୁର୍ଭିକ୍ଷକମିଶ୍ନରମାନେ ଅବଧି ଉତ୍ତର ପଶ୍ଚିମରେ ଭ୍ରମଣ କରୁଅଛନ୍ତି । ଚଳିତମାସ ତା ୧୫ ରିଖରେ ଏଲାହାବାଦରେ ପହଞ୍ଚିଥିଲେ । ସେଠାରୁ କେଉଁଠାକୁ ଯିବେ ସ୍ଥିର ହୋଇ ନାହିଁ ।

ବମ୍ବେଇ ଗବର୍ଣ୍ଣମେଣ୍ଟଙ୍କ ଅନୁରୋଧକ୍ରମେ ସିନ୍ଧୁପ୍ରଦେଶର ପ୍ରଜାମାନଙ୍କୁ ବହନ ଗୋରୁ ଇତ୍ୟାଦି କଣିବା କାରଣ ଟ ୫୩୮୯୫ ଙ୍କା ଦାଦନ ଦେବାକୁ ଗବର୍ଣ୍ଣମେଣ୍ଟ ଇଣ୍ଡିୟା ମଞ୍ଜୁର କରିଅଛନ୍ତି ।

ସମ୍ପ୍ରତି ଅମ୍ବାଲାରେ ଶିଖମାନେ ରାଜଭକ୍ତି ଦେଖାଇବା କାରଣ ଏକ ସଭା କରିଥିଲେ । ମହାମାନ୍ୟ ଗବର୍ଣ୍ଣର ଜେନେ-ରଲ ସାହେବ ତାହା ଦେଖିବାକୁ ଯାଇ ତାହାଙ୍କ ସୁବର୍ଣ୍ଣ-ମନ୍ଦିର ନିମିତ୍ତ ଟ ୫୦୦ ଙ୍କା ଦାନ କରି ସେଠାରେ ଥିବା ଶିଖମାନଙ୍କର ଧର୍ମଗ୍ରନ୍ଥ ସକାଶେ ଏକ ଭଲ ଗୃନ୍ଥିଆ ଦେବା କାରଣ ଅଙ୍ଗୀକାର କରିଅଛନ୍ତି । ପାଦ୍ରିମାନେ ଏଥିରେ ବିରକ୍ତ ହୋଇପାରନ୍ତି ।

କଲିକତା ଓ ତହିଁ ଆସପାଶ ଧୋବାମାନେ ଇଂରାଜୀ ଓ ବଙ୍ଗଳା ଅକ୍ଷରରେ ଛପାଇ ଏଥର ଏକ ସର୍କୁଲର ଜାରୀ କରିଅଛନ୍ତି । ତାହାର ମର୍ମ ଏହି ଯେ ଆମ୍ଭେମାନେ ପୂର୍ବଠାରୁ ବର୍ତ୍ତମାନ ଡବଲ ଖର୍ଚ୍ଚ କରି ଲୁଗା କାଚୁଅଛୁଁ, ମସଲା ଓ ପରିଶ୍ରମର ମୂଲ୍ୟ ଦୁଇଗୁଣ ହୋଇଗଲା ତାହାଛଡା ନୂତନ ଲାଇସେନ୍‌ସ ଟେକ୍‌ସ ଲଗୁଅଛି । ଏମାନଙ୍କର ଯୁକ୍ତିସବୁ ଅକାଟ୍ୟ ଅଟଇ । ଏକାବେଳକେ ହିସାବ ଯୋଡି ଦେଖାଇ ଦେଇଗଲେନ୍ତି ସାହେବୀ ଓ ମୋଗଲାଇ ପ୍ରଭୃତି ବିଦେଶୀୟ ପୋଷାକ ଶତକଡା ଟ ୭ଙ୍କା ସାଧାରଣ ବସ୍ତ୍ରାଦି ତିନିଟଙ୍କା ଏବଂ ନଗଦ ଖଣ୍ଡକୁ ତିନିପଇସା ହିସାବରେ ନେବେ । ଏରୂପ ଧର୍ମଘଟ କରିଗଲେନ୍ତି ଯେ କେହି ଲୁଗାକୁ କମଦାମରେ ଲୁଗା କାଚିପାରିବେ ନାହିଁ । ଶୁଣାଗଲା ଜଣେ ଧୋବା ସଭା ଇତ୍ୟାଦିର ଖର୍ଚ୍ଚପାଇଁ ଟ ୨୦୦ଙ୍କା ବ୍ୟୟ କରିଗଲା । ଏମା-ନଙ୍କର ଏତେ ଏକତା ଦେଖି ଆମ୍ଭେମାନେ ଖୁସି ହୋଇ-ଅଛୁଁ । ଭଦ୍ର ଉମେଦୱାର ମହାଶୟ କେତେକଜଣ ଧୋବାର କାର୍ଯ୍ୟହିଁ ହେଲେ କରନ୍ତୁ ! ସେଥିରେ କ୍ଷତି କଣ ଅଛି ?

ସୁ, ସ.

ନଜାର ମାନ୍ଦା ଥିବାରୁ ବମ୍ବେଇର ସାତଗୋଟା ଦେଶୀୟ ବ୍ୟବସାୟୀ କୋଠି ଟଙ୍କା ଦେବାର ବନ୍ଦ କରିଅଛନ୍ତି । ଏ କୋଠି ସମସ୍ତ କପା ଓ କପାସୂତାର ବେପାର କରନ୍ତି । ଏମାନଙ୍କର ଦେଣ ପ୍ରାୟ ଦଶଲକ୍ଷ ଟଙ୍କା ହେବ ।

କାବୁଲଯୁଦ୍ଧ ଶେଷ ହେଲେ ହିନ୍ଦୋସ୍ଥାନ ଓ ଆଫଗାନ ସ୍ଥାନର ସୀମାବନ୍ଦୀ ହେବ । କଥିତ ହୁଅଇ ଯେ ଉକ୍ତ ସୀମା ସୁଲେମାନ ପର୍ବତ ହେବ ଓ ଏଥିମଧ୍ୟରେ ସିନ୍ଧୁନଦୀଠାରୁ କାନ୍ଦାହାର ଉପତ୍ୟକାର ସୁତରଗରଦାନ ଘାଟି ପର୍ଯ୍ୟନ୍ତ ରହିବ । କାବୁଲରୁ ଏତିକି ଭୂମି ବାହାରିଯିବ ଓ ଇଂରାଜ-ମାନେ ନିଶ୍ଚୟ ଏହା ଅଧିକାର କରିବେ ।

ଯେସମସ୍ତ ଅଫଗାନତୋପ ଏପର୍ଯ୍ୟନ୍ତ ଧରା ହୋଇଅଛି ସେସମସ୍ତ ପିତଳ ଲୁହା ବା ଇସ୍ପାତ ନିର୍ମିତ ଅଟଇ ଓ କେତେ

ବର୍ଷ ତଳେ ଇଂଲଣ୍ଡ ଗବର୍ଣ୍ଣମେଣ୍ଟ ଅମିରଙ୍କୁ ଯେଉଁ ତୋପମାନ ପାରିତୋଷିକ ଦେଇଥିଲେ ସେହି ଅବସରରେ ହୋଇଅଛି ଏହାହାସ୍ୟ ଅବ୍ରେଇହଜାର ଗଜ ଦୂରରୁ ଉତ୍ତମରୂପେ ରକ୍ଷା କରଇ ।

ଗତ ତୋପମାନରେ ମାଲ୍ଟିନି ଇପକୁଲବେ ସମୁଦ୍ରହଦ ଏମନ୍ତ ପ୍ରବଳ ହୋଇଥିଲା ଯେ ଦୁଇବନପର୍ଯ୍ୟନ୍ତ କୂଳକୁ ଯିବା ଅସିବା ଏକାବେଳକେ ବନ୍ଦ ହୋଇଥିଲା ।

ଦେଇନପୂର ଲହୋରରୁ ସମ୍ବାଦ ପାଉଅଛନ୍ତି ଯେ ଜବର୍ଦ୍ଧ ଦୁଇଜଣ ରୁଶୀୟକର୍ମଚାରୀ ଜଣେ ଡାକ୍ତର ଓ ଜ ୩୦ ଣ କୋସାକସୈନ୍ୟ କାବୁଲରେ ଅଛନ୍ତି । ଏକଥାଟା ପ୍ରତ୍ୟୟ ହେଉ ନାହିଁ ।

କପ୍ତାନ ମାକଲିନ ଅଲିମସଜିଦ ଯୁଦ୍ଧରେ ଅହତ ହୋଇଥିଲେ ତାହାଙ୍କର ମୃତ୍ୟୁ ହେବାର ଜନରବ ଉଠିଥିଲା ମାତ୍ର ଅମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଉକ୍ତ ଜନରବ ମିଥ୍ୟା ଅଟଇ ।

ବର୍ତ୍ତମାନ ନିଶ୍ଚିତରୂପେ ଜଣାଯାଉଅଛି ଯେ ଅଲିମସଜିଦ ସ୍ଥାନରେ ସବସୁଦ୍ଧା ଜଣ୨୦୦୦ ଣ ସୈନ୍ୟ ଥିଲେ । ଏଥିମଧ୍ୟରେ କୁଇଣଚ ଘୋଡସୁଆର ଜ୨୫୦୦ ଣ ବନ୍ଧୁକଧାରୀ ପଦାତିକ ଦୁଇପଲଟନ କୋଲଦାନ ଥିଲେ । ଘୋ ୨୪ ଟା ତୋପ ଏହାଙ୍କ ସଙ୍ଗରେ ଥିଲା ସବୁ ଧରା ପଡିଅଛି । ଅଶ୍ୱାରୋହୀଙ୍କ ମଧ୍ୟରୁ ଅନେକ ଘୋଡ଼ା ଓ ସିପାହୀ ମରି ପଡିଲେ ଏବଂ ପଦାତିକ ମଧ୍ୟରୁ କେବଳ ଏକ ରେଜିମେଣ୍ଟ ଅସ୍ତ୍ର ଘେନି ପଳାଇ ଗଲେ । ଅନ୍ୟ କେତେ ଧରାପଡିଲେ ଓ କେତେ ଅସ୍ତ୍ର ଶସ୍ତ୍ର ପକାଇଲେ ।

କୁଚବେହାରର ରାଜା ଯେତେଦିନ ସକାଶେ ବିଲାତକୁ ଯାଇ ଅଛନ୍ତି ତହିଁରୁ ଅଧିକ ଦିନ ରହିବା କାରଣ ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କର ଅନୁମତି ପ୍ରାର୍ଥନା କରି ଅଛନ୍ତି । ରାଜାଙ୍କର ଇଚ୍ଛା ଯେ ସେଠାରେ ପ୍ରବେଶିକା ପରୀକ୍ଷା ଦେଇ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବେ । ରାଣୀମାନେ ଏଥିରେ ସମ୍ମତ ନାହାନ୍ତି ।

## ପ୍ରେରିତପତ୍ର ।

### ପୁରୀର ଗୋଟିଏ ଦୁଃଖର କାହାଣୀ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସନ୍ନିଧେଷୁ ।

ସମ୍ପାଦକ ମହାଶୟ !

ଏହି ଦୁଃଖାବହ ସମାଚାରଟି ଲେଖିବାକୁ ଲେଖନୀ ଧରିବା ସମୟରେ ହୃଦୟ ବିଦୀର୍ଣ୍ଣପ୍ରାୟ ହେଉଅଛି ।

ରାଜାମାନେ ପ୍ରଜାମାନଙ୍କର ଦୁଃଖନିବେଦନ ସ୍ଥଳ; ଏହା ଜାଣି ଅଦ୍ୟ ଅମ୍ଭେମାନେ ପ୍ରଜାବତ୍ସଳ ଶ୍ରୀଯୁକ୍ତ ଅର୍ମଷ୍ଟ୍ରଂ ସାହେବ ମହୋଦୟଙ୍କ ନିକଟରେ ଏହି ଅବେଦନର ସହିତ ଉପସ୍ଥିତ ହେଉ ଅଛୁଁ । ଉକ୍ତ ମହାତ୍ମା ଯେ ସତ୍ୟ ଓ ନ୍ୟାୟର ପଥରୁ ରେଖାମାତ୍ର ମଧ୍ୟ ବ୍ୟତିକ୍ରମ ନ କରନ୍ତି, ଏହା ତାଙ୍କ ବିବିଧ କାର୍ଯ୍ୟ ଦର୍ଶନେ ଅମ୍ଭମାନଙ୍କର ସମ୍ପୂର୍ଣ୍ଣ ହୃଦୟଙ୍ଗମ ହୋଇଅଛି ଅତଏବ ଅମ୍ଭମାନଙ୍କର ଅଟଳ ବିଶ୍ୱାସ ଏହି ଯେ ସାହେବ ମହୋଦୟ ଅମ୍ଭମାନଙ୍କର ନିମ୍ନଲିଖିତ ଅବେଦନଟି ଦୟାର୍ଦ୍ର ଚିତ୍ତରେ ଶୁଣିବେ ।

ଅମ୍ଭେମାନେ ପୁରୀର କତିପୟ ଶିକ୍ଷିତ ଓ ଭଦ୍ରବ୍ୟକ୍ତିମାନଙ୍କୁ ପ୍ରାର୍ଥନା କରିବାରୁ ସେମାନେ ଅମ୍ଭମାନଙ୍କର ଦୁରବସ୍ଥା ଜାଣି ଅମ୍ଭମାନଙ୍କ ବାଳକମାନଙ୍କ ବିଦ୍ୟାଶିକ୍ଷା ସକାଶେ ଏଠାରେ ଗୋଟିଏ ମାଇନର ସ୍କୁଲ ସ୍ଥାପନ କରି ଅଛନ୍ତି ଅମ୍ଭେମାନେ ଭରସା କରିଥିଲୁ ଯେ ଅମ୍ଭମାନଙ୍କର ସନ୍ତାନମାନେ ପ୍ରତିଦିନ ଯଥା ସମୟରେ ଭୋଜନ କରି ବିଦ୍ୟାଳୟରେ ଉପସ୍ଥିତ ହେବେ ଏହା ସୁକଠିନ ଅଟଇ ।

ପୁରୀର ଏହି ଶୋଚନୀୟ ଅବସ୍ଥା ଦୃଷ୍ଟି କରି କଲିକତାର ମହାରାଜା ମଧ୍ୟ ଏଠାରେ ଗୋଟିଏ ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରି ତହିଁର ଛାତ୍ରମାନଙ୍କର ବେତନାଦି ନିମିତ୍ତ ମାସିକ ବୃତ୍ତି ମଧ୍ୟ ସ୍ଥାପନ କରି ଦେଇ ଅଛନ୍ତି । ଏହି ବିଦ୍ୟାଳୟଦ୍ୱାରା ଯେ ଦେଶର କେତେଦୂର ମଙ୍ଗଳ ସାଧିତ ହୋଇଅଛି, ତାହା ଉତ୍କଳବାସୀ ସମସ୍ତ ରାଜପୁରୁଷ ଓ ଭଦ୍ରମଣ୍ଡଳୀ ସବିଶେଷ ଅବଗତ ଅଛନ୍ତି ।

ପୁରୀର ଏହିପରି ଦୁର୍ଦ୍ଦଶା ଦୃଷ୍ଟିରେ ଯେ ଅତିଭବ୍ୟ ଭଦ୍ରବ୍ୟକ୍ତିମାନେ ଗୋଟିଏ ମାଇନର ସ୍କୁଲ ସ୍ଥାପନ କରି ଅଛନ୍ତି, ତଦ୍ୱାରା ଅମ୍ଭେମାନେ ଅତ୍ୟନ୍ତ ଉପକୃତ ହୋଇ ଅଛୁଁ । କିନ୍ତୁ ଦୁଃଖର ବିଷୟ ଯେ ଇଙ୍ଗରେଜୀ ସ୍କୁଲର ହେଡମାଷ୍ଟର ଶ୍ରୀ ବାବୁ ରାମଦାସ ଚକ୍ରବର୍ତ୍ତୀ ମହାଶୟ ବଙ୍ଗଦେଶୀୟ ହେବାରୁ ପୁରୀର ଅବସ୍ଥାନ ଜାଣି ନ ପାରି ଏହି ନୂତନ ସ୍କୁଲଟିର ବିନାଶ ସାଧନରେ ଉଦ୍ୟତ ହୋଇଛନ୍ତି । ଶୁଣୁଅଛୁଁ ଯେ ବାବୁ ମହାଶୟ କମିଟୀରେ ପ୍ରସ୍ତାବ କରି ସ୍କୁଲଟିକୁ ଉଠାଇ ଦେବାପାଇଁ ଯତ୍ନ ଅଛନ୍ତି ।

ହେଡମାଷ୍ଟର ମହାଶୟଙ୍କ ପରି ଭଦ୍ରବ୍ୟକ୍ତି ଜଣେ ଯେ ଏପରି ଏକ ଅସାମାନ୍ୟ ଦୂରଦର୍ଶିତା କାର୍ଯ୍ୟରୁ ତାହାଙ୍କ ଶିକ୍ଷିତ ମନରେ ସ୍ଥାନଦାନ କରି ଅଛନ୍ତି ଏହା ଅତ୍ୟନ୍ତ ଶୋଚନୀୟ ଅଟେ ।

ଏଠାରେ ଅମ୍ଭେମାନେ ଅନନ୍ୟୋପାୟ ହୋଇ ପ୍ରଜାବତ୍ସଳ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ୍‌ସାହେବ ମହୋଦୟଙ୍କଠାରେ ଶରଣାଗତ ହେଉଅଛୁଁ, ଯେପରି ପୁରୀର ଦୀନହୀନ ପ୍ରଜାମାନଙ୍କର ସନ୍ତୋଷରୁ ଉଚ୍ଚଶ୍ରେଣୀର ଉନ୍ନତି କରି ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ଉନ୍ନିତ ହୋଇଅଛନ୍ତି, ସେହିପରି ସାହେବମହୋଦୟ ଅମ୍ଭମାନଙ୍କଠାରେ ସ୍ୱାଭାବିକ ବାତ୍ସଲ୍ୟ ପ୍ରକାଶ କରି ଏହି ସ୍କୁଲଟିକୁ ଚିରସ୍ଥାୟୀ କରି ରଖିଲେ ତାହାଙ୍କର ବିଦ୍ୟାପ୍ରତି ଅନୁରାଗ

ଓ ଦରିଦ୍ର ବାଳକମାନଙ୍କ ପ୍ରତି ସହାନୁଭୂତିର ପ୍ରଗାଢ ପ୍ରମାଣ ସ୍ୱରୂପ ଏହି ସ୍କୁଲଟିକୁ ଅମ୍ଭେମାନେ ଚିରକାଳ ସ୍ମରଣ କରୁଥିବୁଁ ।

ପୁରୀର ଦୀନହୀନ ପ୍ରଜାବର୍ଗ


## ADVERTISEMENT.

Wanted a professional Surveyor fo[r] the proposed Orissa Coast Cana[l]. Salary Rs. 50 including travellin[g] allowance.

Applications with copies of testimo[-]nials to be sent to the undersigned o[n] or before the 1st. January 1879.

MOHANUNDA GUPTA.
*Land Acquisition Dy. Collector.*
BALASORE.

A Building has been erected on th[e] site of the Old Mission Chapel to b[e] used as a Public Book and Reading Room &c. It is now open from 7 t[o] 10 A. M. and 3 to 6 P. M.

Bibles and other Books in th[e] English, Oriya, Bengali, Urdu an[d] Hindee languages are for sale at [a] small price.—All are invited to visi[t] the Room.

Cuttack December 18th 1878.


An Uriya gentleman wishes to awar[d] a gold medal worth Rs. 25 to th[e] candidate who will stand highes[t] among those competing from th[e] schools in Orissa at the University Examination for the current year th[e] medal will be called Beames medal i[n] honor of John Beames Esqr. our lat[e] offg. Commissioner. The medal shal[l] be sent to the office of the Joint Ins[-]pector when the result of the examination is known.

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ରମେଶଚନ୍ଦ୍ର ମଣ୍ଡଳ | ଜାଲେଶ୍ୱର | ବାଲେଶ୍ୱର | ଟ ୬୮ |
| ମୁନସୀ ମୁରିଦଅଲି ମହମ୍ମଦ | କଟକ | ,, | ଟ ୬୮ |
| ଶ୍ରୀ ଶ୍ରୀ ରାଜା ବାହାଦୁର | ଜୟପୁର | ଗଡଜାତ | ଟ ୬୮ |
| ଶ୍ରୀ ଶ୍ରୀ ରାଜା ବାହାଦୁର | ନରସିଂହପୁର | ,, | ଟ ୬୮ |
| ବାବୁ ରାଧାଚରଣ କାନୁନ | କଟକ | ବାଲେଶ୍ୱର | ଟ ୪୮ |
| ମୁନସୀ ଖାଜା ଦେଓଲତଅଲି | ଜାଲେଶ୍ୱର | ,, | ଟ ୬୮ |
| ବାବୁ ପୁରୁଷୋତ୍ତମ ପଣ୍ଡା | କଟକ | ,, | ଟ ୬୮ |
| ,, ଗୋବିନ୍ଦ ଦାସ | ଦେଓଘର | ଗଡଜାତ | ଟ ୩। |

ଏହି ପତ୍ରିକା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ...

Split by PDF Splitter
Digitized by srujanika@gmail.com